Vol.-I, Issue No-23
1-15 February 2023
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ
## Odisha Sanket



ଆଉ ନାହାନ୍ତି ପ୍ରଖ୍ୟାତ ଚିତ୍ରଶିଳ୍ପୀ ଲଳିତା

RNI Regd. No. - ODIODI/2022/82445 | ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା | R.N.I. Title Code-ODIODI08118

# ଓଡ଼ିଶାବାସୀଙ୍କ ପାଇଁ ନିରାଶାର ବଜେଟ୍



**ଭୁବନେଶ୍ୱର:** ଇତି ମଧ୍ୟରେ ରାଜ୍ୟ ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ବର୍ଷର ବଜେଟ ଉପସ୍ଥାପିତ କରିଛନ୍ତି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭାର ମଧ୍ୟ ନିର୍ବାଚନ ହେବାକୁ ଯାଉଥିବାରୁ ଏହି ବଜେଟକୁ ସରକାରଙ୍କ ଚଳିତ ପାଳିର ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ ବୋଲି କୁହାଯାଇପାରେ। ସେହି କାରଣରୁ ଚଳିତ ବଜେଟ୍ ନେଇ ରାଜ୍ୟବାସୀ ସରକାରଙ୍କଠାରୁ ଅନେକ ଆଶା କରୁଥିଲେ। କିନ୍ତୁ ଏହି ବଜେଟ ସେହିଭଳି ଲୋକଙ୍କ ପାଇଁ ନିରାଶାଜନକ ହୋଇଛି। ଯଦିଓ ନିର୍ବାଚନକୁ ଆଖି ଆଗରେ ରଖି ସରକାର ଚଳିତ ବଜେଟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ପରି ସମାଜର କିଛି ଖାସ୍ ଗୋଷ୍ଠୀଙ୍କୁ ଖୁସି କରିବାକୁ ଉଦ୍ୟମ କରିଛନ୍ତି କିନ୍ତୁ ସାମଗ୍ରିକ ଭାବେ ଏହା ରାଜ୍ୟବାସୀଙ୍କ ସମସ୍ୟାର ସମାଧାନ କରିବା ଦିଗରେ ବିଫଳ ହୋଇଛି।

ଚଳିତ ବର୍ଷ ବଜେଟରେ ସରକାର ମୋଟ ୨.୩୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଗତବର୍ଷର ବ୍ୟୟବରାଦ ଦୁଇ ଲକ୍ଷ କୋଟି ତୁଳନାରେ ଏହା ଅଧିକା ହେଲେ ବି କୌଣସି ମତେ ଆଖିଦୃଶିଆ ନୁହେଁ। ବଜାରର ଦରବୃଦ୍ଧିକୁ ଦେଖିଲେ ବ୍ୟୟବରାଦରେ ଏହି ବୃଦ୍ଧିକୁ ସ୍ୱାଭାବିକ ବୋଲି କୁହାଯିବ। ତେବେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ଆୟରେ ବୃଦ୍ଧି, ଖଣିଜ ସମ୍ପଦର ରୟାଲିଟି ବାବଦରେ ସଂଗୃହୀତ ଆୟରେ ବୃଦ୍ଧି ତଥା କେନ୍ଦ୍ର ଟିକସରୁ ରାଜ୍ୟର ଭାଗ ବାବଦରେ ମିଳିବାକୁ ଥିବା ରାଶିରେ ହେବାକୁ ଥିବା ସମ୍ଭାବିତ ବୃଦ୍ଧି କାରଣରୁ ସରକାରଙ୍କ ବଜେଟ୍ ଆୟରେ ବୃଦ୍ଧି ହୋଇଛି ବୋଲି କୁହାଯାଇପାରେ। କିନ୍ତୁ ରାଜ୍ୟ ସରକାର ଏହାକୁ ଅଭୂତପୂର୍ବ ବୃଦ୍ଧି ବୋଲି ଦାବି କରିବା ସହ ନବୀନ ସରକାରଙ୍କ ଗତ ୨୩ ବର୍ଷର ଶାସନ କାଳରେ ବଜେଟର କଳେବରଟି ୩୫୩୮ କୋଟିରୁ ୩୫ ଗୁଣ ବୃଦ୍ଧି ପାଇ ୨.୩ ଲକ୍ଷ କୋଟିରେ ପହଂଚିଛି ବୋଲି କହିଛନ୍ତି।

କୃଷିକ୍ଷେତ୍ର ପ୍ରତି ସରକାରଙ୍କ ଅବହେଳା ବଜେଟରେ ସ୍ପଷ୍ଟ ଉଜାଗର ହୋଇଛି। ଯଦିଓ ସରକାର ଚଳିତ ବଜେଟରେ କୃଷି ପାଇଁ ଗତବର୍ଷ ତୁଳନାରେ ଏହାର ୧୧% ଅଧିକ ଅର୍ଥାତ୍ ୨୪,୮୨୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ବୋଲି କହିଛନ୍ତି। କିନ୍ତୁ ରାଜ୍ୟର କୃଷି କ୍ଷେତ୍ରର ଆବଶ୍ୟକତା ତୁଳନାରେ ଏହି ରାଶି ବହୁତ କମ୍ ବୋଲି କୁହାଯାଇପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୧୩ ମସିହାରୁ ସରକାର ସ୍ୱତନ୍ତ୍ର ଭାବେ କୃଷି ବଜେଟ୍ ଘୋଷଣା କରୁଥିଲେ ବି ରାଜ୍ୟର କୃଷକମାନଙ୍କ ଆର୍ଥିକ ସ୍ଥିତିରେ ସେଭଳି କୌଣସି ଆଖିଦୃଶିଆ ପରିବର୍ତ୍ତନ ଦେଖିବାକୁ ମିଳିନି। ରାଜ୍ୟରେ କୃଷି ପାଇଁ ଆବଶ୍ୟକୀୟ ଗୋଦାମ, ଶୀତଳ ଭଣ୍ଡାର, ଜଳସେଚନର ବ୍ୟବସ୍ଥା, ବଜାର ପ୍ରାଙ୍ଗଣ ଆଦି କୃଷି ଭିତ୍ତିଭୂମିରେ ବିକାଶ କରିବାରେ ମଧ୍ୟ ସରକାର ଏକଦମ୍ ବିଫଳ ପ୍ରମାଣିତ ହୋଇଛନ୍ତି।

ଚଳିତ ବଜେଟରେ ମଧ୍ୟ ରାଜ୍ୟରେ କୃଷି ଭିତ୍ତିଭୂମି ବାବଦରେ ସରକାରଙ୍କ ବ୍ୟୟବରାଦ ଏକଦମ୍ ନିରାଶଜନକ ରହିଛି। ଯଦିଓ ସରକାର କୃଷି ପାଇଁ ବ୍ୟୟଭାର ବୃଦ୍ଧି କରିଛନ୍ତି ବୋଲି ଦାବି କରିଛନ୍ତି। କିନ୍ତୁ ସରକାରଙ୍କ କୃଷି ସମ୍ପର୍କିତ ମୁଖ୍ୟ ଯୋଜନାଗୁଡ଼ିକୁ ଦେଖିଲେ ତାହା ଜଣାପଡୁନାହିଁ। ରାଜ୍ୟର ମୋଟ ୪୧.୮ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮.୬୯ ଲକ୍ଷ ଭୂମିହୀନ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବହୁ ପ୍ରଚାରିତ "କାଳିଆ" ଯୋଜନାରେ ବ୍ୟୟବରାଦକୁ ଗତବର୍ଷ ତୁଳନାରେ ହ୍ରାସ କରିଛନ୍ତି। ଗତବର୍ଷ ୧୯୭୮.୯୬ କୋଟି ଥିବା ବେଳେ ଚଳିତ ବର୍ଷ ତାହା ୧୮୭୯ କୋଟିକୁ ହ୍ରାସ ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବାବଦରେ ସରକାର ଗତବର୍ଷ ୬୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ଚଳିତ ବର୍ଷ ମଧ୍ୟ ତାକୁ ସ୍ଥିର ରଖିଛନ୍ତି। ଯଦି ବଜେଟର ହାର ହିସାବରେ ଦେଖାଯିବ, ତାହେଲେ ଫସଲ ବୀମା ବାବଦରେ ସରକାର ଗତବର୍ଷ ୦.୩% ବ୍ୟୟବରାଦ କରିଥିବା ବେଳେ ଚଳିତ ବର୍ଷ ତାକୁ ମୋଟ ବଜେଟର ୦.୨୬%କୁ ହ୍ରାସ କରିଛନ୍ତି।

କୃଷି ବିଶେଷ କରି ଜଳସେଚନ ନେଇ ବଡ଼ ବଡ଼ ଘୋଷଣା ସତ୍ତ୍ୱେ ରାଜ୍ୟ ସରକାର ଏଯାଏଁ ରାଜ୍ୟର ଅଧିକାଂଶ ଜମିକୁ ପାଣି ଯୋଗାଇବାରେ ସକ୍ଷମ ହୋଇପାରିନାହାନ୍ତି। ପଞ୍ଜାବରେ ଆମଠାରୁ କମ୍ ବର୍ଷା ହେଉଥିଲେ ମଧ୍ୟ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି କାରଣରୁ ସେଠାକାର ୯୮% ଜମି ଜଳସେଚିତ ହୋଇପାରିଥିବା ବେଳେ ଆମ ରାଜ୍ୟରେ କିନ୍ତୁ ଗତ ୭୫ ବର୍ଷ ମଧ୍ୟରେ ମାତ୍ର ୩୭% ଜମି ହିଁ ଏଯାଏଁ ଜଳସେଚିତ ହୋଇପାରିଛି। ଯଦି ସରକାର ବଜେଟରେ ଜଳସେଚନ ପାଇଁ ବ୍ୟୟବରାଦକୁ ବଢ଼େଇ ରାଜ୍ୟର କମ୍ ସେ କମ୍ ୫୦ ଭାଗ ଜମିକୁ ଜଳସେଚିତ କରିପାରନ୍ତେ ତାହେଲେ ସେହି ଏକା ଜମିରେ ବର୍ଷକୁ ଗୋଟିଏ ଫସଲ ବଦଳରେ ଦୁଇଟି ବା ତିନୋଟି ଫସଲ ଅମଳ ହୋଇ ଆମର କୃଷି ଉତ୍ପାଦନ ଓ ଚାଷୀଙ୍କର ଆୟରେ ଆଖିଦୃଶିଆ ବୃଦ୍ଧି ହୋଇପାରନ୍ତା। ଏପରିକି ଗ୍ରାମାଞ୍ଚଳରେ ରହୁଥିବା କୃଷି ଶ୍ରମିକମାନେ ବର୍ଷକୁ କମ୍ ସେ କମ୍ ୫-୬ ମାସ ଯାଏଁ କାମ ପାଇଥାନ୍ତେ। କିନ୍ତୁ ପରିତାପର ବିଷୟ ସରକାର ଚଳିତ ବଜେଟରେ ଜଳସେଚନ ବାବଦରେ ବହୁତ କମ୍ ବ୍ୟୟବରାଦ କରିଛନ୍ତି। ଏଥିରେ ନିଶ୍ଚିତ ଜଳସେଚନ ପାଇଁ ଉଦ୍ଦିଷ୍ଟ ସୌରା ଜଳନିଧି ପ୍ରକଳ୍ପ ବାବଦରେ ୨୫୦ କୋଟି, ପାର୍ବତୀ ଗିରି ଉଠା ଜଳସେଚନ ଯୋଜନାରେ ୫୦୦ କୋଟି ଏବଂ କ୍ଷୁଦ୍ର ଜଳସେଚନ ପାଇଁ ମାତ୍ର ୪୫ କୋଟି ଓ ୪୫୦ଟି ଚେକ୍‌ଡ୍ୟାମ୍ ପାଇଁ ମାତ୍ର ୧୮୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ରାଜ୍ୟରେ ଧାନ ସମେତ ଅନ୍ୟ ଫସଲରେ ବି ଚାଷୀମାନେ ଲଗାତାର ଅଭାବୀ ବିକ୍ରୀର ଶିକାର ହୋଇ ଆସିଛନ୍ତି। ନିକଟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଟମାଟ ଓ ବନ୍ଧାକୋବିର ଅତ୍ୟଧିକ ଦରହ୍ରାସ ଯୋଗୁଁ ତାକୁ ଅମଳ ନକରି ନିଜ ଜମିରେ ହିଁ ନଷ୍ଟ କରିଦେବା ଦେଖିବାକୁ ମିଳିଛି। ଯଦି ଆବଶ୍ୟକତା ମୁତାବକ ରାଜ୍ୟରେ ଯଥେଷ୍ଟ ପରିମାଣର ଶୀତଳ ଭଣ୍ଡାର ରହିଥାନ୍ତା, ତାହେଲେ ଚାଷୀ ତାକୁ ସାଇତି ରଖି ଭଲ ଦର ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତା। ସେହିପରି ରାଜ୍ୟରେ ଛତିଶଗଡ଼ ଓ ପଞ୍ଜାବ ପରି ଯଦି ସବୁ ଅଞ୍ଚଳରେ ସମସ୍ତ ସୁବିଧା ରହିଥିବା ଅତ୍ୟାଧୁନିକ ମଣ୍ଡି ଓ ଗୋଦାମର ବ୍ୟବସ୍ଥା ଥାଆନ୍ତା, ତାହେଲେ ରାଜ୍ୟର ଧାନଚାଷୀ କଟନୀ ଓ ଛଟନୀ ନାଁରେ ମିଲର୍ମାନଙ୍କ ଶୋଷଣର ଶିକାର ହୁଅନ୍ତେନି। କିନ୍ତୁ ପରିତାପର ବିଷୟ ସରକାର ଚଳିତ ବଜେଟରେ କୌଣସି ନୂତନ ମଣ୍ଡି କିମ୍ବା ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଘୋଷଣା କରିନାହାଁନ୍ତି। ସବୁଠାରୁ ବଡ଼ କଥା ହେଲା, ରାଜ୍ୟର ପ୍ରମୁଖ ଫସଲ ହୋଇଥିଲେ ବି ସରକାର ଚାଷୀକୁ ଧାନର ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବାରେ ଲଗାତାର ବିଫଳ ହୋଇଛନ୍ତି। ଚାଷୀଙ୍କ ପାଇଁ କାନ୍ଦୁଥିବା ରାଜ୍ୟ ସରକାର ରାଜ୍ୟର ଧାନଚାଷୀଙ୍କ ପାଇଁ ବଜେଟରେ କୌଣସି ବୋନସ୍ ଘୋଷଣା କରିନାହାନ୍ତି। କେବଳ ଧାନର ସହାୟକ ମୂଲ୍ୟ ପାଇବାରେ ସହଯୋଗ ବାବଦରେ ୨୦୦୦ କୋଟି ଟଙ୍କାର ଯେଉଁ ରିଭଲଭିଂ ଫଣ୍ଡ୍ ଗଠନ କରିଛନ୍ତି ତାହା ରାଜ୍ୟର ଧାନଚାଷୀଙ୍କ ସମସ୍ୟାକୁ ଦୂର କରିବାରେ ଯେ ସକ୍ଷମ ହେବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ।

ରାଜ୍ୟ ସରକାରଙ୍କ ଚଳିତ ବଜେଟରେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦରେ ବୃଦ୍ଧି ଦେଖାଯାଇନି। ସରକାର ଯଦିଓ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୂର୍ବାପେକ୍ଷା ଅଧିକ ବ୍ୟୟବରାଦ କରିଛନ୍ତି ବୋଲି ଦାବି କରିଛନ୍ତି। କିନ୍ତୁ ଏ କ୍ଷେତ୍ରରେ ବ୍ୟୟବରାଦର ହାରକୁ ଦେଖିଲେ ଗତ ବଜେଟ୍ ତୁଳନାରେ କମ୍ ରହିଛି। ଉଦାହରଣ ସ୍ୱରୂପ ଗତ ବଜେଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ବ୍ୟୟବରାଦ ମୋଟ ବଜେଟ ବ୍ୟୟର ୧୦.୩୨% ରହିଥିବା ବେଳେ ଚଳିତ ବଜେଟରେ ତାହା ୯.୭୯%କୁ ହ୍ରାସ ପାଇଛି।

ରାଜ୍ୟର ପ୍ରାୟ ୨୭% ଅର୍ଥାତ୍ ୧.୨୨ କୋଟି ଲୋକ ଗରିବୀ ଭିତରେ ରହିଥିବା ବେଳେ ଏବଂ ଏକ ବଡ଼ ଭାଗ ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ୨୦୧୯-୨୦ର ରିପୋର୍ଟ ଅନୁଯାୟୀ ରାଜ୍ୟର ୨୯.୭% ଶିଶୁ ପୁଷ୍ଟିହୀନତାର ଶିକାର ବେଳେ ରାଜ୍ୟରେ ୯୫ ଲକ୍ଷ ପରିବାର ଟଙ୍କିକିଆ ଚାଉଳରେ ବଂଚିଛନ୍ତି। ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବାବଦରେ ସରକାର ଶେଷ ଥର ପାଇଁ ୨୦୧୫ରେ ଅନୁଦାନରେ ସାମାନ୍ୟ ବୃଦ୍ଧି କରିଥିଲେ ମଧ୍ୟ ଗତ ୮ ବର୍ଷ ଧରି ସେଥିରେ ପଇସାଟିଏ ବି ବଢ଼ାଇ ନଥିବା ଜଣାପଡ଼ିଛି। ବର୍ତ୍ତମାନ ମଧ୍ୟାହ୍ନ ଭୋଜନ ବାବଦରେ ରାଜ୍ୟର ପ୍ରାଥମିକ ଶ୍ରେଣୀର ପିଲାମାନେ ମୁଣ୍ଡ ପିଛା ମାତ୍ର ୫.୪୨ ଟଙ୍କା ଓ ହାଇସ୍କୁଲ ପିଲାଙ୍କ ପାଇଁ ୮.୧୦ ଟଙ୍କା ଅନୁଦାନ ଦେଉଛନ୍ତି। ଏଭଳି ପରିସ୍ଥିତିରେ ସରକାର ବଜେଟ୍‌ରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବାବଦରେ ଅଧିକ ଅନୁଦାନ ଘୋଷଣା କରିବେ ବୋଲି ଯେଉଁ ଆଶା କରାଯାଉଥିଲା, ସେଥିରେ ନିରାଶ ହେବାକୁ ପଡ଼ିଛି।

ସେହିପରି ସରକାରଙ୍କ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗ ବିକାଶ ବିଭାଗ ପକ୍ଷରୁ ପରିଚାଳିତ ବିଭିନ୍ନ ସ୍କୁଲର ଛାତ୍ରାବାସରେ ରହି ପାଠ ପଢୁଥିବା ରାଜ୍ୟର ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ପକ୍ଷରୁ ଖାଇବା ଓ ଅନ୍ୟାନ୍ୟ ସୁବିଧା ବାବଦରେ ମୁଣ୍ଡପିଛା ମାସିକ ମାତ୍ର ୭୫୦ ଟଙ୍କା ଓ ବାଳିକା ଅନ୍ତେଃବାସୀମାନଙ୍କୁ ମାସିକ ୫୦ ଟଙ୍କା ପ୍ରସାଧାନ ଓ ସେନିଟାରୀ ସାମଗ୍ରୀକୁ ମିଶାଇ ମୋଟ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। ୨୦୧୫ ମସିହାରେ ଶେଷ ଥର ପାଇଁ ଏହାକୁ ୬୦୦ ଟଙ୍କାରୁ ୭୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତି ମଧ୍ୟରେ ଖାଦ୍ୟ ପଦାର୍ଥର ଦରଦାମ୍ ଆକାଶଛୁଆଁ ହୋଇଥିଲେ ମଧ୍ୟ ସରକାରଙ୍କ ଉପରୋକ୍ତ ଅନୁଦାନ ରାଶିରେ କୌଣସି ବୃଦ୍ଧି କରାଯାଇନି। ସେଥିମଧ୍ୟରୁ ୨୬ ଟଙ୍କା ପିଲାଙ୍କ ତେଲ, ସାବୁନ, ମନୋରଞ୍ଜନ ଖର୍ଚ୍ଚ ବାବଦରେ ଉଦ୍ଦିଷ୍ଟ ଥିବା ବେଳେ ବଳକା ୭୨୪ ଟଙ୍କା ଖାଦ୍ୟ ବାବଦରେ ଖର୍ଚ୍ଚ କରିବାକୁ କୁହାଯାଇଛି। ସପ୍ତାହକୁ ଦୁଇ ଥର ହିସାବରେ ମାସିକ ଆଠ ଥର ଆମିଷ ପାଇଁ ମାତ୍ର ୮୪ ଟଙ୍କା ବରାଦ କରାଯାଇଛି। ଯଦି ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ସରକାରୀ ଅନୁଦାନକୁ ଦିନ ପିଛା ହିସାବ କରାଯାଏ ତାହେଲେ ତାହା ଦୈନିକ ୨୪ ଟଙ୍କା ପଡୁଛି। ଏହି ୨୪ ଟଙ୍କାରେ ପିଲାଙ୍କୁ ଦୈନିକ ଦୁଇ ଓଳା ଖାଦ୍ୟ ସହ ସକାଳ ଜଳଖିଆ ଦିଆଯାଉଛି। ଜଳଖିଆ ବାବଦରେ ଦୈନିକ ୫ ଟଙ୍କାକୁ ବାଦ ଦିଆଗଲେ ପ୍ରତି ଓଳିର ଭୋଜନ ପିଛା ସରକାରୀ ଅନୁଦାନ ମାତ୍ର ୧୦ ଟଙ୍କା ରହିଛି। ଏଭଳି ପରିସ୍ଥିତିରେ ସରକାର ବଜେଟରେ ପିଲାଙ୍କ ପାଇଁ ଅନୁଦାନକୁ ବଢ଼େଇବା ବଦଳରେ କେବଳ ପ୍ରତି ସପ୍ତାହରେ ଚାରି ଦିନ ଅଣ୍ଡା ଏବଂ ଗୋଟିଏ ଦିନ ମାଛ/ଚିକେନ୍ ଯୋଗାଇ ଦେବା ପାଇଁ ଅତିରିକ୍ତ ୧୦୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

ଚଳିତ ବଜେଟରେ ସରକାର ରାଜ୍ୟର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କ ସାମାଜିକ ସୁରକ୍ଷା ପାଇଁ ବ୍ୟୟବରାଦରେ କୌଣସି ବୃଦ୍ଧି କରିନାହାନ୍ତି। ରାଜ୍ୟରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାର ପରିମାଣ ମାତ୍ର ୫୦୦ ଟଙ୍କା ସୀମିତ ରହିଥିବା ବେଳେ ଭିନ୍ନକ୍ଷମ ଭତ୍ତା ମାତ୍ର ୭୦୦ ରହିଛି। ଅନେକ ବର୍ଷ ଧରି ଏହି ପରିମାଣ ୩୦୦ ଟଙ୍କା ରହିଥିବା ବେଳେ ସେଥିରେ ରାଜ୍ୟ ସରକାରଙ୍କ ଭାଗଟି ମାତ୍ର ୧୦୦ ଟଙ୍କା ଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ନିଜର ଅଂଶକୁ ୩୦୦ ଟଙ୍କାକୁ ବୃଦ୍ଧି କରିଥିବା ବେଳେ କେନ୍ଦ୍ର ସରକାର ନିଜର ଅଂଶକୁ ୨୦୦୮ ମସିହାଠାରୁ ଆଦୌ ବଢ଼ାଇ ନାହାନ୍ତି। ତେବେ ରାଜ୍ୟ ସରକାରଙ୍କ ଉପରୋକ୍ତ ବୃଦ୍ଧି ଫଳରେ ଭତ୍ତାର ପରିମାଣ ୫୦୦ ଟଙ୍କାକୁ ବୃଦ୍ଧି ପାଇଥିଲେ ମଧ୍ୟ ତାହା ନାମକୁ ମାତ୍ର ବୋଲି କୁହାଯାଇପାରେ। ସମାଜରେ ନିଜର ବୃଦ୍ଧାବସ୍ଥାରେ ସମ୍ମାନର ସହିତ ବଂଚିବା ପାଇଁ ସମାଜର ସମସ୍ତଙ୍କୁ ଏକ ସମ୍ମାନଜନକ ପେନସନ ଦରକାର ଥିବା ବେଳେ ସରକାର ଆଜିର ଦିନରେ ତାକୁ ମାସିକ ୫୦୦ ଟଙ୍କା ପେନସନ୍ ବୋଲି କହି ଦେବା ଲଜ୍ଜାଜନକ ମନେହୁଏ। ଅଥଚ ଆମର ପଡ଼ୋଶୀ ଆନ୍ଧ୍ର ସରକାର ନିଜର ନାଗରିକମାନଙ୍କ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ନାଁରେ ମାସିକ ୨୭୫୦ ଟଙ୍କା ପେନସନ୍ ଦେଉଛନ୍ତି। ଏଭଳି ପରିସ୍ଥିତିରେ ସରକାରଙ୍କ ବଜେଟ୍ ଉପରୋକ୍ତ ଗୋଷ୍ଠୀଙ୍କ ପାଇଁ ନିରାଶଜନକ ହୋଇଛି।

ଓଡ଼ିଶା ସରକାରଙ୍କ ୨୦୨୩-୨୪ର ବଜେଟ୍ ଯଦିଓ ସରକାରୀ ଦଳର ନିର୍ବାଚନୀ ଲାଭକୁ ଆଖି ଆଗରେ ରଖି କରାଯାଇଛି। କିନ୍ତୁ ତାହା ରାଜ୍ୟର ସାଧାରଣ ଜନତାଙ୍କ ପ୍ରକୃତ ସମସ୍ୟାକୁ ସମ୍ବୋଧନ କରିବାରେ ବିଫଳ ହୋଇଛି।

## ମାଡୁଛି ମାରବର୍ଗ ଭୂତାଣୁ, ଚେତାବନୀ ଜାରି କଲା ହୁ'

ଚାରିଆଡ଼େ ଆତଙ୍କ ଖେଳାଥିବା ମାରାତ୍ମକ ଭୂତାଣୁ କରୋନା ଏବେବି ସାରା ବିଶ୍ୱରୁ ସମ୍ପୂର୍ଣ୍ଣ ଯାଇନାହିଁ। କିଛି ଦେଶରେ ଏବେବି ଏହି ଭୂତାଣୁର ତାଣ୍ଡବ ଜାରି ରହିଛି। ଏହାରି ଭିତରେ ଆଉ ଏକ ନୂଆ ଭୂତାଣୁର ସଂକ୍ରମଣ ଆରମ୍ଭ ହୋଇଛି। ତେବେ ଏଥର ଚୀନ୍‌ରେ ନୁହେଁ ଆଫ୍ରିକୀୟ ଦେଶରେ ଜନ୍ମ ନେଇଛି ମାରବର୍ଗ ଭାଇରସ୍। ଆଫ୍ରିକୀୟ ଦେଶ ଇକ୍ୱେଟୋରିଆଲ୍ ଗିନିରେ ମାରବର୍ଗ ଭୂତାଣୁ ଆତଙ୍କ ଖେଳାଇଛି। ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁ ସଂକ୍ରମଣରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବହୁ ସଂଖ୍ୟକ ଲୋକ ଏଥିରେ ଆକ୍ରାନ୍ତ ହୋଇ ଅସୁସ୍ଥ ଅଛନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥା ହୁ' ଚେତାବନୀ ଜାରି କରିଛି। ହୁ' ଦେଇଥିବା ସୂଚନା ମୁତାବକ, ଏ ସମସ୍ତ ୯ ଜଣ ମୃତକଙ୍କ ଠାରେ ମାରବର୍ଗ ଭୂତାଣୁ ଚିହ୍ନଟ ହୋଇଛି। ଏହି ଭାଇରସ ମଧ୍ୟ ବାଦୁଡ଼ିରୁ ବ୍ୟାପୁଥିବା ଜଣାପଡିଛି । ଗିନିରେ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ଜଣାପଡିବା ପରେ ଯେଉଁମାନଙ୍କ ଠାରେ ଏହାର ଲକ୍ଷଣ ଦେଖାଦେଉଛି ସେମାନଙ୍କ ଉପରେ କଡ଼ା ନଜର ରଖାଯାଉଛି।

**କ'ଣ ଏହି ମାରବର୍ଗ ଭାଇରସର ଲକ୍ଷଣ ?**

ମାରବର୍ଗ ଭୂତାଣୁ ସଂକ୍ରମଣର ଲକ୍ଷଣ ଇବୋଲା ଭୂତାଣୁ ସହ ସମାନ। ଯେଉଁଥିରେ ରୋଗୀଙ୍କୁ ଜ୍ୱର, ଛାତିରେ ଯନ୍ତ୍ରଣା ଭଳି ସମସ୍ୟା ଦେଖାଦେଇଥାଏ। ପରିସ୍ଥିତି ବିଗିଡିବାରୁ ରୋଗୀଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ବୟାନ ଜାରି କରି କହିଛି ଯେ ଏହା ମାରବର୍ଗ ଭୂତାଣୁ ପ୍ରଭାବିତ ଅଞ୍ଚଳରେ ଆଗୁଆ ଟିମ୍ ମୁତୟନ କରାଯାଇଛି। ଯେଉଁମାନେ ଭୂତାଣୁ ସଂକ୍ରମିତଙ୍କୁ ଚିହ୍ନଟ କରୁଛନ୍ତି, ସେମାନଙ୍କୁ ଅଲଗା କରି ସେମାନଙ୍କ ଚିକିତ୍ସା କରୁଛନ୍ତି। ଏହାର ସଂକ୍ରମଣକୁ ରୋକିବା ପାଇଁ ଡବ୍ଲୁଏଚ୍‌ଓ ଜରୁରୀକାଳୀନ ବିଶେଷଜ୍ଞ ଟିମ୍, ପରୀକ୍ଷାଗାର ଏବଂ ଯୋଗାଯୋଗ ସହାୟତା ବ୍ୟବସ୍ଥା ନିୟୋଜିତ କରିଛି। ମାରବର୍ଗକୁ କରୋନାଠାରୁ ଆହୁରି ମାରାତ୍ମକ ବୋଲି କୁହାଯାଉଛି। କାରଣ ଯଦି ଠିକ ସମୟରେ ଚିକିତ୍ସା କରାନଯାଏ ତେବେ ପ୍ରତି ୧୦ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୯ ଜଣ ମୃତ୍ୟୁମୁଖରେ ପଡ଼ିବା ନିଶ୍ଚିତ। ଏହି କାରଣରୁ ଏହି ଭାଇରସକୁ ନେଇ ଆଗୁଆ ହୁ' ସତର୍କ ହୋଇଉଠିଛି ।

## ମାଗଣା ଟ୍ୟୁସନ୍ କରି ଚର୍ଚ୍ଚାରେ ସରପଞ୍ଚ

ବଲାଙ୍ଗିର: ସରପଞ୍ଚ କରୁଛନ୍ତି ମାଗଣା ଟ୍ୟୁସନ୍। ଉଦ୍ଦେଶ୍ୟ ଆଦିବାସୀ ଇଲାକାରେ ସାକ୍ଷରତା ବଢ଼ାଇବା ତଥା ପିଲାମାନେ କିପରି ଭଲ ପାଠପଢ଼ି ଭଲ ମଣିଷ ହେବେ। ଏବେ ସେ ପ୍ରାୟ ୬୫ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ଟ୍ୟୁସନ୍ ଦେଉଛନ୍ତି। ଗାଁକୁ ଗାଁ ଯାଇ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଏହି କୋଚିଂ ସେଣ୍ଟର ବାବଦରେ ଜଣାଉଛନ୍ତି। ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ୍‌କୁ ଛାଡ଼ିବାକୁ ଅଭିଭାବକଙ୍କୁ ବୁଝାଉଛନ୍ତି। ବଲାଙ୍ଗିର ଜିଲ୍ଲା ପାଟଣାଗଡ ଅନ୍ତର୍ଗତ ବେଲପଡା ବ୍ଲକ ମଧ୍ୟପୁର ପଞ୍ଚାୟତରେ ଚାଲିଛି ଏହି ଫ୍ରି ଟ୍ୟୁସନ୍। ମାଗଣା ଟ୍ୟୁସନ୍ ଦେଉଥିବା ଏହି ସରପଞ୍ଚ ହେଉଛନ୍ତି ମଧ୍ୟପୁରର ରାମ ଗୋପାଳ ନାଏକ। ଚଳିତ ବର୍ଷ ସେ ଏଠାରୁ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ସରପଞ୍ଚ ହେବାପରେ ଗାଁରେ ଆରମ୍ଭ କରିଛନ୍ତି ମାଗଣା ଟ୍ୟୁସନ।

ଆହୁରି ଭଲ କଥା ତାଙ୍କର ଏହି ମହତ ଉଦ୍ଦେଶ୍ୟକୁ ସଫଳ କରିବାକୁ ଏହି ପଞ୍ଚାୟତରେ ସିଟି, ବିଇଡି କରୁଥିବା ଉଚ୍ଚ ଶିକ୍ଷିତ ଯୁବକ ଓ ଅବସରପ୍ରାପ୍ତ ଶିକ୍ଷକମାନେ ସହଯୋଗର ହାତ ବଢ଼ାଇଛନ୍ତି। ସେମାନେ ମଧ୍ୟ ଟ୍ୟୁସନ୍‌କୁ ଆସି ପାଳି କରି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି।

ଗୋପାଳଙ୍କ କହିବା କଥା, ଗାଁରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ହେଲେ ଗାଁର ଉନ୍ନତି ସମ୍ଭବ ହେବ। କେବଳ ରାସ୍ତାଘାଟ ଉନ୍ନତିକରଣ କରିଦେଲେ ଗାଁର ବିକାଶ ହୋଇଯିବନି। ସେଥିପାଇଁ ପିଲାମାନଙ୍କୁ ମାଗଣା ଟ୍ୟୁସନ ଦେଉଛନ୍ତି। ଏଥିପାଇଁ ସମୟ ବାହାର କରିବାକୁ ପଡୁଛି। ପିଲାମାନଙ୍କୁ ଆବଶ୍ୟକ ହେଲେ ଖାତା କଲମ ବି ଯୋଗାଇ ଦେଉଛନ୍ତି। ଗାଁରେ ପଡି ରହିଥିବା ଏକ ପୁରୁଣା ଶିଶୁ ମନ୍ଦିର କୋଠରୀକୁ ସଫା ସୁତରା କରି ଏହି ଟ୍ୟୁସନ୍ ଆରମ୍ଭ ହୋଇଛି। ଏଠାରେ ଏବେ ୫ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବକଙ୍କ ସହଯୋଗ ମିଳୁଥିବାରୁ ପାଠପଢ଼ାଇବାରେ କୌଣସି ଅସୁବିଧା ହେଉନି।

## ମାଟି ତଳେ ୧୨୮ ଘଣ୍ଟା, ଜୀବନ୍ତ ଉଦ୍ଧାର ହେଲା ନବଜାତ

ମାଟିତଳେ ୧୨୮ ଘଣ୍ଟାର ସଂଘର୍ଷ। ପାଖାପାଖି ୫ ଦିନ ପରେ ଉଦ୍ଧାର ହେଲା ନବଜାତ। ଭୟଙ୍କର ଭୂମିକମ୍ପ ଯୋଗୁ ଯେଉଁଠି ହଜାର ହଜାର ଜୀବନ ଯାଇଛି ସେହି ସମୟରେ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଏହା କୌଣସି ଚମତ୍କାର ଠାରୁ କମ୍ ନୁହେଁ।



ତୁର୍କୀ ଓ ସିରିୟାରେ ବିନାଶକାରୀ ଭୂମିକମ୍ପର ପ୍ରଥମ ଝଟ୍‌କା ଲାଗିବାର ୧୨୮ ଘଣ୍ଟା ପରେ ଭଗ୍ନାବଶେଷ ତଳୁ ଉଦ୍ଧାର ହୋଇଛି ଏକ ନବଜାତ ଶିଶୁ। ଭୂମିକମ୍ପ ପରେ ତୁର୍କୀର ହେତେ ପ୍ରଦେଶରେ ଥିବା ତାଙ୍କ ଘରର ଧ୍ୱଂଶାବଶେସ ତଳେ ନବଜାତ ଶିଶୁଟି ପୋତି ହୋଇଯାଇଥିଲା। ଉଦ୍ଧାରକାରୀ ଦଳ ମାଟି ତଳେ କାନ୍ଦ ଶୁଣିବା ପରେ ଉକ୍ତ ନବଜାତ ଶିଶୁଟିକୁ ଜୀବନ୍ତ ଉଦ୍ଧାର କରିଛନ୍ତି। ତା'ର କିଛି ବି କ୍ଷତି ହୋଇନାହିଁ। ମାଟିତଳୁ ଉଦ୍ଧାର ହୋଇଥିବା ଶିଶୁର ଭିଡିଓ ସାମ୍ନାକୁ ଆସିଛି। ଭିଡିଓରେ କୋଳରେ ଧରିଥିବା ବ୍ୟକ୍ତିଙ୍କ ଶିଶୁଟି ଆଙ୍ଗୁଠି ଚାପୁଥିବା ନଜର ଆସିଛି। ଉଦ୍ଧାର ପରେ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏହାପୂର୍ବରୁ ମଧ୍ୟ ଉଦ୍ଧାରକାରୀ ଦଳ ଏକ ୧୦ ଦିନର ଶିଶୁ ଓ ମାଆକୁ ଧ୍ୱଂସସ୍ତୂପ ତଳୁ ଜୀବନ୍ତ ଉଦ୍ଧାର କରିଥିଲେ। ତୁର୍କୀର ଦକ୍ଷିଣାଞ୍ଚଳସ୍ଥ ହାତୟ ପ୍ରଦେଶର ଏକ ଭୁଶୁଡ଼ିପଡ଼ିଥିବା କୋଠା ତଳେ ଫସି ରହିଥିବା ୧୦ ଦିନର ଶିଶୁ ୟାଗିଜ ଉଲାସକୁ ଉଦ୍ଧାର କରାଯାଇଛି। ଇଟା ଓ ପଥରର ଗୁଣ୍ଡ ଭିତରେ ପିଲାଟି ସହ ତା'ର ମା' ଚାପିହୋଇ ରହିଥିବା ବେଳେ ଉଦ୍ଧାରକାରୀ ଦଳ ସେମାନଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଉଭୟଙ୍କୁ ନିକଟସ୍ଥ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

ସେହିପରି ୧୨୨ ଘଣ୍ଟା ପରେ ୩ ଜଣ ମହିଳାଙ୍କୁ ମାଟିତଳୁ ଜୀବନ୍ତ ଉଦ୍ଧାର କରିଛନ୍ତି ଉଦ୍ଧାରକାରୀ ଦଳ। ଏମାନେ ହେଉଛନ୍ତି ୭୦ ବର୍ଷୀୟା ମେନେକସେ ତବକ, ୫୫ ବର୍ଷୀୟା ମସଲଲ୍ଲାହ ସିସେକ ଓ ତୃତୀୟ ଜଣକ ୪୦ ବର୍ଷୀୟା ଜେନେପ କହରାମନ। ତେବେ ଜେନେପଙ୍କୁ ସର୍ବ ପ୍ରଥମେ ୧୦୪ ଘଣ୍ଟା ପରେ କୋଠାର ଭଗ୍ନାବଶେଷ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ଏମାନଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା କରାଯାଇଛି।

ତୁର୍କୀ ଓ ସିରିୟାରେ ଆସିଥିବା ଚଳିତ ଦଶନ୍ଧିର ସବୁଠାରୁ ବିନାଶକାରୀ ଭୂକମ୍ପରେ ଏବେ ସୁଦ୍ଧା ୨୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି। ସେହିପରି ହଜାର ହଜାର ଲୋକ ଆହତ ହୋଇ ଚିକିତ୍ସା ହେଉଛନ୍ତି। ଭୂମିକମ୍ପକୁ ୫ ଦିନ ବିତି ଯାଇଥିଲେ ସୁଦ୍ଧା ଏବେବି ଯୁଦ୍ଧକାଳୀନ ଭିତ୍ତିରେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଶକ୍ତିପୀଠ ନୈନା ଦେବୀ ମନ୍ଦିର



ସନାତନ ଶାସ୍ତ୍ରରେ ମା'ଙ୍କର ମହିମା ଓ ଗୁଣଗାନ ନିହିତ ଅଛି। ତାଙ୍କର ଲୀଳା ଅପାର। ସମସ୍ତ ଭକ୍ତଙ୍କୁ ମା' ଦୟା ଦୃଷ୍ଟିରେ ଦେଖୁଥିବାବେଳେ ଧର୍ମ ଶାସ୍ତ୍ରରେ ନିହିତ ରହିଛି ଯେ, ଯେତେବେଳେ କୌଣସି ଭକ୍ତ ଉପରେ ସମସ୍ୟା ପଡ଼ିଥାଏ ତେବେ ମା' ଭକ୍ତକୁ ସଂକଟରୁ ରକ୍ଷା କରନ୍ତି। ନବରାତ୍ରିର ନଅ ଦିନରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଦେଶରେ ୧୨ଟି ଶକ୍ତିପୀଠ ରହିଥିବାବେଳେ ଏହି ଶକ୍ତିପୀଠ ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ତା' ମଧ୍ୟରୁ ନୈନା ଦେବୀ ଶକ୍ତିପୀଠ ଅନ୍ୟତମ। ମାନ୍ୟତା ଅନୁସାରେ, ଆଦିଶକ୍ତି ମା' ସତୀଙ୍କ ଚକ୍ଷୁ ଏଠାରେ ପଡ଼ିଥିଲା। ଭଗବାନ ଶିବ ଓ ଆଦିଶକ୍ତି ମା' ସତୀଙ୍କ ସହ ଜଡ଼ିତ। ଧାର୍ମିକ ମାନ୍ୟତା ଅନୁସାରେ, ଦୈବିକ କାଳରେ ମା' ସତୀ ଅଗ୍ନିକୁଣ୍ଡରେ ପ୍ରାଣାହୁତି ଦେବାକୁ ଉଦ୍ୟମ କରିଥିଲେ।

ପୌରାଣିକ କଥା ଅନୁସାରେ, ମା' ସତୀ ଏବଂ ଭଗବାନ ଶିବଙ୍କ ବିବାହରେ ପ୍ରଜାପତି ଦକ୍ଷ ପ୍ରସନ୍ନ ନଥିଲେ। କାଳାନ୍ତରରେ ଥରେ ପ୍ରଜାପତି ଦକ୍ଷ ମହାଯଜ୍ଞର ଆୟୋଜନ କରିଥିଲେ। ଏହି ଆୟୋଜନରେ ପ୍ରଜାପତି ଦକ୍ଷ ଭଗବାନ ଶିବ ଓ ପୁତ୍ରୀ ସତୀଙ୍କୁ ଆମନ୍ତ୍ରିତ କରି ନଥିଲେ। ଏହି ସମୟରେ ମା' ସତୀ ପିତାଙ୍କ ଯଜ୍ଞକୁ ଯିବାର ଇଚ୍ଛା ଭଗବାନ ଶିବଙ୍କୁ ଜଣାଇଥିଲେ। ଏଥିସହ ଅନୁମତି ମଧ୍ୟ ମାଗିଥିଲେ। ସେସମୟରେ ଭଗବାନ ଶିବ ମା' ସତୀଙ୍କୁ କହିଥିଲେ ଯେ, ବିନା ଆମନ୍ତ୍ରଣରେ କାହା ଘରକୁ ଯିବା ଅନୁଚିତ୍। ମା' ସତୀ ନମାନିବାରୁ ଭଗବାନ ଶିବ ତାଙ୍କୁ ସେଠାକୁ ଯିବାକୁ ଅନୁମତି ଦେଇଥିଲେ। ମା' ସତୀ ନିଜ ପିତାଙ୍କ ଯଜ୍ଞରେ ସାମିଲ୍ ହେବାକୁ ପହଞ୍ଚିବା ମାତ୍ରେ ସେଠାରେ ଭଗବାନ ଶିବଙ୍କ ପ୍ରତି କଟୁ ଏବଂ ଅପମାନଜନକ ଶବ୍ଦ ଶୁଣି ମା' ସତୀ ଖୁବ୍ କୁଣ୍ଠିତ ମନେକରିଥିଲେ। ଏହି ସମୟରେ ମା' ସତୀ ପିତାଙ୍କ ଦ୍ୱାରା ଆୟୋଜିତ ଯଜ୍ଞକୁଣ୍ଡରେ ଝାସ ଦେଇଥିଲେ। ଏହା ପରେ ଶିବ କ୍ରୋଧିତ ହେବା ସହ ମାତା ସତୀଙ୍କୁ କାନ୍ଧରେ ଧରି ତାଣ୍ଡବ କରିବାକୁ ଲାଗିଲେ। ଏହାଦ୍ୱାରା ତ୍ରିଲୋକରେ ହାହାକାର ସୃଷ୍ଟି ହେଲା। ଏହି ସମୟରେ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀରକୁ ୫୧ ଖଣ୍ଡ କରିଦେଲେ। ଏହିସବୁ ଅଙ୍ଗ ଭୂପୃଷ୍ଠରେ ପଡ଼ିଗଲା। ଏହିସବୁ ସ୍ଥଳକୁ ଶକ୍ତିପୀଠ କୁହାଯାଉଛି।



ହିମାଚଳ ପ୍ରଦେଶ ନିଜ ପ୍ରାକୃତିକ ଦୃଶ୍ୟରାଜି ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଏହା ଦେବ ସ୍ଥଳ ଭାବେ ଜଣାଶୁଣା। ହିମାଚଳ ପ୍ରଦେଶ ସ୍ଥିତ ବିଳାସପୁର ଜିଲ୍ଲାରେ ନୈନା ଦେବୀ ମନ୍ଦିର ଅବସ୍ଥିତ। ସମୁଦ୍ର ତଟରୁ ଏହାର ଉଚ୍ଚତା ୧୧ଶହ ମିଟର। ଏହି ମନ୍ଦିର ଜାତୀୟ ରାଜପଥ-୨୧ ସହ ଜଡ଼ିତ। ଫଳରେ ଶ୍ରଦ୍ଧାଳୁ ସହଜରେ ସଡ଼କ ମାର୍ଗରେ ନୈନା ମନ୍ଦିରରେ ପହଞ୍ଚିଯାଇପାରନ୍ତି। ମନ୍ଦିର ପରିସର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଲକ୍ଷ୍ମଣ ଝୁଲାର ବ୍ୟବସ୍ଥା ରହିଛି। ମନ୍ଦିର ପରିସରରେ ଥିବା ଏକ ଅଶ୍ୱତ୍ଥ ବୃକ୍ଷ ବିଷୟରେ କୁହାଯାଇଛି ଯେ, ଏହାର ବୟସ ବହୁ ଶତାବ୍ଦୀ। ନୈନା ମନ୍ଦିରର ଗର୍ଭ ଗୃହରେ ମା' ନୈନା, ମା' କାଳୀ ଏବଂ ଭଗବାନ ଗଣେଶଙ୍କ ପ୍ରତିମା ସ୍ଥାପନା କରାଯାଇଛି। ସେହିଭଳି ମୁଖ୍ୟଦ୍ୱାରରେ ହନୁମାନଙ୍କ ପ୍ରତିମା ଅବସ୍ଥିତ। ମନ୍ଦିର ପରିସରରେ ଏକ ପବିତ୍ର ଜଳାଶୟ ରହିଥିବାବେଳେ ନୈନା ଦେବୀଙ୍କ ଗୁମ୍ଫା ରହିଛି।

# ଦୀର୍ଘାୟୁ ପାଇଁ ଫଳପ୍ରଦ ପୋଷକ ଆହାର

ବୟସ ବଢ଼ିବା ସାଙ୍ଗକୁ ରୋଗବ୍ୟାଧି ଯେମିତି ବସା ବାନ୍ଧିଯାଏ। ତେଣୁ ବୟସ ଜନିତ ରୋଗବ୍ୟାଧିରୁ ବର୍ତ୍ତିବା ପାଇଁ ଔଷଧ ସେବନ ଏବେ ସାଧାରଣ ଘଟଣା ହୋଇଯାଇଛି। କିନ୍ତୁ ନୂଆ ଅଧ୍ୟୟନ ଅନୁସାରେ କୁହାଯାଇଛି ଯେ, ଉଚିତ୍ ପୋଷକ ଆହାର ଆମ କୋଷର ଆନ୍ତରିକ କ୍ରିୟା ପ୍ରଣାଳୀ ଉପରେ ଔଷଧ ତୁଳନାରେ ଅଧିକ ପ୍ରଭାବ ପକାଏ। ଏହି ଅଧ୍ୟୟନ 'ସେଲ୍ ମେଟାବଲିଜିମ୍ ଜର୍ଣ୍ଣାଲ୍'ରେ ପ୍ରକାଶ କରାଯାଇଛି। ସିଡ୍‌ନୀ ବିଶ୍ୱବିଦ୍ୟାଳୟର ଚାର୍ଲ୍ସ ପାର୍କିନ୍ସ ସେଣ୍ଟର ଦ୍ୱାରା କରାଯାଇଥିବା ଏକ ପ୍ରି କ୍ଲିନିକାଲ୍ ଅଧ୍ୟୟନରେ କୁହାଯାଇଛି ଯେ, ମଧୁମେହ, ହୃଦ୍‌ଘାତ ଓ ହୃଦ୍‌ରୋଗ ଆଦି ରୋଗ ଦୂର ରଖିବା ପାଇଁ ଆହାର ଶୃଙ୍ଖଳା, ଔଷଧ ଠାରୁ ବହୁ ଗୁଣରେ ଶକ୍ତିଶାଳୀ ହୋଇପାରେ।



ମୂଷା ଉପରେ କରାଯାଇଥିବା ଏହି ଗବେଷଣାରେ ଜଣାପଡ଼ିଥିଲା ଯେ, ପୋଷକ ଆହାର (ସବୁ କ୍ୟାଲୋରୀ ଏବଂ ସୂକ୍ଷ୍ମ ପୋଷକ ସନ୍ତୁଳନ ସମେତ)ର ବୟସ ବଢ଼ିବା ଓ ଉପାପଚୟ (ଶରୀରରେ ଭୋଜନର ଶକ୍ତିରେ ପରିବର୍ତ୍ତନ)ର ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପଡ଼େ। ଏହା ସାଧାରଣତଃ ମଧୁମେହ ଚିକିତ୍ସା ଓ ବୟସ ବଢ଼ିବା ପ୍ରକ୍ରିୟାକୁ ମନ୍ଥର କରିବା ପାଇଁ ବ୍ୟବହାର କରାଯାଉଥିବା ତିନିଟି ଔଷଧ ତୁଳନାରେ ଅଧିକ ଫଳପ୍ରଦ।

ଅଧ୍ୟୟନର ବରିଷ୍ଠ ଲେଖକ ଓ ଚାର୍ଲ୍ସ ପାର୍କିନ୍ସ ସେଣ୍ଟରର ଏକାଡେମିକ୍ ନିର୍ଦ୍ଦେଶକ, ପ୍ରଫେସର ଷ୍ଟିଫନ୍ ସିମ୍ପସନ୍‌ଙ୍କ କହିବାନୁସାରେ, 'ଆହାର ଶକ୍ତିଶାଳୀ ଔଷଧ। ବର୍ତ୍ତମାନ ଏନେଇ ବିଚାର କରାଯିବା ବ୍ୟତୀତ ଔଷଧ ଦିଆଯାଉଛି, ଯେପରିକି ଆମର ଆହାର ଶୃଙ୍ଖଳା ସହ କୌଣସି ପ୍ରତିକ୍ରିୟା କରାଯାଇପାରେ। ଔଷଧ ଖାଦ୍ୟ ଭଳି କାମ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହାର ପ୍ରତିକ୍ରିୟା ଜଣାପଡ଼େନାହିଁ।



## ବ୍ଲିଚ୍ ପରର ଘରୋଇ ଉପଚାର

ତ୍ୱଚାର ଉଜ୍ଜ୍ୱଳତା ପାଇଁ ଆଜିକାଲି ଯୁବତୀମାନେ ବ୍ଲିଚ୍‌କୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ବ୍ଲିଚ୍ କରିସାରିବା ପରେ ତ୍ୱଚାରେ ଜଳାପୋଡ଼ା ହେବାଭଳି ଅନୁଭୂତ ହୋଇଥାଏ। କେବେକେବେ ଲାଲ୍ ପଡ଼ି ଦାଗ ମଧ୍ୟ ହୋଇଯାଏ। ଯଦି ଆପଣ ବି ବ୍ଲିଚ୍ ପରେ ଏପରି ଅସୁବିଧାକୁ ସାମ୍ନା କରୁଛନ୍ତି, ତେବେ କିଛି ଘରୋଇ ଉପାୟରେ ଏଥିରୁ ମୁକ୍ତି ପାଆନ୍ତୁ।

ଲାଭେଣ୍ଡର୍ ତେଲ: ଲାଭେଣ୍ଡର୍ ତେଲରେ ଆଣ୍ଟି-ସେପ୍ଟିକ୍ ଉପାଦାନ ରହିଛି ଯାହାକି ଜଳାପୋଡ଼ା ସମସ୍ୟାରୁ ତୁରନ୍ତ ଆରାମ ଦେଇଥାଏ। ଏକ ତୁଳାରେ ସାମାନ୍ୟ ଲାଭେଣ୍ଡର୍ ତେଲ ଆଣି ତ୍ୱଚାରେ ଲଗାନ୍ତୁ। ଯଦି କୌଣସି ନିର୍ଦ୍ଦିଷ୍ଟ ଭାଗରେ ଅଧିକ ଜଳାପୋଡ଼ା ହେଉଥାଏ ତେବେ ଏଥିରେ ତୁଳାକୁ ୧-୨ମିନିଟ୍ ପର୍ଯ୍ୟନ୍ତ ଚାପି ରଖନ୍ତୁ।

ହଳଦୀ-ଦହି: ହଳଦୀରେ ଥିବା ହିଟିଂ, ଆଣ୍ଟି-ଆଲର୍ଜିକ୍, ଆଣ୍ଟି-ସେପ୍ଟିକ୍ ଉପାଦାନ ତ୍ୱଚା ପାଇଁ ଖୁବ୍ ଉପକାରୀ। ସେହିଭଳି ଦହିରେ ଶୀତଳତା ଏବଂ ନରମ ଉପାଦାନ ରହିଥିବା ହେତୁ ପୋଡ଼ାଜଳାରୁ ମୁକ୍ତି ଦେବାସହ ଦାଗ ଆଦିକୁ ଭଲ କରିପାରେ। ଏକ ଚାମଚ ଦହିରେ ସାମାନ୍ୟ ହଳଦୀ ପାଇଁ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ତ୍ୱଚାରେ ଏକ ପତଳା ଆସ୍ତରଣ କରି ଲଗାନ୍ତୁ। ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ।

ଘିକୁଆଁରୀ: ଘିକୁଆଁରୀରେ କୁଲିଂ ଏବଂ ହିଟିଂ ଉପାଦାନ ରହିବା ସହ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି। ଯେଉଁଥିପାଇଁ ତ୍ୱଚାରୁ ଜଳାପୋଡ଼ା ଦାଗ ଭଲ କରିବା ସହ ଆରାମ ଦେଇପାରିବ। ଘିକୁଆଁରୀରେ ମହୁ ମିଶାଇ ବ୍ୟବହାର କରାଯାଇପାରେ। ତ୍ୱଚାକୁ ଭଲ ଭାବେ ଧୋଇସାରିବା ପରେ ଏକ ସତେଜ ଘିକୁଆଁରୀ ନେଇ ଏହାର ଜେଲ୍‌କୁ ତ୍ୱଚାରେ ୨-୩ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ। ଏହା ଶୁଖିଗଲେ ଭଲ ଭାବେ ଧୋଇଦିଅନ୍ତୁ।

କାକୁଡ଼ି: କାକୁଡ଼ିରେ ଥଣ୍ଡା ପ୍ରଦାନକାରୀ ଗୁଣ ଖୁବ୍ ଅଧିକ ରହିଛି। ବ୍ଲିଚ୍ ଯୋଗୁ ହେଉଥିବା ଜଳାପୋଡ଼ାକୁ କମ୍ କରିବାରେ ଏହା ସାହାଯ୍ୟ କରିବ। ଗୋଟିଏ ତଟକା କାକୁଡ଼ି ନେଇ ଏହାର ଚୋପା ଛଡ଼ାଇଦିଅନ୍ତୁ। ଏବେ କାକୁଡ଼ିକୁ ଭଲ ଭାବେ ପେଷ୍ଟ କରିଦିଅନ୍ତୁ। ଏହି ପେଷ୍ଟକୁ ଦଶ ମିନିଟ୍ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖି ତ୍ୱଚାରେ ଲଗାନ୍ତୁ। ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଦେଖିବେ ଖୁବ୍ ଆରାମ୍ ଲାଗିବ।

# କାହିଁକି ଜରୁରୀ ଯଜ୍ଞ ?



ଯଜ୍ଞ ଏଭଳି ଏକ ପ୍ରଥା ଯାହାକି ଅଧିକାଂଶ ଭାରତୀୟଙ୍କ ଘରେ ହୋଇଥାଏ। ଖୁବ୍ କମ୍ ଲୋକ ଜାଣନ୍ତି ଯେ, ଏହାର ଧାର୍ମିକ ମହତ୍ତ୍ୱ ବ୍ୟତୀତ ଏହା ପଛରେ କୌଣସି ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଆଜିର ସମୟରେ ସମସ୍ତେ ଶାରୀରିକ, ମାନସିକ ଓ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି, ସେହିଭଳି ଅଧିକାଂଶ ମାନସିକ ଶାନ୍ତି ପାଇବା ପାଇଁ ହୋମ-ଯଜ୍ଞ କରୁଥିବାର ଦେଖିବାକୁ ମିଳେ। ଆଉ କିଛି ସୁସ୍ଥ ଖାଦ୍ୟ ଗ୍ରହଣର ଅଭ୍ୟାସ, ଯୋଗ, ଶାରୀରିକ କସରତ ଏବଂ ସୁସ୍ଥ ଜୀବନଶୈଳୀ ପାଇଁ ଖୁବ୍ ଉପାଦେୟ ହୋଇପାରେ। ଏହା ବ୍ୟତୀତ ଅନ୍ୟ ଏକ ବିକଳ୍ପ ହେଉଛି ଯଜ୍ଞ। ଯଜ୍ଞ ସମୟରେ ମନ୍ତ୍ର ଉଚ୍ଚାରଣ ଦ୍ୱାରା ଏକ କମ୍ପନ ଉତ୍ପନ୍ନ ହୋଇଥାଏ। ଏହାଦ୍ୱାରା ଏକ ସକାରାତ୍ମକ ଶକ୍ତି ବାହାରିବା ସହ ଆପଣଙ୍କ ଶରୀରର ଚକ୍ର ଶୁଦ୍ଧ କରିପାରେ।

- ବର୍ତ୍ତମାନ ଲୋକଙ୍କର ଅସ୍ୱାସ୍ଥ୍ୟକର ଜୀବନଶୈଳୀ ମାନସିକ ସମସ୍ୟାର କାରଣ ପାଲଟିଛି। ମାନସିକ ଦୁଃଶ୍ଚିନ୍ତା ହେବା ଏବେ ସାଧାରଣ କଥା। ଯଜ୍ଞ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାରେ ସହାୟକ। ଯଜ୍ଞରୁ ବାହାରୁଥିବା ଧୂଆଁ ଶରୀର ତଥା ମନକୁ ପବିତ୍ର କରିଥାଏ। ଏହାଦ୍ୱାରା ମାନସିକ ଶାନ୍ତି ମିଳିଥାଏ।
- ଏହା ଖୁବ୍ ଜରୁରୀ ଯେ, ଯେଉଁ ବାତାବରଣରେ ନିଶ୍ୱାସ-ପ୍ରଶ୍ୱାସ ନେଉଛନ୍ତି ତାହା ବିଶୁଦ୍ଧ ହେବା ଆବଶ୍ୟକ। ବଢୁଥିବା ପ୍ରଦୂଷଣ ସ୍ତର ଯୋଗୁ ଅଧିକାଂଶ ଲୋକ କେତେକ ରୋଗରେ ପୀଡ଼ିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ ନେବା ଏବଂ ସ୍ୱାସ୍ଥ୍ୟର ଦେଖାଶୁଣା କରିବା ବ୍ୟତୀତ ଯଜ୍ଞ ଏବଂ ହୋମ କରି ଆପଣଙ୍କ ଘରର ବାୟୁକୁ ଶୁଦ୍ଧ କରିବାରେ ସହାୟତା ମିଳିପାରିବ। ଏହାଦ୍ୱାରା ବାୟୁମଣ୍ଡଳରେ ଉପସ୍ଥିତ ଥିବା କ୍ଷତିକାରକ ବ୍ୟାକ୍ଟେରିଆ ଏବଂ ଜୀବାଣୁ ଶେଷ ହୋଇଯାଇପାରେ। ଯଜ୍ଞରେ ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହାର କରାଯାଇଥାଏ, ଯାହାକି ବାତାବରଣରେ ଥିବା କ୍ଷତିକାରକ ବ୍ୟାକ୍ଟେରିଆକୁ ଶେଷ କରିପାରେ। ଏଥିରେ ଆମ୍ବ କାଠ ଆଦି ସାମିଲ୍ ଅଛି।
- ହୋମର ଧୂଆଁ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ମସ୍ତିଷ୍କ, ଫୁସ୍‌ଫୁସ୍ ଏବଂ ନିଶ୍ୱାସ-ପ୍ରଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇପାରେ। ଏହାଦ୍ୱାରା ଶ୍ୱାସନଳୀ ଭଲ ଭାବେ କାମ କରିପାରେ।
- ଧାର୍ମିକ ମାନ୍ୟତା ଅନୁସାରେ, ଘରକୁ ଯଜ୍ଞ ସକାରାତ୍ମକ ଶକ୍ତି ସଂଚାର କରିଥାଏ। ଏହା ନକାରାତ୍ମକତାକୁ ଦୂର କରିପାରେ। ଏହାଦ୍ୱାରା ଘରର ବାତାବରଣ ମଧ୍ୟ ଶୁଦ୍ଧ ହୋଇପାରେ। ଯଦି କୌଣସି ରାଶିରେ ଗ୍ରହ ଖରାପ ଚାଲୁଥାଏ ତେବେ ଯଜ୍ଞ କରିପାରିବେ। ଏହାଦ୍ୱାରା କୁଣ୍ଡଳୀ ଦୋଷ ଦୂର କରାଯାଇପାରେ।

# ଘର କାମ କରି ବୟସ୍କ ସୁଧାରିବେ ସ୍ୱାସ୍ଥ୍ୟ

ଶାରୀରିକ ଭାବେ ସକ୍ରିୟ ରହିବାର କେତେକ ଉପାଦେୟତା କୁହାଯାଉଛି। ଏହି ଲାଭ କେବଳ କାମ କିମ୍ବା ଶ୍ରମ କରିବା ଉପରେ ନିର୍ଭରଶୀଳ। ଏକ ନୂଆ ଅଧ୍ୟୟନରେ କୁହାଯାଇଛି ଯେ, ବୟସ୍କମାନେ ଯଦି ଘର କାମ କରିବେ ତାହେଲେ ସେମାନଙ୍କର ସ୍ମରଣଶକ୍ତି ପ୍ରଖର ହେବା ସହ ଧ୍ୟାନ ଶକ୍ତି ମଧ୍ୟ ବଢ଼ିଯାଏ। ଏଥିସହ ଗୋଡ଼ ମଜଭୁତ ହେଉଥିବାବେଳେ ତଳେ ପଡ଼ିଯିବାର ଭୟ କମିଯାଏ। ଅର୍ଥାତ୍ ଏହା ମଧ୍ୟ ଏକପ୍ରକାର ସୁରକ୍ଷା କବଚ। ଏପରି ତଥ୍ୟ 'ବିଏମ୍‌ଜେ ଓପନ୍' ଜର୍ଣ୍ଣାଲ୍‌ରେ ପ୍ରକାଶିତ ହୋଇଛି। ନିୟମିତ ଭାବେ ସକ୍ରିୟ ରହିବା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କିନ୍ତୁ ଗବେଷକ ଏହି ଅଧ୍ୟୟନରେ ଜାଣିବାକୁ ଚେଷ୍ଟା କରିଛନ୍ତି ଯେ, କେବଳ ଘର କାମ କରିବା ଦ୍ୱାରା ବାର୍ଦ୍ଧକ୍ୟ ସୁସ୍ଥ ହୋଇପାରିବ ଏବଂ ଶାରୀରିକ ଓ ମାନସିକ କ୍ଷମତା ବଢ଼ିପାରିବ କି ନାହିଁ।

ଅଧ୍ୟୟନ କିପରି ହୋଇଥିଲା: ଏହି ଅଧ୍ୟୟନ ପାଇଁ ସିଙ୍ଗାପୁରରେ ସ୍ୱତନ୍ତ୍ର ଭାବେ ରହୁଥିବା ୪୮୯ ଲୋକଙ୍କୁ ଚୟନ କରାଯାଇଥିଲା, ଯେଉଁମାନଙ୍କର ବୟସ ଥିଲା ୨୧ରୁ ୯୦ ବର୍ଷ। ସେମାନଙ୍କ ମଧ୍ୟରୁ କାହାର ସଂଜ୍ଞାନାତ୍ମକ ସମସ୍ୟା



ନଥିବାବେଳେ ଦୈନିକ କାର୍ଯ୍ୟ ନିଜେ କରିବାରେ ସକ୍ଷମ ଥିଲେ। ଏହି ଗବେଷଣା ପାଇଁ ଦୁଇ ବୟସ ବର୍ଗରେ ବଣ୍ଟନ କରାଯାଇଥିଲା। ୨୧ରୁ ୬୪ ବର୍ଷ (୨୪୯ ଲୋକ, ହାରାହାରି ବୟସ ୪୪) ବୟସ୍କଙ୍କୁ ଯୁବକ ଓ ୬୫-୯୦ ବର୍ଷ (୨୪୦ ଲୋକ, ହାରାହାରି ବୟସ ୭୫) ଲୋକଙ୍କୁ ବୟସ୍କ ଶ୍ରେଣୀରେ ରଖାଯାଇଥିଲା। କପଡ଼ା ଧୋଇବା, କପଡ଼ା ଶୁଖାଇବା, ଘର ଝାଡୁ, ଡ୍ରେସ୍ ଆଇରନ୍ ଓ ରୋଷେଇ ଆଦିକୁ ହାଲ୍‌କା ଘର କାମ ଭାବେ ଗ୍ରହଣ କରାଯାଇଥିଲା। ସେହିଭଳି ଝରକା ସଫେଇ, ଚାଦର ବଦଳାଇବା, ଚଟାଣ ସଫା ଓ ଘରର ସାଜସଜ୍ଜା ଆଦିକୁ କଠିନ ଘର କାମରେ ଅନ୍ତର୍ଭୁକ୍ତ କରାଯାଇଛି।

ଅଧ୍ୟୟନରୁ ପ୍ରମାଣିତ ହୋଇଥିଲା ଯେ, ଘର କାର୍ଯ୍ୟର ତୀବ୍ରତା ମେଟାବଲିକ୍ ଇକ୍ୱିଭାଲେଣ୍ଟ ଟାସ୍କ (ଏମ୍‌ଇଟି) ଦ୍ୱାରା ମପାଯାଇଥିଲା। ଏହା ହେଉଛି ଶାରୀରିକ ଶ୍ରମ କରିବାରେ ମିନିଟ୍ ପ୍ରତି ଖର୍ଚ୍ଚ ହେଉଥିବା କ୍ୟାଲୋରୀ। ସାମାନ୍ୟ ଘର କାମ ପାଇଁ ଏହା ୨.୫ ଏବଂ କଠିନ ଘର କାମ ପାଇଁ ୪ ମାନକ ହିସାବରେ ଗ୍ରହଣ କରାଯାଏ। ଏହି ମାନକ ଉପରେ ଯୁବ ବର୍ଗରେ ୩୬ ପ୍ରତିଶତ (୯୦) ତଥା ବୟସ୍କଙ୍କ ମଧ୍ୟରେ ୪୮ ପ୍ରତିଶତ (୧୧୬) ଲୋକଙ୍କୁ ସାମୟିକ ଶାରୀରିକ କାର୍ଯ୍ୟ କରିବା ମାନକ ଭାବେ ଗ୍ରହଣୀୟ। ଯୁବଗୋଷ୍ଠୀଙ୍କ ମଧ୍ୟରେ ୬୧ ପ୍ରତିଶତ (୧୫୨) ଓ ବୟସ୍କ ୬୬ ପ୍ରତିଶତ (୧୫୯) ଲୋକ କେବଳ ଘର କାମ ମାଧ୍ୟମରେ ଲକ୍ଷ୍ୟ ହାସଲ କରିପାରିବେ।

ସାମାନ୍ୟ ଓ କଠିନ ଘର କାମ କରୁଥିବା ଲୋକଙ୍କୁ ଉଭୟ ବର୍ଗର ସଂଜ୍ଞାନାତ୍ମକ ସ୍କୋର୍ ଘର କାମ କରୁ ନଥିବା ଲୋକଙ୍କ ତୁଳନାରେ କ୍ରମଶଃ ୮ ଓ ୫ ପ୍ରତିଶତ ଅଧିକ ଥିଲା। କଠିନ ଓ ହାଲ୍‌କା ଘର କାମ କରୁଥିବା ଲୋକଙ୍କ ଧ୍ୟାନ ଶକ୍ତି କ୍ରମଶଃ ୧୪ ଓ ୧୨ ପ୍ରତିଶତ ଅଧିକ ରହିଥିଲା। ସଂକ୍ଷିପ୍ତ ଓ ବିଳମ୍ବିତ ସ୍ମରଣ ଶକ୍ତିର ସ୍କୋର ମଧ୍ୟ କ୍ରମଶଃ ୧୨ ଏବଂ ୮ ପ୍ରତିଶତ ଅଧିକ। ସେହିଭଳି ଚୌକିରେ ବସାଉଠା କରିବାର ଗତି ଏବଂ ସନ୍ତୁଳନ ମଧ୍ୟ କ୍ରମଶଃ ୮ ତଥା ୨୩ ପ୍ରତିଶତ ଅଧିକ ଥିଲା। ଅନ୍ୟପକ୍ଷେ ଯୁବ ବର୍ଗଙ୍କ ଶିକ୍ଷା ବୟସ୍କଙ୍କ ତୁଳନାରେ ହାରାହାରି ପାଞ୍ଚ ବର୍ଷ ଅଧିକ ଥିଲା, ଏଥିପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ମାନସିକ ସୁସ୍ଥତା ଅଧିକ ରହିବା ସହ ସଂଜ୍ଞାନାତ୍ମକ ହ୍ରାସ କମ୍ ଦେଖାଯାଇଥିଲା।

# ମାର୍ଚ୍ଚ ସୁଦ୍ଧା ଭୁବନେଶ୍ୱର ହେବ ସ୍ମାର୍ଟ ସହର



ନୂଆଦିଲ୍ଲୀ: ସ୍ମାର୍ଟ ସିଟି ମାନ୍ୟତା ପାଇଥିବା ଭୁବନେଶ୍ୱର ସମେତ ୨୨ଟି ସହର ଆସନ୍ତା ମାର୍ଚ୍ଚ ମାସରେ ପ୍ରସ୍ତୁତ ହୋଇଯିବ। ସ୍ମାର୍ଟ ସିଟି ମିଶନ ଅଧୀନରେ ଏହି ସବୁ ସହରରେ ଚାଲୁଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହୋଇଯିବ। ସ୍ମାର୍ଟ ସିଟି ଅଧିନରେ ନାଗରିକମାନଙ୍କୁ ଉନ୍ନତ ମାନର ଜୀବନ ଏବଂ ଏକ ସ୍ୱଚ୍ଛ ନିରନ୍ତର ପରିବେଶ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ସେହିପରି ଏହି ମିଶନ ଅଧିନରେ ମନୋନୀତ ଅବଶିଷ୍ଟ ୭୮ ଟି ସହରରେ ଆଗାମୀ ତିନି-ଚାରି ମାସ ମଧ୍ୟରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ସଂପୂର୍ଣ୍ଣ ହେବ।

କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୫ ଜୁନ୍ ୨୫ରେ ସ୍ମାର୍ଟ ସିଟି ମିଶନ୍ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସେହିପରି ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ୪ ରାଉଣ୍ଡ ପ୍ରତିଯୋଗିତା ମାଧ୍ୟମରେ ୧୦୦ଟି ସହରକୁ ପୁନଃ ବିକାଶ ପାଇଁ ଚୟନ କରାଯାଇଥିଲା। ସୁସ୍ଥ ଜୀବନଶୈଳୀ, ନାଗରିକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଓ ଏକ ସ୍ୱଚ୍ଛ ପରିବେଶ ଯୋଗେଇ ଦେବାକୁ ମନ୍ତ୍ରଣାଳୟର ଲକ୍ଷ୍ୟ।

ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷହେବାକୁ ଥିବା ଭୁବନେଶ୍ୱର ବାଦ୍ ଅନ୍ୟ ସହରଗୁଡ଼ିକ ମଧ୍ୟରେ ଭୋପାଳ, ଇନ୍ଦୋର, ବାରଣାସୀ, ଚେନ୍ନାଇ, କୋଏମ୍ବାଟୋର, ଇରୋଡ୍, ରାଞ୍ଚି, ସାଲେମ, ସୁରଟ, ଉଦୟପୁର, ବିଶାଖାପାଟନମ, ଅହମଦାବାଦ, କାକିନାଡ଼ା, ପୁନେ, ଭେଲୋର, ପିମ୍ପି-ଛିନ୍ଦୱାଡ଼ା, ମଦୁରାଇ, ଅମରାବତି, ତିରୁଚିରାପଲ୍ଲୀ ଏବଂ ତାଞ୍ଜାଭୁର ରହିଛି।

ତେଣୁ ଏହି ସହରଗୁଡିକରେ ଚାଲିଥିବା ପ୍ରକଳ୍ପଗୁଡିକ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ତିନି ଚାରି ମାସ ମଧ୍ୟରେ ଅବଶିଷ୍ଟ ସହରଗୁଡିକର ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି । ଉଲ୍ଲେଖନୀୟ ଯେ ଓଡିଶାରେ ଭୁବନେଶ୍ୱର ସ୍ମାର୍ଟ ସିଟି ସହିତ ରାଉରକେଲା ସ୍ମାର୍ଟ ସିଟି ରହିଥିବାବେଳେ ଏହି ଦୁଇଟି ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦେଉଛନ୍ତି । ସ୍ମାର୍ଟ ସିଟି ମିଶନ ଯୋଜନାରେ ସର୍ବାଧିକ ୪୯୩୭ କୋଟି ଟଙ୍କା ତାମିଲନାଡୁ ପାଇଥିବାବେଳେ ଉତ୍ତରପ୍ରଦେଶ ୩୫୭୭ କୋଟି, ମହାରାଷ୍ଟ୍ର ୨୯୪୦ କୋଟି, କର୍ଣ୍ଣାଟକ ୨୯୦୧ କୋଟି, ମଧ୍ୟପ୍ରଦେଶ ୨୫୪୮ କୋଟି, ଗୁଜୁରାଟ ୨୩୫୨ କୋଟି, ଆନ୍ଧ୍ରପ୍ରଦେଶ ୧୮୬୦ କୋଟି ଓ ରାଜସ୍ଥାନ ୧୮୧୩ କୋଟି ଟଙ୍କା ପାଇଛି । ଲକ୍ଷାଦ୍ୱୀପ ସବୁଠାରୁ କମ୍ ୬୦ କୋଟି ଟଙ୍କା ପାଇଥିବାବେଳେ ଅନ୍ୟ ସମସ୍ତ ରାଜ୍ୟ ପାଇଥିବା ଅର୍ଥ ତିନି ଅଙ୍କରେ ସୀମିତ ରହିଛି ।

ତେବେ ପଡୋଶୀ ରାଜ୍ୟ ଭାବେ ଆନ୍ଧ୍ରପ୍ରଦେଶ ୧୮୬୦ କୋଟି ଟଙ୍କା ପାଇଥିବାବେଳେ ଛତିଶଗଡ ୭୧୦ କୋଟି, ଝାଡଖଣ୍ଡ ୪୯୦ କୋଟି ଓ ପଶ୍ଚିମବଙ୍ଗ ୩୯୩ କୋଟି ଟଙ୍କା ପାଇବାରେ ସକ୍ଷମ ହୋଇଛି ।

## ହସ୍ପିଟାଲ କର୍ମଚାରୀଙ୍କ ପାଇଁ ନୂଆ ନିୟମ: ଜିନ୍ସ, ମେକଅପ୍ ଓ ଲମ୍ବା ନଖ ରଖିବା ମନା

ମେକଅପ୍, ଫଙ୍କି ହେୟାରଷ୍ଟାଇଲ ଓ ଲମ୍ବା ନଖ ରଖିପାରିବେ ନାହିଁ ମେଡିକାଲ କର୍ମଚାରୀ। ଏହାବାଦ ଟି-ଶାର୍ଟ, ଜିନ୍ସ ଓ ସ୍କଟ ମଧ୍ୟ ପିନ୍ଧି ପାରିବେ ନାହିଁ। ହରିଆଣାର ସମସ୍ତ ସରକାରୀ ହସ୍ପିଟାଲରେ ଏପରି ନିୟମ ଲାଗୁ ହେବ। ହରିଆଣାର ସରକାର ସ୍ୱାସ୍ଥ୍ୟ ସେବା ସହ ଜଡ଼ିତ ଲୋକଙ୍କ ପାଇଁ ଡ୍ରେସ କୋଡ ଲାଗୁ କରିବାକୁ ଯାଉଥିବା ବେଳେ ଏପରି ନିୟମ ସାମ୍ନାକୁ ଆସିଛି। ହରିଆଣାର ସ୍ୱାସ୍ଥ୍ୟ ମନ୍ତ୍ରୀ ଅନୀଲ ବିଜ୍ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଡ୍ରେସ କୋଡ୍ ବ୍ୟବସ୍ଥା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ଏହାକୁ ଲାଗୁ କରାଯିବ। ଡ୍ୟୁଟିରେ ଥିବା କର୍ମଚାରୀଙ୍କ ପାଇଁ କଡ଼ାକଡ଼ି ଭାବେ ଏହି ନିୟମ ଲାଗୁ ହେବ। ୱିକେଣ୍ଡ, ସନ୍ଧ୍ୟା ଓ ରାତି ଡ୍ୟୁଟି ବେଳେ



ମଧ୍ୟ ନିୟମ ସମସ୍ତେ ମାନିବେ। ନିୟମ ଉଲ୍ଲଙ୍ଘନ କଲେ କର୍ମଚାରୀଙ୍କୁ ଅନୁପସ୍ଥିତ ଘୋଷଣା କରାଯିବ। ହସ୍ପିଟାଲରେ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ନିୟମ ଭିତରେ ରହିବା ଦରକାର। ଏଥିସହ ହସ୍ପିଟାଲ ଭଳି ସ୍ଥାନରେ ଡ୍ରେସ କୋଡ ଲାଗୁ କରିବା ଜରୁରୀ। ଫଙ୍କି ହେୟାର ଷ୍ଟାଇଲ, ଓଜନଦାର ଅଳଙ୍କାର, ମେକଅପ, ଲମ୍ବା ନଖ ଡ୍ୟୁଟି ବେଳେ ଆଦୌ ଗ୍ରହଣୀୟ ନୁହେଁ। ବିଶେଷ କରି ସ୍ୱାସ୍ଥ୍ୟ କେନ୍ଦ୍ରରେ କେବେ ହେଲେ ଏହାକୁ ଗ୍ରହଣ କରାଯାଇ ପାରିବ ନାହିଁ। ଜିନ୍ସ, ଟି-ଶାର୍ଟ ଓ ସ୍କଟ ପ୍ରଫେସନାଲ ଡ୍ରେସ ନୁହେଁ। ତେଣୁ ଏହାକୁ ମଧ୍ୟ ଆମେ ହସ୍ପିଟାଲରେ ଅନୁମତି ଦେବୁ ନାହିଁ। କର୍ମଚାରୀମାନେ ଗୋଟିଏ ବ୍ୟାଜ୍ ପିନ୍ଧିବେ। ଏଥିରେ ସେମାନେ କେଉଁ ପଦରେ କାମ କରୁଛନ୍ତି, ସେକଥା ଉଲ୍ଲେଖ କରାଯିବ। କର୍ମଚାରୀମାନେ ସ୍ଲିପର ପିନ୍ଧି ପାରିବେ ନାହିଁ। ସେମାନଙ୍କ ଜୋତା କଳା ରଙ୍ଗର ଓ ସଫା ରହିବ। ସେହିପରି କୌଣସି ପ୍ରକାରର ଡିଜାଇନ ଥିବା ଜୋତାକୁ ଗ୍ରହଣ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ପରଭେଜ୍ ମୁଶାରଫଙ୍କ ପରଲୋକ

ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫଙ୍କ ପରଲୋକ ଘଟିଛି। ଦୁବାଇର ଏକ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘଦିନ ଧରି ପରଭେଜ ମୁଶାରଫ ଅସୁସ୍ଥ ଥିଲେ ଏବଂ ତାଙ୍କର ୭୯ ବର୍ଷ ବୟସରେ ପରଲୋକ ହୋଇଛି। ପରଭେଜ ମୁଶାରରଫ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ୧୧ ଅଗଷ୍ଟ ୧୯୪୩ରେ ନୂଆଦିଲ୍ଲୀର ଦରିଆଗଞ୍ଜ ଅଞ୍ଚଳରେ ସେ ଜନ୍ମଗ୍ରହଣ କରିଥିଲେ।

୧୯୪୭ ମସିହାରେ ଭାରତ ବିଭାଜନର କିଛି ଦିନ ପୂର୍ବରୁ ତାଙ୍କ ପରିବାର ପାକିସ୍ତାନ ଯିବାକୁ ନିଷ୍ପତ୍ତି ନେଇଥିଲେ। ମୁଶାରଫ ପାକିସ୍ତାର ଜଣେ ଦୃଢ଼ ଆତଙ୍କବାଦୀ ସମର୍ଥକ ଥିଲେ। ଲସ୍କର୍-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସେ ସବୁଠୁ ବଡ଼ ସମର୍ଥକ ଥିଲେ । ଲସ୍କର୍-ଏ-ତୋଇବାର ପ୍ରତିଷ୍ଠାତା ଏବଂ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟର୍‌ମାଇଣ୍ଡ୍ ହାଫିଜ୍ ସଇଦ୍‌ଙ୍କୁ ସେ ପସନ୍ଦ କରିନ୍ତି ସଇଦ୍‌ଙ୍କ ଦ୍ୱାରା ସ୍ଥାପିତ ଦୁଇଟି ଆତଙ୍କବାଦୀ ସଙ୍ଗଠନ ଲସ୍କର୍-ଇ-ତୋଇବା ଏବଂ ଜମାତ୍-ଉଦ୍-ଦାୱାର ସେ ବଡ଼ ସମର୍ଥକ ଥିଲେ । ଜାତି ସଂଘ ତାଙ୍କୁ ଗ୍ଲୋବାଲ୍ ଟେରରିଷ୍ଟ୍ ଆଖ୍ୟା ଦେଇଥିଲା। ଆମେରିକା ମଧ୍ୟ ତାଙ୍କୁ ଜଣେ ଆତଙ୍କବାଦୀ ବୋଲି କହିଥିଲା। ୨୦୦୮ ମୁମ୍ବାଇ ଆତଙ୍କବାଦ ଆକ୍ରମଣ ପରେ ତାଙ୍କ ଉପରେ ୧୦ ମିଲିୟନ୍ ଆମେରିକୀୟ ଡଲାର୍ ପୁରସ୍କାର ରାଶି ଘୋଷଣା କରିଥିଲା।

## ତୁର୍କୀ ଓ ସିରିୟାରେ ହାହାକାର ପରିସ୍ଥିତି, ଦେବଦୂତ ସାଜିଛି ଭାରତ

ପ୍ରକୃତିର ତାଣ୍ଡବରେ ତୁର୍କୀ ଓ ସିରିୟାରେ ହାହାକାର ପରିସ୍ଥିତି। ଭୟଙ୍କର ଭୂମିକମ୍ପ ପରେ ଖୋଲା ଆକଶତଳେ ଦୟନୀୟ ଭାବେ ବିତୁଛି ଜୀବନ। ଖାଦ୍ୟ, ପାନୀୟ ସବୁ କିଛି ଅଭାବ । ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟା ୩୭ ହଜାର ଟପିଥିବା ବେଳେ ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଛି । ଏହି ସଙ୍କଟ ସମୟରେ ଭାରତ ଦେବଦୂତ ପରି ଅସହାୟ ତୁର୍କୀ ଓ ସିରିୟା ପାଇଁ ଛିଡ଼ା ହୋଇଛି।

ବର୍ତ୍ତମାନ ସୁଦ୍ଧା ହିନ୍ଦୋନ ଏୟାରବେସରେ ୩ ଟ୍ରକ୍ ଲୋଡ୍ ରିଲିଫ୍ ସାମଗ୍ରୀ ପଠାଯାଇଛି। ଏଥିରେ ୨୭ଟି ଜୀବନ ରକ୍ଷାକାରୀ ଔଷଧ ଏବଂ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଉପକରଣ



ଅନ୍ତର୍ଭୁକ୍ତ ରହିଛି। ଯାହାର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହେବ। ସେହିପରି ଫେବ୍ରୁଆରି ୧୦ରେ, ଉଭୟ ତୁର୍କୀ ଏବଂ ସିରିଆ ପାଇଁ ବ୍ୟାପକ ପରିମାଣର ରିଲିଫ୍ ସାମଗ୍ରୀର ବ୍ୟବସ୍ଥା କରାଯାଇଥିଲା। ସିରିଆ ପାଇଁ ଏହି ସାମଗ୍ରୀରେ ୭୨ଟି ଗୁରୁତ୍ୱପୂର୍ଣ୍ଣ ଔଷଧ, ଚିକିତ୍ସା ସାମଗ୍ରୀ ଏବଂ ୭.୩ ଟନ୍ ସୁରକ୍ଷାତ୍ମକ ସାମଗ୍ରୀ ରହିଥିଲା। ଯାହାର ମୂଲ୍ୟ ୧.୪ କୋଟି ଟଙ୍କା ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମନସୁଖ ମାଣ୍ଡବୀୟ ତୁର୍କୀ ଏବଂ ସିରିଆକୁ ଜରୁରିକାଳୀନ ସହାୟତା ସାମଗ୍ରୀ ଯୋଗାଇବା ପାଇଁ ସମୀକ୍ଷା କରିଛନ୍ତି।

ସୂଚନା ଅନୁଯାୟୀ ଗତ ୬ ତାରିଖ ଦିନ ଦୁଇଟି ଶକ୍ତିଶାଳୀ ଭୂକମ୍ପରେ ଥରିଥିଲା ତୁର୍କୀ । ନୁରଦଗୀର ପୂର୍ବରେ ବଡ ଧରଣର ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ବେଳେ ସେଣ୍ଟ୍ରାଲ ତୁର୍କୀରେ ମଧ୍ୟ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ନୁରଦଗୀର ୨୩ କିଲୋମିଟର ପୂର୍ବରେ ଏକ ଭୂକମ୍ପ ହୋଇଥିବା ବେଳେ ସେଣ୍ଟ୍ରାଲ ତୁର୍କୀରେ ମଧ୍ୟ ଭୂକମ୍ପ ହୋଇଛି । ନୁରଦଗୀରେ ଭୂକମ୍ପର ତୀବ୍ରତା ୭.୮ ରେକର୍ଡ କରାଯାଇଥିବା ବେଳେ ସେଣ୍ଟ୍ରାଲ ତୁର୍କୀରେ ୬.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ରବିବାର ପୁଣି ସିରିଆରେ ଭୂକମ୍ପ ହୋଇଥିଲା।

## ବିନା ସର୍ଚ୍ଚ ୱାରେଣ୍ଟରେ ଆମେରିକା ରାଷ୍ଟ୍ରପତିଙ୍କ ଘରେ ପଶିଲା ଏଫବିଆଇ

ମାତ୍ର ୧୦ ଦିନ ବ୍ୟବଧାନରେ ପୁଣି ଥରେ ଆମେରିକା ରାଷ୍ଟ୍ରପତିଙ୍କ ଘରେ ପଶିଛି ଏଫବିଆଇ। ଗତ ଥର ଏଫବିଆଇ ବାଇଡେନଙ୍କ ବିଲମିଂଗଟନସ୍ଥିତ ଘରେ ପଶିଥିବା ବେଳେ ଗତକାଲି ରେହୋବୋଥ ବିଚ୍ ହାଉସ୍‌ରେ ଥିବା ଘରେ ପଶି ଘାଣ୍ଟିଛି ଏଫବିଆଇ । ମାତ୍ର ଏହି ଚଢ଼ାଉ ସମୟରେ କୌଣସି ଦସ୍ତାବିଜ କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏଫବିଆଇକୁ ମିଳି ନ ଥିବା ଜଣାଯାଇଛି। ଚଢ଼ାଉ ସମୟରେ ବାଇଡେନ ଘରେ ଉପସ୍ଥିତ ନ ଥିଲେ। କିନ୍ତୁ ସେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ବାଇଡେନଙ୍କ ଓକିଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ଓକିଲଙ୍କ କହିବାନୁଯାୟୀ, ବିନା କୌଣସି ସର୍ଚ୍ଚ ୱାରେଣ୍ଟରେ ଏଫବିଆଇ ଟିମ୍ ଗତକାଲି ରାଷ୍ଟ୍ରପତିଙ୍କ ଘରେ ଗୋପନୀୟ ଦସ୍ତାବିଜ ସମ୍ବନ୍ଧିୟ ଯାଞ୍ଚ କରିଥିଲା। ଏହାପୂର୍ବରୁ ଜାନୁଆରୀ ୨୦ରେ ରାଷ୍ଟ୍ରପତିଙ୍କ ବିଲମିଂଗଟନ ଘରେ ୧୩ ଘଣ୍ଟା ପର୍ଯ୍ୟନ୍ତ ଛାନଭିନ ହୋଇଥିଲା। ପୂର୍ବରୁ ହୋଇଥିବା ତଲାସୀ ସମୟରେ ରାଷ୍ଟ୍ରପତିଙ୍କ ଘରୁ ୬ଟି ଗୁରୁତ୍ୱପୂର୍ଣ୍ଣ ଗୋପନୀୟ ଦସ୍ତାବିଜ ଓ ବାଇଡେନଙ୍କ କିଛି ହାତଲେଖା ମିଳିଥିଲା। ଏହି ଦସ୍ତାବିଜ ବାଇଡେନ ଉପରାଷ୍ଟ୍ରପତି ଥିବା ସମୟର ଦସ୍ତାବିଜ ବୋଲି ଜଣାଯାଇଛି। ବାଇଡେନ ନିଜ ଘର ତଲାସି ପାଇଁ ଏଫବିଆଇକୁ ଅନୁମତି ଦେଇଥିବା ବେଳେ ଏଥିନିମନ୍ତେ କୌଣସି ସର୍ଚ୍ଚ ୱାରେଣ୍ଟ ଜାରି ହୋଇ ନ ଥିବା ଜଣାଯାଇଛି। ହୋଇଥିବା ସର୍ଚ୍ଚ ଅପରେସନ ସମ୍ପର୍କରେ ବାଇଡେନଙ୍କ ଓକିଲ କହିଛନ୍ତି, ଏହି ରେଡ ହେବ ବୋଲି ପୂର୍ବରୁ ଆମକୁ ଜଣାଥିଲା। ପୂର୍ବରୁ ୱିଲମିଂଗଟନସ୍ଥିତ ବାଇଡେନଙ୍କ ଆବାସରୁ କିଛି ଦସ୍ତାବିଜ ମିଳିଥିବା ବେଳେ ରେହୋବୋଥରୁ କିଛି ମିଳି ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଗତ ନଭେମ୍ବର ୨ ତାରିଖରେ ବାଇଡେନଙ୍କ ବ୍ୟକ୍ତିଗତ ଓକିଲ ଟିମ୍ କିଛି ଗୋପନୀୟ ଦସ୍ତାବିଜ ପାଇଥିବା ଖବର ପ୍ରଚାର ହୋଇଥିଲା। ଏହାପରେ ଏଫବିଆଇ ପକ୍ଷରୁ ୨୦ ଜାନୁଆରୀରେ ଏଫବିଆଇ ବାଇଡେନଙ୍କ ୱିଲମିଂଗଟନସ୍ଥିତ ଘର ତଲାସି କରିଥିଲା। ମାତ୍ର ୧୦ ଦିନ ବ୍ୟବଧାନରେ ପୁଣି ଥରେ ଏଫବିଆଇ ଆମେରିକା ରାଷ୍ଟ୍ରପତିଙ୍କ ଘରେ ପଶିଛି। ତେବେ ଏଫବିଆଇ ବାଇଡେନଙ୍କ ଘରେ କେଉଁ ଦସ୍ତାବିଜ ଖୋଜୁଛି ତାକୁ ନେଇ ସସ୍‌ପେନ୍ସ ଲାଗି ରହିଛି।

ସୂଚନା ମୁତାବକ, ଗତ ବର୍ଷ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫ୍ଲୋରିଡାସ୍ଥିତ ରିସର୍ଟରୁ ପ୍ରାୟ ଶହେରୁ ଅଧିକ ଗୋପନୀୟ ଦସ୍ତାବିତ ଜବତ ହେବା ପରେ ବାଇଡେନଙ୍କ ବିଚ୍ ହାଉସ ଘର ସମେତ ଭିନ୍ନ ଜାଗାରେ ଥିବା ଘରେ ଏଫବିଆଇ ଚଢ଼ାଉ କରିବା ଆରମ୍ଭ କରିଥିଲା।

## ୬୫ ବର୍ଷ ବୟସରେ ବାହା ହେବାକୁ ଇଚ୍ଛା କରି ୬୦ ଲକ୍ଷ ହରାଇଲେ ବୃଦ୍ଧ

ପୁଣି ଗୋଟିଏ ସେକ୍ସୋରସନ ମାମଲା ସାମ୍ନାକୁ ଆସିଛି। ପତ୍ନୀଙ୍କୁ ହରାଇଥିବା ଜଣେ ୬୫ ବର୍ଷୀୟ ବୃଦ୍ଧ ପୁଣି ବାହା ହେବାକୁ ଇଚ୍ଛା କରି ୬୦ ଲକ୍ଷ ଟଙ୍କା ହରାଇଛନ୍ତି। ସେ ଗୋଟିଏ ମାଟ୍ରିମୋନିଆଲ ୱେବସାଇଟ୍‌ରେ ଦ୍ୱିତୀୟ ବିବାହ ପାଇଁ ପଞ୍ଜୀକରଣ କରିଥିଲେ। ଏହାର ଫାଇଦା ଉଠାଇ ଜଣେ ମହିଳା ତାଙ୍କ ଠାରୁ ୬୦ ଲକ୍ଷ ଟଙ୍କା ଲୁଟ କରି ନେଇଛନ୍ତି।

ମହିଳା ଜଣଙ୍କ ପ୍ରଥମେ ବୃଦ୍ଧଙ୍କୁ ଭିଡିଓ କଲ୍‌ରେ ମିଠାମିଠା କଥା କହିଥିଲେ। ଏହାପରେ ତାଙ୍କୁ ଭିଡିଓ କଲ୍‌ରେ ଅଶ୍ଳୀଳ କାମ କରିବାକୁ କହିଥିଲେ ଓ ଏହାକୁ ଗୁପ୍ତ ଭାବେ ରେକର୍ଡିଂ କରି ନେଇଥିଲେ। ଏହି ଭିଡିଓ ବଳରେ ସେ ବୃଦ୍ଧଙ୍କୁ ଧମକ ଦେବା ସହ ଟଙ୍କା ଲୁଟ କରିଥିଲେ ବୋଲି ପୀଡ଼ିତ ଜଣଙ୍କ ମୁମ୍ବାଇ ସାଇବର ପୁଲିସ୍ ସେଲ ନିକଟରେ ଅଭିଯୋଗ କରିଛନ୍ତି।

ଜଣେ ପୁଲିସ୍ ଅଧିକାରୀ କହିଛନ୍ତି ଯେ ବୃଦ୍ଧ ଜଣଙ୍କ ବୟସର ଅପରାହ୍ନରେ ସାଥୀଟିଏ ଖୋଜୁଥିଲେ ଓ ଏଥିପାଇଁ ସେ ପୁନଃ ବିବାହ କରିବାକୁ ଚାହୁଁଥିଲା। ଏହିକ୍ରମରେ ସେ ମାଟ୍ରିମୋନିଆଲ ସାଇଟ୍‌ରେ ପଞ୍ଜୀକରଣ କରିବା ପରେ ଜଣେ ମହିଳାଙ୍କ ଯୋଗାଯୋଗରେ ଆସିଥିଲେ। କିଛି ଦିନର ଚ୍ୟାଟିଂ ପରେ ଉଭୟ ପରସ୍ପରକୁ ନମ୍ବର ଦେଇଥିଲେ।

ଅନେକ ସମୟରେ ଉଭୟ ଭିଡିଓ କଲରେ ମଧ୍ୟ କଥା ହେଉଥିଲେ। ଏମିତି ଗୋଟିଏ ଭିଡିଓ କଲରେ ମହିଳା ଜଣଙ୍କ ବିନା କପଡ଼ାରେ କଥା ହେବା ସହ ଅଶ୍ଳୀଳ କାମ



କରିଥିଲେ। ସେ ସମାନ କାମ ବୃଦ୍ଧଙ୍କୁ ମଧ୍ୟ କରିବାକୁ କହିଥିଲେ। ବୃଦ୍ଧ ଜଣଙ୍କ ମହିଳାଙ୍କ କଥାରେ ନିଜ କପଡ଼ା ଓହ୍ଲାଇ ଦେଇଥିଲେ। ତେବେ ସେ କରୁଥିବା ଅଶ୍ଳୀଳ କାମକୁ ମହିଳା ଜଣଙ୍କ ଗୁପ୍ତ ଭାବେ ରେକର୍ଡିଂ କରି ଦେଇଥିଲେ। ବାସ୍ ଏହାପରେ ମହିଳା ଜଣଙ୍କ ଏହି ଭିଡିଓକୁ ଭାଇରାଲ କରିଦେବାର ଧମକ ଦେଇ ବୃଦ୍ଧଙ୍କ ଠାରୁ ଟଙ୍କା ଆଦାୟ କରିଥିଲେ। ଭୟରେ ବୃଦ୍ଧ ଜଣଙ୍କ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ଆରମ୍ଭ କରିଥିଲେ। କିଛି ମାସ ମଧ୍ୟରେ ବୃଦ୍ଧ ଜଣଙ୍କ ତାଙ୍କୁ ୬୦ ଲକ୍ଷ ଟଙ୍କା ପଠାଇଛନ୍ତି।

ଟଙ୍କା ମିଳିବା ପରେ ମଧ୍ୟ ମହିଳା ଜଣଙ୍କ ବୃଦ୍ଧଙ୍କୁ ହଇରାଣ କରିବା ବନ୍ଦ କରି ନଥିଲେ। ଶେଷରେ କୌଣସି ଉପାୟ ନ ପାଇ ବୃଦ୍ଧ ଜଣଙ୍କ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଏବେ ପୁଲିସ୍ ମହିଳାଙ୍କ ହ୍ୱାଟସଆପ ନମ୍ବର ଓ ବ୍ୟାଙ୍କ ତଥ୍ୟର ଯାଞ୍ଚ କରି ତାଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଆରମ୍ଭ କରିଛି।

## ଏବେ ଦେଶରେ ଅମୃତକାଳ ନୁହଁ, ବିଷ କାଳ ଚାଲିଛି

ବିଜେପିର ଅମୃତକାଳ ସ୍ଲୋଗାନ ନାରାକୁ ନେଇ ବର୍ଷିଛି ବାମପନ୍ଥୀ। ବିଜେପିକୁ ଟାର୍ଗେଟ କରି ବାମପନ୍ଥୀ କହିଛି ଯେ, ଦେଶରେ ଏବେ ଅମୃତକାଳ ନୁହଁ ଜହର କାଳ ଚାଲିଛି। ତ୍ରିପୁରା ବିଧାନସଭା ନିର୍ବାଚନରେ ବିଜେପି ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବାମପନ୍ଥୀ ଦଳ କେନ୍ଦ୍ରରେ ମୋଦିଙ୍କ ନେତୃତ୍ୱାଧୀନ ଶାସନକୁ କଡ଼ା ସମାଲୋଚନା କରିଛନ୍ତି। ଅଗରତାଲା ଠାରୁ ୭୦ କିମି ଦୂର ଅମରପୁରରେ ଏକ ରାଲିରେ ସିପିଆଇଏମ ନେତ୍ରୀ ବିନ୍ଦ୍ରା କରାଟ ବିଜେପିର ସ୍ଲୋଗାନ ଅମୃତ କାଳକୁ ସମାଲୋଚନା କରି ଏବେ ଜହରକାଳ(ବିଷ) କାଳ ଚାଲିଛି ବୋଲି କହିଛନ୍ତି।

ସେ କହିଛନ୍ତି ଯେ, ମୋଦି ସରକାର ଗରବିଙ୍କୁ ମାଗଣା ରାସନ ଦେବା କଥା କହୁଛନ୍ତି। କିନ୍ତୁ ଚଳିତ ବର୍ଷ ବଜେଟରେ ଖାଦ୍ୟ ସବସିଡି ୯୦,୦୦୦ ଟଙ୍କା ହ୍ରାସ କରାଯାଇଛି। ସିପିଆଇଏମ ପଲିଟି ବ୍ୟୋରୋ ବିନ୍ଦ୍ରା କରାଟ କହିଛନ୍ତି ଯେ, ବିଜେପି ଜାତି ଧର୍ମକୁ ନେଇ ରାଜନୀତି କରୁଛି। ସମ୍ବିଧାନ ଉପରେ ଆକ୍ରମଣ କୁରୁଛି ବିଜେପି। ସେ ଆହୁରି କହିଛନ୍ତି ଯେ, ସେମାନେ ଧର୍ମକୁ ନେଇ ରାଜନୀତିରେ ଲିପ୍ତ ଅଛନ୍ତି। ହିନ୍ଦୁତ୍ୱ ସେମାନଙ୍କର ଆଦର୍ଶ । ହିନ୍ଦୁ ଧର୍ମ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ନିର୍ବାଚନ ଫାଇଦା ପାଇଁ ବିଜେପି ଧ୍ରୁବୀକରଣ କରୁଛି। ଶାସକ ବିଜେପି ଆମର ସାମ୍ବିଧାନିକ ଗୋଟିଏ ପରେ ଗୋଟିଏ ଅନୁଷ୍ଠାନ ଉପରେ ବୋଲଡୋଜର ଚଳାଉଛି। ବିଜେପି କୋର୍ଟ ଏବଂ ଗଣମାଧ୍ୟମ ଭଳି ଅନୁଷ୍ଠାନକୁ ଦୁର୍ବଳ କରୁଛି।

ବିଜେପି ଦେଶର ଗଣତାନ୍ତ୍ରିକ ଭିତ୍ତିଭୂମି ନଷ୍ଟ କରୁଛି। ଅଜ୍ଞାତ ନିର୍ବାଚନ ବଣ୍ଡ ଜାରି କରି ଦଳ କୋଟି



କୋଟି ଟଙ୍କା ଆୟ କରୁଛି। ଆସନ୍ତା ଫେବୃଆରୀ ୧୬ରେ ତ୍ରିପୁରାରେ ୬୦ଟି ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସବୁ ଦଳ ପକ୍ଷରୁ ଏଠାରେ ପ୍ରଚାର ମଧ୍ୟ ଜୋରଦାର କରାଯାଉଛି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ସ୍ମୃତି ଇରାନୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ବିରୋଧୀ ଦଳର ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ସେହିପରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ, ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧୀ, ମୁକୁଲ ୱାସନିକ ପ୍ରମୁଖ ତ୍ରିପୁରାରେ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିପାରନ୍ତି।

# ପୁଣି ଭୂମିକମ୍ପରେ ଥରିଲା ତୁର୍କୀ

ପୁଣି ତୁର୍କୀ ଓ ସିରିୟାରେ କମ୍ପନ। ଭୂକମ୍ପରେ ଥରିଲା ତୁର୍କୀ। ଏଥର ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୭ ରେକର୍ଡ କରାଯାଇଛି। କହାରନମାରସର ଦକ୍ଷିଣ-ପୂର୍ବରୁ ୨୪ କିଲୋମିଟର ଦକ୍ଷିଣରେ ଭୂମିକମ୍ପର କେନ୍ଦ୍ରସ୍ଥଳ ଥିବା ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ସ୍ଥାନୀୟ ସମୟ ୧୨ଟା ୩୦ମିନିଟ୍‌ରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପ ଝଟ୍‌କା ଅନୁଭୂତ ହେବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତି। ଜୀବନ ବଞ୍ଚାଇବାକୁ ସୁରକ୍ଷିତ ସ୍ଥାନକୁ ଦୌଡ଼ି ପଳାଇଛନ୍ତି।



ସେପଟେ ତୁର୍କୀ ଓ ସିରିୟାରେ ପ୍ରଳୟଙ୍କାରୀ ଭୂମିକମ୍ପ ପରେ ମୃତ୍ୟୁ ସଂଖ୍ୟା ଲଗାତର ବଢ଼ିବାରେ ଲାଗିଛି। ୬ ଦିନ ପରେ ବି ଧ୍ୱଂସାବଶେଷ ତଳୁ ଉଦ୍ଧାର ଚାଲିଛି ମୃତଦେହ। ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ଦୁଇ ଦେଶରେ ପ୍ରାୟ ୩୪ ହଜାରରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି। କେବଳ ତୁର୍କୀରେ ୨୯ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ସିରିୟାରେ ୪ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ଗୁରୁତରଙ୍କ ସଂଖ୍ୟା ୧ ଲକ୍ଷ ଟପିଛି।

ଭୂମିକମ୍ପ ଯୋଗୁ ତୁର୍କୀ ପୂରାପୁରି ନଷ୍ଟ ହୋଇ ଯାଇଛି। ବଡ ବଡ ଅଟ୍ଟାଳିକା ସବୁ ମାଟିରେ ମଶିଯାଇଛି। ସେପଟେ ସିରିୟାରେ ଭୂମିକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳକୁ ଆବଶ୍ୟକୀୟ ସହାୟତ ପହଞ୍ଚାଇବାରେ ବାଧା ସୃଷ୍ଟି ହୋଇଥିବା ଯୋଗୁ ସଂଯୁକ୍ତ ରାଷ୍ଟ୍ର ନିନ୍ଦା କରିଛି। ଏଥିସହ ଭୂକମ୍ପରେ ମରିବା ଲୋକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଚେତାବନୀ ଦେଇଛି।

ଅନ୍ୟପଟେ ଭୂମିକମ୍ପ ପ୍ରପୀଡ଼ିତ ଅଞ୍ଚଳ ଛାଡ଼ି ଇସ୍ତାନ୍‌ବୁଲ୍, ଅଙ୍କାରା, ଅନ୍ତାଲା ଏବଂ ଅନ୍ୟାନ୍ୟ ନିରପଦ ଅଞ୍ଚଳକୁ ଚାଲିଯାଉଥିବା ଲୋକମାନଙ୍କ ପାଇଁ ରବିବାର ଦିନ ତୁର୍କୀ ଏୟାର୍‌ଲାଇନ୍‌ସ୍ ଏବଂ ପେଗାସସ୍ ? ଏୟାର୍‌ଲାଇନ୍‌ସ୍ ମାଗଣାରେ ଟିକେଟ୍ ଯୋଗାଇ ଦେବାକୁ ଘୋଷଣା କରିଛି।

ଭୂମିକମ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟ ହଷ୍ଟେଲ୍ ଏବଂ ଟୁରିଷ୍ଟ୍ ରିସର୍ଟରେ ଥିବା ହୋଟେଲ୍ ଗୁଡ଼ିକରେ ଆଶ୍ରୟ ଦିଆଯାଉଛି। ଗାଜିଆନ୍‌ତେପ୍, ହାତାଇ, ନୁର୍‌ଦାଗି ଏବଂ ମାରାଶ୍ ଆଦି ଅଞ୍ଚଳରୁ ଅସଂଖ୍ୟ ଲୋକ ଭୂକମ୍ପ ପ୍ରପୀଡ଼ିତ ଅଞ୍ଚଳ ଛାଡ଼ି ଚାଲିଗଲେଣି। ନିରାପଦ ସ୍ଥାନକୁ ଚାଲିଯିବା ଲାଗି ହଜାର ହଜାର ଲୋକ ଗାଜିଆନ୍ ପେତ ବିମାନ ବନ୍ଦରରେ ଭିଡ଼ ଜମାଇଛନ୍ତି।

## ସଂ ପା ଦ କୀ ୟ

### ସଙ୍କଟରେ ଚତୁର୍ଥସ୍ତମ୍ଭ

କରୋନା ସମୟରୁ ସାମ୍ବାଦିକମାନଙ୍କ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରବେଶ ଉପରେ କଟକଣା ଲାଗିଥିଲା । ଆଜି ଦିନରେ ସେଭଳି କୌଣସି ପରିସ୍ଥିତି ନଥିବାବେଳେ ସାମ୍ବାଦିକବନ୍ଧୁମାନେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି ଯାହା ନିନ୍ଦନୀୟ ବିଷୟ । ଆମ ରାଜ୍ୟ ପରି ଏକ ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଉଛି ଏହାର ତର୍ଜମା ହେବାର ଆବଶ୍ୟକତା ଅଛି । ଖବରକାଗଜ ଏବଂ ଖବର ସରବରାହ ସଂସ୍ଥାମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଆଖ୍ୟା ଦିଆଯାଇଛି । ଗଣତନ୍ତ୍ରର ସୁରକ୍ଷା ପାଇଁ ଉପରୋକ୍ତ ସଂସ୍ଥାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷ ଭାବରେ କ୍ଷମତାରେ ଥିବା ସରକାରୀ ଦଳକୁ ସେମାନଙ୍କର ତ୍ରୁଟି ବା ମନୋମୁଖୀ କାର୍ଯ୍ୟକଳାପର ସଠିକ୍ ବିଶ୍ଳେଷଣ କରି ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିବା ଏବଂ ବିରୋଧୀ ଦଳମାନଙ୍କୁ ଜନସାଧାରଣଙ୍କର ସ୍ୱାର୍ଥ ରକ୍ଷା ଭଳି ତଥ୍ୟଭିତ୍ତିକ ବିଷୟବସ୍ତୁ ବାବଦରେ ଦାବି ଉପସ୍ଥାପନା କରାଇବାର ମୁଖ୍ୟ କାମ ସାମ୍ବାଦିକ ବନ୍ଧୁମାନଙ୍କର । ଏଥିନିମନ୍ତେ ସାମ୍ବାଦିକମାନଙ୍କୁ ଅନୁସନ୍ଧାନମୂଳକ ଖବର ସଂଗ୍ରହ କରି ଲୋକଲୋଚନକୁ ଆଣିବାର ଆବଶ୍ୟକତା ଅଛି; ଯାହା ଏବେର ସ୍ଥିତିରେ ସମ୍ଭବ ହେଉନାହିଁ । ଏପରି ଏକ ପରିସ୍ଥିତି ସୃଷ୍ଟି ହେବା ପାଇଁ କ'ଣ କାରଣ ହୋଇପାରେ ସେ କଥା ମଧ୍ୟ ଆଲୋଚନାର ବିଷୟବସ୍ତୁ । କିଛି ଦିନ ତଳେ ଏନ୍‌ଡି ଟିଭିକୁ ଏକ ବ୍ୟବସାୟ ପ୍ରତିଷ୍ଠାନ କିଣିନେଲା ପରେ ସେହି ସଂସ୍ଥାରୁ କିଛି ସ୍ୱାଭିମାନୀ ସାମ୍ବାଦିକ ଇସ୍ତଫା ଦେଇ ସାରା ଭାରତବର୍ଷରେ ଏକ ନିଆରା ଉଦାହରଣ ସୃଷ୍ଟି କଲେ । ବର୍ତ୍ତମାନର ସ୍ଥିତିରେ ପ୍ରାୟ ସବୁ ବଡ଼ ବଡ଼ ଖବର ସରବରାହ ପ୍ରତିଷ୍ଠାନମାନ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ବା ବ୍ୟବସାୟିକ ଅନୁଷ୍ଠାନର ବ୍ୟକ୍ତିଗତ ମାଲିକାନାରେ ପରିଚାଳିତ । ଅନେକ ଦିନ ତଳୁ ଅନୁସନ୍ଧାନମୂଳକ ସାମ୍ବାଦିକତା କରୁଥିବା ବ୍ୟକ୍ତି ବହୁ କଷ୍ଟ କରି ସମ୍ବାଦ ସଂଗ୍ରହ କଲାପରେ ସଂସ୍ଥାର ମାଲିକ ସେଇ ଖବରକୁ ନେଇ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ବ୍ୟବହାର କରି ବ୍ୟବସାୟ ବୃଦ୍ଧି କଲେ; ଯେଉଁଥିପାଇଁ ଏଭଳି ସାମ୍ବାଦିକତାରେ କାର୍ଯ୍ୟରତ ବ୍ୟକ୍ତିଙ୍କୁ ମାନସିକ ନିର୍ଯ୍ୟାତନା ଦେଇ ଗତି କରିବାକୁ ପଡ଼ିଲା । ଏଭଳି ଘଟଣା କାଁ ଭାଁ ନୁହେଁ ବରଂ ଏହା ପ୍ରାୟ ସବୁଠି ଘଟିବା ଯୋଗୁଁ ଅନୁସନ୍ଧାନମୂଳକ ସାମ୍ବାଦିକତାପ୍ରତି ନିଷ୍ଠାପର ସାମ୍ବାଦିକମାନେ ବିତସ୍ପୃହ ହେବାରେ ଲାଗିଲେ ଏବଂ କାଳକ୍ରମେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ହିଁ ଏଭଳି ମହତ୍ କାର୍ଯ୍ୟ କରୁଛନ୍ତି । ଖବର ସରବରାହ ସଂସ୍ଥାମାନେ ଏବେ କେତେ ବର୍ଷ ହେବ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଭ୍ୟ ବା ହିତାଧିକାରୀ ହୋଇଥିବାରୁ ସେମାନଙ୍କ ପାଖରେ କାମ କରୁଥିବା ସ୍ୱାଧୀନଚେତା ସାମ୍ବାଦିକଟି ନିଜର ବୃତ୍ତି ପାଇଁ ବାଧ୍ୟବାଧକତାର ଶିକୁଳି ଭିତରେ କାର୍ଯ୍ୟ କରୁଛି ଯେଉଁଥିପାଇଁ ତା'ର ସୃଜନଶୀଳତାର ବ୍ୟବହାର କରିପାରୁନାହିଁ । ଏଭଳି ପରିବେଶ ଭିତରେ ସାମ୍ବାଦିକତା କରୁଥିବା ବ୍ୟକ୍ତି ବିଶେଷମାନେ ନିଜର ମେଧା ବା ସୃଜନଶୀଳତାକୁ କାମରେ ଲଗାଇବା ପରିବର୍ତ୍ତେ ଖବର ସଂଗ୍ରହ ପାଇଁ ନିର୍ଭରଶୀଳ ପଥ ଅବଲମ୍ବନ କରିବାକୁ ବାଧ୍ୟ ହେଲେ । ଫଳସ୍ୱରୂପ ଯେ କୌଣସି କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାମାନଙ୍କଠାରୁ ଲେଖାଥିବା କାଗଜଟିକୁ ସଂଗ୍ରହ କରି ତାକୁ ମାଲିକର ମନୋଭାବ ଅନୁଯାୟୀ ରୂପାନ୍ତରିତ କରି ଖବର ପରିବେଷଣ କଲେ । ଏହି କାର୍ଯ୍ୟକ୍ରମଟି ଅନେକ ବର୍ଷ ଧରି ଏକ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଯିବା ଦ୍ୱାରା ସରକାରୀ କଳକୁ ଏମାନଙ୍କୁ ନିୟନ୍ତ୍ରଣ କରିବାଟା ଅତି ସହଜ ହୋଇଗଲା । ଯେଉଁଥିପାଇଁ ବୋଧେ ଏବେ ସାମ୍ବାଦିକମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଧାନସଭା ଆଦି ସ୍ଥାନକୁ ଖବର ସଂଗ୍ରହ ପାଇଁ ଯିବାକୁ ବାରଣ କରାଗଲେ ବି ଏହାର ପ୍ରକୃତ ପ୍ରଭାବ ନା ସାଧାରଣ ଲୋକଙ୍କ ଉପରେ ପଡୁଛି ନା ସାମ୍ବାଦିକ ବନ୍ଧୁ ନା ସମ୍ବାଦ ସରବରାହ ସଂସ୍ଥା ଉପରେ ପଡୁଛି । ସମୟ ଥାଉ ଥାଉ ସଜାଡ଼ି ନ ହେଲେ ଚତୁର୍ଥ ସ୍ତମ୍ଭର ସ୍ଥିତି ଯେ ନିଶ୍ଚୟ ସଙ୍କଟାପନ୍ନ ହେବ ଏଥିରେ ସନ୍ଦେହ ନାହିଁ ।

ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ
ଆମ ଠିକଣାରେ
Sector-1/163 HIG Dupled, Niladri Vihar,
Po- Sailashree Vihar, Bhubaneswar - 751021
E-mail: odishasanket@gmail.com

# ଲକ୍ଷ୍ମଣରେଖା ଭାଙ୍ଗିବା ପାଇଁ ଦଳୀୟ ପ୍ରତିଯୋଗିତା

**ରବି ଦାସ, ବରିଷ୍ଠ ସାମ୍ବାଦିକ**



**ଜନସାଧାରଣ ନିର୍ବାଚନ ଜରିଆରେ ଯେତେବେଳେ ସରକାର ଗଠନ କରନ୍ତି ସେତେବେଳେ ବିରୋଧୀ ଦଳ ପାଇଁ ମଧ୍ୟ ନିର୍ବାଚନରେ ଭୋଟ ଦେଇଥାନ୍ତି । ସେଥିପାଇଁ ଗଣତନ୍ତ୍ରରେ ବିରୋଧୀ ଦଳର ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ରହିଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପନ୍ନ ହୋଇଥିବା ନେଇ ବିରୋଧୀ ଦଳ ଅଭିଯୋଗ କରିବା ଓ ଏଥିପାଇଁ ସରକାରୀ ତଥ୍ୟକୁ ଉପସ୍ଥାପିତ କରିବା ଏକ ସାଧାରଣ ରାଜନୈତିକ ପ୍ରକ୍ରିୟା । ଏହାକୁ ସରକାରୀ ଦଳ ଅସତ୍ୟ, ମନଗଢ଼ା କହି ବିରୋଧୀ ପକ୍ଷର ଦୋଷତ୍ରୁଟି ଦର୍ଶାଇବା, ସେମାନଙ୍କର ରାଜନୈତିକ କାର୍ଯ୍ୟକଳାପ ଭାବରେ ବିଚାର କରାଯିବ । ନିର୍ବାଚନ ପୂର୍ବରୁ ରାଜ୍ୟରେ ପରସ୍ପର ବିରୋଧୀ ଦୁଇଟି ରାଜନୈତିକ କାର୍ଯ୍ୟକଳାପ ଚାଲିବାରେ କିଛି ଅସୁବିଧା ନାହିଁ । ପ୍ରତ୍ୟେକ ଗୋଷ୍ଠୀ ନିଜର ଆଚରଣକୁ ଯଥାର୍ଥ କହିବା ଓ ଅନ୍ୟପକ୍ଷ ନାଟକବାଜି କରୁଛି ବୋଲି ଆକ୍ଷେପ କରିବାର ପରମ୍ପରାକୁ ଜନସାଧାରଣ ସହଜରେ ବୁଝିପାରନ୍ତି ।**

ଆଗାମୀ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସେହି ପରିମାଣରେ ରାଜନୈତିକ ଦଳମାନଙ୍କର କାର୍ଯ୍ୟକଳାପ ଓ ଲୋକମାନଙ୍କ ନିକଟରେ ପ୍ରଭାବ ପକାଇବା ପାଇଁ ପ୍ରତିଯୋଗିତା ବଢ଼ିବା ସ୍ୱାଭାବିକ । କିନ୍ତୁ ଏହି ପ୍ରତିଯୋଗିତା ଭିତରେ ରାଜନୈତିକ ଓ ପ୍ରଶାସନିକ ବିଧିବିଧାନକୁ ପ୍ରତ୍ୟେକ ଦଳ ଏପରି ଭାବରେ କରିବା ଉଚିତ୍ ଯେଉଁଥିରେ ହିଂସାତ୍ମକ ବାତାବରଣ ବଢ଼େଇବାରେ ସହାୟକ ହେବନାହିଁ । ଯେପରି ଗଣମାଧ୍ୟମ ପାଇଁ ଏକ ଲକ୍ଷ୍ମଣରେଖା ରହିଛି, ଯାହାକୁ ଅତିକ୍ରମ କଲେ ସମାଜ କଳୁଷିତ ହେବ । ବାସ୍ତବରେ ଏହି ଲକ୍ଷ୍ମଣରେଖାକୁ ଅନେକ ଗଣମାଧ୍ୟମ ପାଳନ କରୁନଥିବାରୁ ଦେଶର ସମାଜ ଭିତରେ ଘୃଣା ଓ ହିଂସାର ବାତାବରଣ ବୃଦ୍ଧି ପାଉଛି । ସେହିପରି ରାଜନୈତିକ ସ୍ତରରେ ପ୍ରତ୍ୟେକଙ୍କ ପାଇଁ ଉଭୟ ସରକାର, ବିରୋଧୀ ଓ ପୋଲିସ ପ୍ରଶାସନ ପାଇଁ ରାଜନୈତିକ କାର୍ଯ୍ୟକଳାପରେ ଏକ ଲକ୍ଷ୍ମଣରେଖା ରହିଛି । ସେହି ରେଖାକୁ ନମାନିଲେ ଅଶ୍ୱସ୍ତିକର ବାତାବରଣ ନିଶ୍ଚିତ ସୃଷ୍ଟି ହେବ ।

ନିକଟରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ପ୍ରତି ବିଜେପି ବିକ୍ଷୋଭ ସମୟରେ ଜଣେ ମହିଳା ଅଧିକାରୀଙ୍କ ଅସମ୍ମାନ ବ୍ୟବହାର ଓ ଶ୍ରୀ ମିଶ୍ର ତାଙ୍କୁ ମାଡ଼ ମାରିବା ଘଟଣା ନେଇ ହେଉଥିବା ଆଲୋଚନାରେ ରାଜ୍ୟର ଜଣେ ବରିଷ୍ଠ ନେତା ଏହି ସାମ୍ବାଦିକଙ୍କୁ କହିଲେ ଯେ ଜୟନାରାୟଣ ମିଶ୍ରଙ୍କର ଭୋଟ ଏହି ଘଟଣାରେ ସମ୍ବଲପୁରରେ ବୃଦ୍ଧି ପାଇବ । ତାଙ୍କର ଯୁକ୍ତି ହେଲା ଯେ ପୋଲିସକୁ ମାଡ଼ ମାରିଲେ ସମର୍ଥନ କମେ ନାହିଁ, ବରଂ ବଢ଼ିଯାଏ । ତାଙ୍କର ଏହି ଯୁକ୍ତିର କାରଣ ହେଲା ଯେ ସାଧାରଣ ଭାବରେ ପୋଲିସ ପ୍ରତି ଲୋକମାନଙ୍କର ଖୁବ୍ କମ୍ ସ୍ଥାନରେ ସମର୍ଥନ ଥାଏ । କାରଣ ପୋଲିସ ବିଭିନ୍ନ ଘଟଣାରେ ଲୋକମାନଙ୍କୁ ସହାୟତା କରିବା ଅପେକ୍ଷା ଅଧିକ ହଇରାଣ ହରକତ କରିଥାଏ । ପୋଲିସ ଯେଉଁ ଦାୟିତ୍ୱ ପାଇଁ ଅଛି ଓ ଯେଉଁଥିପାଇଁ ସେ ଅନୁଷ୍ଠାନକୁ କ୍ଷମତା ଓ ସୁବିଧା ପ୍ରଦାନ କରାଯାଉଛି ସେହି ଦାୟିତ୍ୱ ପାଳନ ସମୟରେ ସମ୍ବେଦନଶୀଳତା ସହିତ କାମ କରିବା ଓ ନିରୀହ ଲୋକମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ଅପେକ୍ଷା ଉପରିସ୍ଥ ବ୍ୟକ୍ତିମାନଙ୍କୁ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସନ୍ତୁଷ୍ଟ କରିବାକୁ ସେମାନେ ଅଗ୍ରାଧିକାର ଦିଅନ୍ତି । ସେହି କାରଣରୁ ପୋଲିସକୁ ମାଡ଼ ଦେଲେ ତାହା ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବାର ଆଶଙ୍କା ସତ୍ତ୍ୱେ କେତେକ ନେତା ଏହି ପନ୍ଥାର ଆଶ୍ରୟ ନେଇ ସେମାନଙ୍କର ସମର୍ଥନ ବଢ଼ାଇଥାନ୍ତି ।

ଜୟନାରାୟଣ ମିଶ୍ର ସମ୍ଭବତଃ ଏହିପରି ଜଣେ ନେତା ଯିଏକି ପୋଲିସ ଦ୍ୱାରା ଭୟଭୀତ ହୁଅନ୍ତି ନାହିଁ । କିନ୍ତୁ ସେ ବିରୋଧୀ ଦଳର ନେତା ହୋଇଥିବାରୁ ତାଙ୍କଠାରୁ ସାଧାରଣ ଭାବେ କେତେକ ଶୃଙ୍ଖଳା ଓ ସଂଯମତା ସହିତ ଏକ ଲକ୍ଷ୍ମଣରେଖା ଭିତରେ କାମ କରିବାର ଆବଶ୍ୟକତା ରହିଛି ବୋଲି ଭାବିବା ସ୍ୱାଭାବିକ । କିନ୍ତୁ ଜୟନାରାୟଣ ମିଶ୍ରଙ୍କ ସହିତ ସମ୍ବଲପୁରରେ ଜଣେ ମହିଳା ପୋଲିସ ଅଧିକାରୀଙ୍କର ବିଜେପି ବିକ୍ଷୋଭ ସମୟରେ ଯାହା ଘଟିଲା ସେଥିରେ ପୋଲିସର ଓ ମହିଳାର ସମ୍ମାନରେ ଆଘାତ ଆସିଛି ବୋଲି ଦର୍ଶାଇ ପୋଲିସ ସଂଘ ପକ୍ଷରୁ ଓ ମହିଳା ପୋଲିସମାନଙ୍କ ପକ୍ଷରୁ ଯେପରି ପ୍ରତିବାଦ କରାଯାଉଛି ତାହାର ପ୍ରକୃତ ଲକ୍ଷ୍ୟ କ'ଣ ? ବିରୋଧୀ ପକ୍ଷକୁ ଦବାଇଦେବା ଓ ଜଣେ ପୋଲିସ ଅଧିକାରୀ ଗୁଳିରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ହତ୍ୟାଜନିତ ଘଟଣାରେ ପୋଲିସ ପ୍ରତି ଯେଉଁ ଅବିଶ୍ୱାସ ବାତାବରଣ ସୃଷ୍ଟି ହୋଇଛି ତାହାକୁ ଏଡ଼ାଇଦେବା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ଯେ କେହି କହିପାରିବ । କାରଣ ସଂପୃକ୍ତ ପୋଲିସ ଅଧିକାରୀ ଥାନାରେ ଏତଲା ଦେଇଛନ୍ତି ଓ ପୋଲିସ ମାମଲାର ତଦନ୍ତ କରୁଛି । ଅପରପକ୍ଷରେ ଏହାକୁ ଆଳ କରି ଶାସକ ବିଜେଡିର ମହିଳା ସାମ୍ମୁଖ୍ୟ ରାଜ୍ୟବ୍ୟାପି ଏଥିପାଇଁ ବିଜେପିକୁ ନିନ୍ଦା କରି ଓ ଜୟନାରାୟଣ କ୍ଷମା ମାଗନ୍ତୁ ବୋଲି ଦାବି କରି ସଭାସମିତି କରୁଛି । ଏହା ସେମାନଙ୍କର ଅଧିକାର ହେଲେ ମଧ୍ୟ ପୋଲିସ ସଂଘର ଆଚରଣ କଦାପି ଗ୍ରହଣୀୟ ନୁହେଁ ।

ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଯେତେବେଳେ ଗୁଳିକରି ନବକିଶୋର ଦାସଙ୍କୁ ହତ୍ୟା କଲେ ସେତେବେଳେ ସାରା ରାଜ୍ୟରେ ପୋଲିସ ବିରୋଧରେ ଯେଉଁ ବାତାବରଣ ହୋଇଥିଲା ତାହାକୁ ଦୂର କରିବା ପାଇଁ ପୋଲିସ ସଂଘ କିଛି ପଦକ୍ଷେପ ନେଇଛି କି ? ଯେଉଁ ପୋଲିସ ଅଧିକାରୀମାନେ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବା ଜଘନ୍ୟ ଅପରାଧୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପିସ୍ତଲ ପାଇଛନ୍ତି, ସେହି ପିସ୍ତଲ ଯଦି ମନ୍ତ୍ରୀଙ୍କ ବିରୋଧରେ ବ୍ୟବହାର ହେଲା ତେବେ ଏପରି ପୋଲିସ ଅଧିକାରୀଙ୍କୁ ପିସ୍ତଲ ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ନିଶ୍ଚିତ ପ୍ରଶ୍ନ କରାଯିବ । ପୋଲିସ ସଂଘ ଏ ସଂକ୍ରାନ୍ତରେ କୌଣସି ମତ ପ୍ରକାଶ କରୁନଥିବାରୁ କେତେକ ବିଧାୟକ ଯେଉଁମାନେ କି ବ୍ୟକ୍ତିଗତ ସୁରକ୍ଷା କର୍ମୀ ପାଇଛନ୍ତି, ସେମାନେ ଏଥିପ୍ରତି ଭୟଭୀତ ଥିବା କଥା ଗଣମାଧ୍ୟମକୁ କହିଛନ୍ତି । ଯଦି କୌଣସି ପୋଲିସ ଅଧିକାରୀ କୌଣସି ବ୍ୟକ୍ତିଗତ କାରଣରୁ କାହାରି ବିରୋଧରେ କ୍ରୋଧାନ୍ୱିତ ହେଲା, ତେବେ ସେ ପାଇଥିବା ସରକାରୀ ପିସ୍ତଲରେ ସଂପୃକ୍ତ ବ୍ୟକ୍ତିଙ୍କୁ ଗୁଳି କରିଦେଇପାରିବ ବୋଲି ଆଶଙ୍କା ହେବା ସ୍ୱାଭାବିକ ।

ଜନସାଧାରଣ ନିର୍ବାଚନ ଜରିଆରେ ଯେତେବେଳେ ସରକାର ଗଠନ କରନ୍ତି ସେତେବେଳେ ବିରୋଧୀ ଦଳ ପାଇଁ ମଧ୍ୟ ନିର୍ବାଚନରେ ଭୋଟ ଦେଇଥାନ୍ତି । ସେଥିପାଇଁ ଗଣତନ୍ତ୍ରରେ ବିରୋଧୀ ଦଳର ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ରହିଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପନ୍ନ ହୋଇଥିବା ନେଇ ବିରୋଧୀ ଦଳ ଅଭିଯୋଗ କରିବା ଓ ଏଥିପାଇଁ ସରକାରୀ ତଥ୍ୟକୁ ଉପସ୍ଥାପିତ କରିବା ଏକ ସାଧାରଣ ରାଜନୈତିକ ପ୍ରକ୍ରିୟା । ଏହାକୁ ସରକାରୀ ଦଳ ଅସତ୍ୟ, ମନଗଢ଼ା କହି ବିରୋଧୀ ପକ୍ଷର ଦୋଷତ୍ରୁଟି ଦର୍ଶାଇବା, ସେମାନଙ୍କର ରାଜନୈତିକ କାର୍ଯ୍ୟକଳାପ ଭାବରେ ବିଚାର କରାଯିବ । ନିର୍ବାଚନ ପୂର୍ବରୁ ରାଜ୍ୟରେ ପରସ୍ପର ବିରୋଧୀ ଦୁଇଟି ରାଜନୈତିକ କାର୍ଯ୍ୟକଳାପ ଚାଲିବାରେ କିଛି ଅସୁବିଧା ନାହିଁ । ପ୍ରତ୍ୟେକ ଗୋଷ୍ଠୀ ନିଜର ଆଚରଣକୁ ଯଥାର୍ଥ କହିବା ଓ ଅନ୍ୟପକ୍ଷ ନାଟକବାଜି କରୁଛି ବୋଲି ଆକ୍ଷେପ କରିବାର ପରମ୍ପରାକୁ ଜନସାଧାରଣ ସହଜରେ ବୁଝିପାରନ୍ତି । କିନ୍ତୁ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳମାନେ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ପରସ୍ପର ବିରୋଧରେ କେତେ କଟୁଶବ୍ଦ ବ୍ୟବହାର କରିବେ ସେଥିପାଇଁ ଯେଉଁ କାର୍ଯ୍ୟକ୍ରମ ଚାଲେ ତାହାକୁ ସାଧାରଣ ଲୋକ ସହଜରେ ଗ୍ରହଣ କରନ୍ତି ନାହିଁ ।

ଜୟନାରାୟଣଙ୍କ ବିରୋଧରେ ସଭାସମିତି କରି ସେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଅପମାନିତ କରିଥିବା ପ୍ରସଂଗ ଉଠାଇବା ସମୟରେ ସଭାରେ ଉପସ୍ଥିତ ଥିବା ଜଣେ ନେତା, ଯିଏକି ପୂର୍ବରୁ ମୁମ୍ବାଇ ପୋଲିସ କମିଶନର ଥିଲେ ଓ ପୂର୍ବତନ ଆଇପିଏସ୍ ଅଫିସର, ସେ ସିଧାସଳଖ ତାଙ୍କ ହାବୁଡ଼ରେ ଯଦି ଶ୍ରୀ ମିଶ୍ର ପଡ଼ିଥାନ୍ତେ, ତେବେ ସେ ତାଙ୍କୁ ସେଇଠି ଗୋଟିଏ ଚାପୁଡ଼ାରେ ପକେଇ ଦେଇଥାନ୍ତେ ବୋଲି କହିଲେ । ୩୬ ବର୍ଷ ଧରି ପୋଲିସ ଅଫିସର ଭାବରେ କାମ କରିଥିବା ବ୍ୟକ୍ତି ଯଦି ବିଜେଡି ସଭାରେ ବିରୋଧୀ ଦଳ ନେତାଙ୍କ ପ୍ରତି ଧମକ ଦେଇ କହନ୍ତି ଯେ ସେ ତାଙ୍କ ହାବୁଡ଼ରେ ପଡ଼ିଗଲେ କ'ଣ ହେବ, ସେ ବୋଧହୁଏ ଜାଣିନାହାନ୍ତି । ପରୋକ୍ଷରେ ପୋଲିସ ଅଧିକାରୀମାନଙ୍କୁ ବିରୋଧୀ ଦଳଙ୍କୁ ବାଡ଼େଇବା ପାଇଁ ସୁଯୋଗ ଦେବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି ବୋଲି ବୁଝିବାକୁ ପଡ଼ିବ ।

ଏହି ଧମକପୂର୍ଣ୍ଣ ବକ୍ତବ୍ୟ ଉପରେ ଯଦି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଯିଏକି ଗତ କିଛିବର୍ଷ ହେଲା ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦ ଲେଖିବାକୁ ଦାବି କରୁଛନ୍ତି, ସେ ଯଦି ଏପରି ମନ୍ତବ୍ୟ ଉପରେ ନିରବ ରୁହନ୍ତି ତେବେ କେବଳ ରାଜନୈତିକ ଦଳମାନେ ନୁହନ୍ତି, ପୋଲିସ ମଧ୍ୟ ଲକ୍ଷ୍ମଣରେଖା ମାନିବ ନାହିଁ ବୋଲି ଏକ ପରିବେଶ ସୃଷ୍ଟି ହେବ । ଯଦି ପୋଲିସ ନିୟନ୍ତ୍ରଣ ହରାଏ ଯାହାର ସୂଚନା ବ୍ୟକ୍ତିଗତ ସ୍ତରରେ ହେଲେ ମଧ୍ୟ ଗୋପାଳ ଦାସ କ୍ଷେତ୍ରରେ ଦେଖାଗଲା ତା'ହେଲେ ରାଜ୍ୟରେ କି ଅବସ୍ଥା ହେବ ? ସବୁ ରାଜନୈତିକ ଦଳ, ସରକାର, ପୋଲିସ ପ୍ରଶାସନ ସେମାନଙ୍କ ଦାୟିତ୍ୱ ପାଳନ କଲାବେଳେ ଲକ୍ଷ୍ମଣରେଖାକୁ ମାନିବା କେତେ ଜରୁରୀ ତାହା ଯଦି ପ୍ରତି ମୁହୂର୍ତ୍ତରେ ଏହିସବୁ ସଂଗଠନର ମୁଖ୍ୟମାନେ ଓ ସର୍ବୋପରି ମୁଖ୍ୟମନ୍ତ୍ରୀ ବାରମ୍ବାର ନକୁହନ୍ତି, ତେବେ ଓଡ଼ିଶାର ଲକ୍ଷ୍ମଣରେଖା ଅତିକ୍ରମ କରିବା ପାଇଁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଭୟଙ୍କର ରୂପ ନେବ । ନିର୍ବାଚନ ବର୍ଷରେ ଏହାକୁ ନିୟନ୍ତ୍ରଣ କରାଯିବା ଅତି ଜରୁରୀ । ବିଧାନସଭାର ବଜେଟ୍ ଅଧିବେଶନରେ ଆଇନଶୃଙ୍ଖଳା ବିଷୟ ସହିତ ସମସ୍ତ ବିଷୟରେ ଆଲୋଚନା ସମୟରେ ପ୍ରତ୍ୟେକ ସଂଗଠନ ଓ ସରକାର ବିଧାନସଭା ବାହାରେ ମଧ୍ୟ ଲକ୍ଷ୍ମଣରେଖାକୁ କିପରି ସମସ୍ତେ ପାଳନ କରିବେ ସେଥିପାଇଁ ଏକ ବିଧି ପ୍ରସ୍ତୁତ କରିବା ଆବଶ୍ୟକ ।

ମୋ-୮୦୧୮୦୯୪୪୫୫

# ବୁଦ୍ଧ, ଗାନ୍ଧୀ ଓ ଆଦାନୀ

**ଦେବ ରଞ୍ଜନ**

> ଗୌତମ ଆଦାନୀଙ୍କ ସାମ୍ରାଜ୍ୟର ମୂଳ ଉତ୍ସ ହେଉଛି ଶେୟାର ବଜାରରେ ଉତ୍ତମ ଅନୁମାନ ବା ଶ୍ବକ୍ତ୍ରମଙ୍କକ୍ଷବସ୍ବସକ୍ଟଭ । ହିଣ୍ଡେନବର୍ଗ ରିପୋର୍ଟ କୁହେ, "ଆଦାନୀ ଏଣ୍ଟରପ୍ରାଇଜର୍ସ କମ୍ପାନୀ ଦଶନ୍ଧି ଧରି ଶେୟାର ବଜାରରେ ବିଭିନ୍ନ କାରସାଦିରେ ତଥା ଠକାମିର ରାସ୍ତାରେ ନିଯୁକ୍ତ ରହିଛି ।" ଏହି ହେତୁ ଆଜି କମ୍ପାନୀ ୧୭ ଲକ୍ଷ ୮୦ ହଜାର କୋଟି ଭାରତୀୟ ମୁଦ୍ରାରେ ସମ୍ପତ୍ତି ଏକାଠି କରିପାରିଥିବା କଥା ରିପୋର୍ଟ କୁହେ ।

ସତରେ ମହାତ୍ମା ଗୌତମ ବୁଦ୍ଧ କଦାପି ଭାବି ନଥିବେ ଯେ ତାଙ୍କରି ଜନପଦରେ ଜଣେ କେହି ମଣିଷ ତାଙ୍କର ଅନ୍ତରାତ୍ମାର ବାଣୀକୁ ଭୁଲ ପ୍ରମାଣିତ କରିଦେବ ଓ କହିବ ଯେ "କାମନାର ବିନାଶ ନୁହେଁ" ବରଂ କାମନାର ପ୍ରତିପାଳନ ଦ୍ୱାରା ହିଁ ତୁମେ "କ୍ରମାଗତ ଭାବରେ ପ୍ରଗତି କରିପାରିବ ଓ ସୁଖୀ ହୋଇପାରିବ ।" ମାନବ ଜାତିର ମୁକ୍ତି ଲାଗି ଯେଉଁ ଭୂଖଣ୍ଡରେ ଗୌତମ ଦିନେ ଅଶ୍ୱତ୍ଥ ବୃକ୍ଷ ତଳେ ଖାଦ୍ୟ ସ୍ପର୍ଶ ନକରି ଦୀର୍ଘ ବାର ବର୍ଷ ସାଧନା କରିଥିଲେ ସେହି ଜନପଦରେ ଗୌତମ ନାମଧାରୀ ଅନ୍ୟ ଜଣେ ମଣିଷ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ବ୍ୟକ୍ତି ହେବାର ଲାଳସାକୁ ପୂର୍ଣ୍ଣ କରୁଛି ତାହା ପୁଣି ଭୋକିଲା ଜନତାଙ୍କ ସାମ୍ନାରେ । ଏହା କ'ଣ ବୁଦ୍ଧଙ୍କୁ ଭୁଲ ପ୍ରମାଣିତ କରୁ ନାହିଁ କି ?

ଯାହାଙ୍କ ନେତୃତ୍ୱରେ ଏତେ ବଡ଼ ଦେଶ ସ୍ୱାଧୀନ ହେଲା ସେହି ଅଧା ଲଙ୍ଗଳା ଫକିରଙ୍କର ସ୍ୱାଧୀନତା ଆନ୍ଦୋଳନରେ ପାଦ ଦେବା ପରଠାରୁ (୧୯୧୫ ମସିହା) ଜୀବନର ଶେଷ ପର୍ଯ୍ୟନ୍ତ କୌଣସି ବି ବ୍ୟାଙ୍କରେ ଆକାଉଣ୍ଟ ନଥିଲା । ଦେଶରେ ସ୍ୱାଧୀନତା ଆଣିବା ଓ ସମାନତାପୂର୍ଣ୍ଣ ସମାଜ ଗଠନ ଲାଗି ଯିଏ ନିଜର ସମୁଦାୟ ଜୀବନର ୧୫ ବର୍ଷ (ଏକକାଳୀନ ନୁହେଁ) ବିଭିନ୍ନ ଜେଲରେ ବନ୍ଦୀ ଜୀବନ କଟାଇଥିଲେ ସେ କ'ଣ କେବେ ଭାବିଥିବେ ଯେ ତାଙ୍କରି ପ୍ରଦେଶରୁ ଜଣେ ମଣିଷ ବିଶ୍ୱର ଅତି ଧନୀଙ୍କ ସହିତ ଦିନେ ପ୍ରତିଯୋଗିତା କରିବ ଅଥଚ ତାହାରି ସାମ୍ନାରେ ଦେଶର ୮୦ କୋଟି ଜନତା (ସରକାରୀ ତାଲିକାର ହିତାଧିକାରୀ) ପ୍ରତି ଦିନ ଭଲ ଖାଦ୍ୟ ଟିକିଏ ପାଉନଥିବେ ? ଏହାକୁ କୁହାଯାଏ ବିଡ଼ମ୍ବନା ।

ଏହା ନୁହେଁ ଯେ ହିଣ୍ଡେନବର୍ଗର ରିପୋର୍ଟ ଆସିବା ପରେ ଆଜି ଆମେ ଆଦାନୀଙ୍କ ସାମ୍ରାଜ୍ୟ ସମ୍ପର୍କରେ ଜାଣୁଛେ । ଅକ୍ସଫାମ ରିପୋର୍ଟ ତ ଆମକୁ ବହୁ ଆଗରୁ ଏହି ଅସମାନତା ସମ୍ପର୍କରେ ସୂଚୀତ କରିଆସିଛି । ବରଂ କୁହାଯିବ ଯେ ହିଣ୍ଡେନବର୍ଗର ରିପୋର୍ଟ ଆସିବା ପରେ ଗଣମାଧ୍ୟମରେ କିଛି ସମୟ ଲାଗି ଏ ସମ୍ପର୍କରେ ଲେଖା ପ୍ରକାଶିତ ହେବାର ସୁଯୋଗ ଆସିଛି । ଗଣମାଧ୍ୟମକୁ ଜଣାନାହିଁ ଯେ ଆଦାନୀଙ୍କ ଗତି ଏହାପରେ କେଉଁ ଆଡ଼କୁ ହେଉଛି !

ଗୌତମ ଆଦାନୀଙ୍କ ସାମ୍ରାଜ୍ୟର ମୂଳ ଉତ୍ସ ହେଉଛି ଶେୟାର ବଜାରରେ ଉତ୍ତମ ଅନୁମାନ ବା ଶ୍ବକ୍ତ୍ରମଙ୍କକ୍ଷବସ୍ବସକ୍ଟଭ । ହିଣ୍ଡେନବର୍ଗ ରିପୋର୍ଟ କୁହେ, "ଆଦାନୀ ଏଣ୍ଟରପ୍ରାଇଜର୍ସ କମ୍ପାନୀ ଦଶନ୍ଧି ଧରି ଶେୟାର ବଜାରରେ ବିଭିନ୍ନ କାରସାଦିରେ ତଥା ଠକାମିର ରାସ୍ତାରେ ନିଯୁକ୍ତ ରହିଛି ।" ଏହି ହେତୁ ଆଜି କମ୍ପାନୀ ୧୭ ଲକ୍ଷ ୮୦ ହଜାର କୋଟି ଭାରତୀୟ ମୁଦ୍ରାରେ ସମ୍ପତ୍ତି ଏକାଠି କରିପାରିଥିବା କଥା ରିପୋର୍ଟ କୁହେ ।

ମୁଁ ଜଣେ ବାଣିଜ୍ୟ ବିଭାଗର ଛାତ୍ର ହୋଇଥିବା କାରଣରୁ ଜାଣିଛି ଯେ ଅନେକ କମ୍ପାନୀ ନିଜର ଶେୟାରର ମୂଲ୍ୟ ବଢ଼ାଇବା ଲାଗି ନିଜ କମ୍ପାନୀର ମୂଲ୍ୟାଙ୍କନ ଜାଣି ଜାଣି ଅଧିକ କରିଥା'ନ୍ତି । ଏହା ବର୍ଷ ବର୍ଷର ଅଭ୍ୟାସ । ଏହାକୁ ରୋକିବା ଦିଗରେ ସରକାରୀ ଉଦ୍ୟମ କରାଯାଇନାହିଁ । କିନ୍ତୁ ଆଦାନୀ ଗ୍ରୁପର ଏକ ଟଙ୍କାର ଶେୟାରକୁ ୪୦୦୦ ଟଙ୍କା ନିକଟରେ ପହଞ୍ଚାଇବା ଲାଗି ହେଲେ କେବଳ ମ୍ୟାଜିକ ସୂତ୍ର ଆବଶ୍ୟକ ଯାହା କି ସତରେ ହୋଇଥିଲା । ଗଲା ଅଗଷ୍ଟ ୨୦୨୦ରୁ ଅଗଷ୍ଟ ୨୦୨୨ ମଧ୍ୟରେ ଆଦାନୀ ଏଣ୍ଟରପ୍ରାଇଜର୍ସର ଗଲା ଦୁଇ ବର୍ଷ ମଧ୍ୟରେ ଶେୟାର ମୂଲ୍ୟ ୨,୦୦୦ କୋଟି ଡଲାରରୁ ୧୨,୦୦୦ କୋଟି ଡଲାରରେ ପହଞ୍ଚିପାରିଥିଲା ଅର୍ଥାତ ୮୧୯% ବୃଦ୍ଧି ଘଟିଥିଲା । ହିଣ୍ଡେନବର୍ଗ ରିପୋର୍ଟ କୁହେ, ଏହାର କାରଣ ଥିଲା କମ୍ପାନୀର ମୂଲ୍ୟ ନିର୍ଦ୍ଧାରଣରେ ମିଛ ବୃଦ୍ଧି ।

କୌଣସି କମ୍ପାନୀ ଶେୟାର ବଜାରରେ ଉଛାଳ ପାଇବା ଲାଗି ନିଜର କମ୍ପାନୀର ଅତି ଅଧିକ ମୂଲ୍ୟାନିର୍ଦ୍ଧାରଣ କରିବା କେବଳ ଏକ ଅପରାଧ ନୁହେଁ । ଏହା ଅନେକଙ୍କ ଲାଗି ଘାତକ ମଧ୍ୟ ହୋଇଥାଏ । ଏହା କମ୍ପାନୀର କ୍ଷତି କରାଇବା ସହିତ ନିଜର କୋଟି କୋଟି ଅଂଶଧନକାରୀ ବା ଶେୟର ହୋଲ୍ଡରଙ୍କ ଲାଗି ଅସୀମ କ୍ଷତି ଆଣିଦିଏ । ବିଶେଷକରି, ଆଜିର ଜଗତୀକରଣ ଯୁଗରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀର ଅଂଶଧନକାରୀମାନେ କେବଳ ଗୋଟିଏ ଦେଶ ମଧ୍ୟରେ ସୀମିତ ନରହି ଅନେକ ଦେଶର ହୋଇଥା'ନ୍ତି । ସେମାନେ କମ୍ପାନୀର ପ୍ରଗତି ସହିତ ସେହି ଦେଶର ନିୟମ କାନୁନ ଉପରେ ଭରସା କରି ପୁଞ୍ଜିନିବେଶ କରିଥା'ନ୍ତି ।

ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଆନ୍ତର୍ଜାତିକ ସ୍ତରରେ କୌଣସି ସଂସ୍ଥା ଆଜି ବି ତିଆରି କରାଯାଇ ନାହିଁ । କେବଳ କମ୍ପାନୀର ନିଜସ୍ୱ ପୈତୃକ ଦେଶର ସ୍ୱଚ୍ଛତା ଓ କମ୍ପାନୀର ନିଜସ୍ୱ ପ୍ରଗତି ହିଁ ଏ କ୍ଷେତ୍ରରେ ବିଦେଶର ଅଂଶଧନକାରୀଙ୍କ ଲାଗି ମାପକାଠି ହୋଇଥାଏ । ଯେତେବେଳେ ଶେୟାର ବଜାରରେ କମ୍ପାନୀର ଠକାମୀ ଜଣାପଡ଼େ ଓ କମ୍ପାନୀର ଶେୟାର ମୂଲ୍ୟ ଅତି ତଳକୁ ଖସିଯାଏ ସେତେବେଳେ ଅଂଶଧନକାରୀମାନେ ଆତ୍ମହତ୍ୟାର ରାସ୍ତା ମଧ୍ୟ ବାଛି ନିଅନ୍ତି । କାରଣ ନିଜର ସମସ୍ତ ସଞ୍ଚୟକୁ ସେମାନେ କମ୍ପାନୀର ସେୟାର କିଣିବାରେ ଖଟାଇଥା'ନ୍ତି । ପ୍ରଶ୍ନ ଆସେ ଯେ ଅଦାନୀ ଏଣ୍ଟରପ୍ରାଇଜର୍ସ ଭଳି ଏକ ଭାରତୀୟ ବହୁରାଷ୍ଟ୍ରୀୟ ସାର୍ବଜନୀକ ପୁଞ୍ଜୀକୃତ କମ୍ପାନୀର (publicly listed holding company) କାର୍ଯ୍ୟ ଭାରତର ଷ୍ଟକ ଏକ୍ସଚେଞ୍ଜ୍ ଅଫ ଇଣ୍ଡିଆ (ସେବି), ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଫେମା) ଓ ଡିରେକ୍ଟର ଓ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଦ୍ୱାରା ସମୟ ସମୟରେ କଣ ତଦାରଖ ହେଉନଥିଲା ?

'ସେବି'ର ଗିରଫ କରିବା ଓ ସମ୍ପତ୍ତି ବ୍ୟାଜପ୍ତ କରିବାର କ୍ଷମତା ମଧ୍ୟ ରହିଛି । ହିଣ୍ଡେନବର୍ଗ ରିପୋର୍ଟ କହୁଛି ଯେ ୨୦୦୪ ରୁ ୨୦୧୦ ମଧ୍ୟରେ ଉଭୟ ଡିଆରଆଇ ଓ ସେବି ଦ୍ୱାରା ବିଭିନ୍ନ ସମୟରେ ଆଦାନୀଙ୍କ କମ୍ପାନୀ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏପରିକି ଗୌତମ ଆଦାନୀଙ୍କ ସାନ ଭାଇ ରାଜେଶ ଆଦାନୀ, ଡିଆରଆଇ ଦ୍ୱାରା ଦୁଇ ଥର ଗିରଫ ହୋଇଛନ୍ତି । 'ସେବି' ଗୌତମ ଆଦନୀଙ୍କ ବଡ଼ ଭାଇ ବିପକ୍ଷରେ ଧୋକାବାଜୀର ଅଭିଯୋଗ ଆଣେ । କିନ୍ତୁ ୨୦୧୪ ମସିହା ପରଠାରୁ ଏହି ସମସ୍ତ ଅନୁଷ୍ଠାନ ଆଦାନୀ ଗୃପ ପ୍ରତି ଚୁପ ହୋଇଯାଇଛନ୍ତି । ଏହା ଏକ 'ପାରିବାରିକ ବ୍ୟବସାୟ'ରେ ପରିଣତ ହୋଇଛି । ପରିବାର ସଦସ୍ୟମାନେ ଆଦାନୀ ଗୃପ ଅଧୀନସ୍ଥ ସାତଟି କମ୍ପାନୀର ମୁଖ୍ୟ ପଦବୀରେ ରହିଛନ୍ତି । ଏହା ହିଣ୍ଡେନବର୍ଗ ରିପୋର୍ଟରୁ ସ୍ପଷ୍ଟ ହେଉଛି ।

ଗୌତମ ଅଦାନୀଙ୍କ ବଡ଼ ଭାଇ ବିନୋଦ ଅଦାନୀଙ୍କ ନେତୃତ୍ୱରେ ମରିସସ, ଆରବ ଏମିରେଟ୍ସ, ବିଭିନ୍ନ କାରିବିଆନ ଦେଶରେ ୩୮ ଅଚଳ କମ୍ପାନୀ (shell company) ଖୋଲାଯାଇଛି ଓ ତାହା ମାଧ୍ୟମରେ ଆମଦାନୀ ରପ୍ତାନୀ ନାମରେ ଦେଶର ଟିକସର ଠକେଇ ହୋଇଥିବା କଥା ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ କରୁଛି । ହିଣ୍ଡେନବର୍ଗ ରିପୋର୍ଟରେ ଅଦାନୀ ଗୃପ ଦ୍ୱାରା ଗଠିତ ଅଚଳ କମ୍ପାନୀ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲେ ମଧ୍ୟ ଅଦାନୀ ଗୃପ ନିଜର ଦୀର୍ଘ ଉତ୍ତରରେ କିନ୍ତୁ ଏହି ଅଚଳ କମ୍ପାନୀଙ୍କ ସମ୍ପର୍କରେ କିଛି ଉଲ୍ଲେଖ କରୁନାହାନ୍ତି ।

ଗଲା କିଛି ଦଶନ୍ଧି ହେଲା 'ସେବି' ଏକ ସ୍ୱାଧୀନ ସଂସ୍ଥା ଭାବରେ କାମ ନକରି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଏକ ବିଭାଗ ଭଳି କାମ କରୁଛି । ୨୦୦୩ ମସିହାରେ ଯେବେ ଷ୍ଟେରଲାଇଟ କମ୍ପାନୀ ବିପକ୍ଷରେ ମରିସସ ରାସ୍ତା ଦେଇ ଅଚଳ କମ୍ପାନୀ ନାମରେ ଟିକସ ଠକେଇ କରିବାର ଅଭିଯୋଗ ଆସିଲା ସେତେବେଳେ ବି 'ସେବି' ଷ୍ଟେରଲାଇଟ – ବେଦାନ୍ତ କମ୍ପାନୀକୁ ଦଣ୍ଡିତ କରିବା ବଦଳରେ ନୀରବ ରହିଥିଲା । ବେଦାନ୍ତ କମ୍ପାନୀ ତରଫରୁ ପି ଚିଦାମ୍ବରମଙ୍କୁ ଓକିଲ ଭାବରେ ନିଯୁକ୍ତ କରାଯାଇଥିଲା । ପରେ ସେ ଦେଶର ଅର୍ଥମନ୍ତ୍ରୀ ହୋଇଥିଲେ । ଷ୍ଟେରଲାଇଟ କେସ ଏହା ପରେ ଦୁର୍ବଳ ହୋଇଯାଇଥିଲା । ଆଜି ଆଦାନୀ ଗୃପ କ୍ଷେତ୍ରରେ ସେହି ସମାନ କଥା ଘଟିବାକୁ ଯାଉଛି । କେନ୍ଦ୍ର ସରକାର କମ୍ପାନୀମାନଙ୍କ ଲାଗି ଟିକସ ଫାଙ୍କିବାର ରାସ୍ତା ଖୋଲା ରଖିଛନ୍ତି, ଯେଉଁ ଦଳ ବି ଶାସନରେ ଥାଉନା କାହିଁକି । ସେହି ଟିକସ ଯାହା ଦେଶର ଉନ୍ନତିମୂଳକ କାର୍ଯ୍ୟରେ ଲାଗିଥାନ୍ତା ତାହା କମ୍ପାନୀଙ୍କର ପୁଞ୍ଜି ଆକାରରେ କାମ କରୁଛି ।

କେନ୍ଦ୍ର ସରକାର ୨୦୧୯ ମସିହାରେ ନିଜର ଆଇନରେ ସଂଶୋଧନ ଆଣି କୌଣସି ଅନୁଭୂତି ନଥିବା କମ୍ପାନୀକୁ ବି ବିମାନବନ୍ଦର ନିର୍ମାଣ କରିବାର ପ୍ରକଳ୍ପ ଦିଆଯିବା ଲାଗି ପ୍ରବଧାନ କଲେ । ଏହା ପରେ ମୁମ୍ବାଇ ସମେତ ଦେଶର ବୃହତ ୮ଟି ବିମାନ ବନ୍ଦର ମଧ୍ୟରୁ ସାତଟିର ନିର୍ମାଣ ଓ ପରିଚାଳନା ଦାୟିତ୍ୱ ଏବେ ଆଦାନୀ ଗୃପ ହାତରେ ରହିଛି । ଗଲା ୨୦୧୯ -୨୦ ବର୍ଷଠାରୁ ୨୦୨୨ -୨୩ ବର୍ଷ ପ୍ରତି ବର୍ଷ ବଜେଟରେ ପୁଞ୍ଜିଗତ ବ୍ୟୟ (capital expenditure) କ୍ରମାଗତ ବଢ଼ିବାରେ ଲାଗିଛି । ଏହା ମୁଖ୍ୟତଃ ଭିତ୍ତିଭୂମି କ୍ଷେତ୍ରରେ ବିନିଯୋଗ ହେଉଛି । ୧୦ଟି ବିମାନ ବନ୍ଦର ନିର୍ମାଣ ସରିଛି । (କ୍ରମଶଃ...)

# ଗୋପବନ୍ଧୁଙ୍କ ସାଧନା ପୀଠ ଏବେ ଭୂତ କୋଠି



ଉତ୍କଳମଣିଙ୍କ ଅନ୍ୟତମ ସାଧନା ପୀଠ ଭୂତ କୋଠି ! ସଞ୍ଜ ନଇଁଲେ ସେଠାରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ସାହିତ୍ୟ ଶବ୍ଦ ବଦଳରେ ମଦ କାଚର ଝଣ୍ ଝାଣ୍ ଶବ୍ଦ ଶୁଭୁଛି। ଉତ୍କଳମଣିଙ୍କ ଏ ସାଧନା ପୀଠ ଆଜି କାହିଁକି ହୋଇଛି ଅବହେଳିତ ? ଏହାର ଉତ୍ତର କାହାପାଖରେ ନଥିବା ବେଳେ ଦେବୋତ୍ତର ବିଭାଗର ଅବହେଳାରୁ ଏପରି ହୋଇଥିବା ଅଭିଯୋଗ ହେଉଛି।

ଦେଶ ସ୍ୱାଧୀନ ହେବା ପୂର୍ବରୁ ମୟୂରଭଞ୍ଜ ଗୋଟିଏ ରାଜ୍ୟ ଥିଲା। ଆଉ ମହାରାଜା ଥିଲେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ। ସେତେବେଳେ ଗୋପବନ୍ଧୁ ଦାସ ଓକିଲାତି ପାଠ ପଢ଼ା ଶେଷ କରି ଚାଲି ଆସିଥିଲେ ମୟୂରଭଞ୍ଜ। ସେଠାରେ ସେ ଓକିଲାତି କରୁଥିଲେ। ଓଡ଼ିଶାର ପ୍ରଥମ ପୌର ପରିଷଦ ଭାବେ ୧୯୦୫ ମସିହାରେ ପ୍ରତିଷ୍ଠା ହୋଇଥିବା ବାରିପଦା ପୌରପରିଷଦରେ ରାଜା ନଗରପାଳ ଥିବା ବେଳେ ଗୋପବନ୍ଧୁ ଦାସ ଉପ-ନଗରପାଳ ହୋଇଥିଲେ। ଏଥିସହ ରାଜାଙ୍କୁ ଆଇନ୍ ପରାମର୍ଶ ଦେଉଥିଲେ। ସେହି ସମୟରେ ସେ (ବର୍ତ୍ତମାନର ବାରିପଦା ଟାଉନ୍) ଏକ ଟାଇଲି ଛପର ଘରେ ରହୁଥିଲେ। ସେହି ଘର ଥିଲା ଗୋପବନ୍ଧୁ ଦାସଙ୍କ ଅନ୍ୟତମ ସାଧନା ପୀଠ। ସେଠାରେ ସେ ସାହିତ୍ୟ ସାଧାନା କରୁଥିଲେ ଓ ନିଜ ସହ କର୍ମୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିଲେ।

ଉତ୍କଳମଣିଙ୍କ ସେହି ଶତାୟୁ ଭବନଟି ପ୍ରଶାସନିକ ଅବହେଳାରେ ଶିକାର ହୋଇଛି। ସେହି ଘରର କାନ୍ଥରେ ନାହିଁ ସିମେଣ୍ଟ ପଲସ୍ତରା। ଚାରି କାନ୍ଥ ଫାଟି ଆଁ କରିଛି। ଘର ଭିତରେ ଦିନରେ ସୂର୍ଯ୍ୟ ଓ ରାତିରେ ଚାନ୍ଦ ଦେଖାଯାଉଛି। ଝରକା ଓ କବାଟ ଭାଙ୍ଗି ପଡ଼ିଛି। ଯେଉଁ ମହାତ୍ମାଙ୍କୁ ନେଇ କେବଳ ମୟୂରଭଞ୍ଜ ଜିଲ୍ଲା ନୁହେଁ, ସାରା ଓଡ଼ିଶା ଗର୍ବ ମନେ କରୁଛି, ତାଙ୍କ ନାଁରେ ଥିବା ଐତିହାସିକ ସ୍ଥଳ ଆଜି ଜୀର୍ଣ୍ଣଶୀର୍ଣ୍ଣ ହୋଇପଡିଛି। ଯେଉଁଠି ଉତ୍କଳମଣି ଗୋପବନ୍ଧୁ ଦାସ ବସି ସାହିତ୍ୟ ସାଧନା କରୁଥିଲେ, ସେଠାରେ ଆଜି ମଦ୍ୟପମାନେ ନିଶା ସେବନ କରୁଛନ୍ତି। କହିବାକୁ ଗଲେ ସାହିତ୍ୟ ସାଧନା ପୀଠ ଆଜି ମଦ ଭାଟିରେ ପରିଣତ ହୋଇଛି ! ରକ୍ଷଣା ବେକ୍ଷଣାକୁ ନେଇ ଚାଲିଥିବା ମାମଲା ପାଇଁ ଆଜି ଏହି ପୀଠ ଭୂତ କୋଠୀରେ ପରିଣତ ହୋଇଛି।

ଗୋପବନ୍ଧୁ ଭବନଟି ଅବହେଳିତ ହେବାର ମୁଖ୍ୟ କାରଣ ହେଉଛି ଏହି ଜମିର ମାଲିକାନାକୁ ନେଇ। ଜମିଟି ବାରିପଦା ସାନ ଜଗନ୍ନାଥ ଠାକୁରଙ୍କ ନାଁରେ ଥିବା ବେଳେ ଏହା ଦେବୋତ୍ତର ବିଭାଗ ଅଧୀନରେ ରହିଥିଲା। ଦେବୋତ୍ତର ବିଭାଗ ଏଥିରୁ କିଛି ଜମିକୁ ଶାଗ ମାଛ ଦରରେ କେତେକ ବ୍ୟବସାୟୀଙ୍କୁ ଲିଜ ସୂତ୍ରରେ ଦେଇ ଦେଇଥିବା ବେଳେ ଆଉ କିଛି ଲୋକ ଜବର ଦଖଲ କରି ରହିଛନ୍ତି। ଦେବୋତ୍ତର ବିଭାଗର ଏପରି ନିଷ୍ପତ୍ତିକୁ ବୁଦ୍ଧିଜୀବୀ ଗ୍ରହଣ କରିପାରିନଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

ତେବେ ୨୦୦୩ ମସିହାରେ ଜିଲ୍ଲାପ୍ରଶାସନ ଏହାର ମାଲିକାନା ବାରିପଦା ମ୍ୟୁନିସିପାଲଟିକୁ ଦେଇଥିଲା। ମାତ୍ର ଦେବୋତ୍ତର ବିଭାଗ ଏହାକୁ ବିରୋଧ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଜମି ମାଲିକାନାକୁ ନେଇ କୋର୍ଟରେ ମାମଲା ଚାଲିଥିଲା। ଆଉ ତା'ରି ଭିତରେ ପେଶି ହୋଇ ଯାଇଥିଲା ବାରିପଦାର ଇତିହାସ।

ବାରିପଦର ଐତିହ୍ୟ ବହନ କରୁଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏହି ସାଧନା ପୀଠକୁ ନେଇ ଏବେ ଶୁଣିବାକୁ ମିଳୁଛି ଭଲ ଖବର। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉତ୍କଳମଣି ଗୋପବନ୍ଧୁ ଦାସ ରହୁଥିବା ଘରଟି ବାରିପଦା ମ୍ୟୁନିସିପାଲଟି ଅଧୀନରେ ଥିଲା। ତେବେ ୨୦୦୪-୦୫ ମସିହାରେ କୌଣସି କାରଣବସତଃ ମ୍ୟୁନିସିପାଲଟିର ଅଜ୍ଞାତରେ ଦେବୋତ୍ତର ବିଭାଗକୁ ଚାଲି ଯାଇଥିଲା। ଏ ସମ୍ପର୍କରେ ଜଣାପଡ଼ିବା ପରେ ଉଚ୍ଚନ୍ୟାୟରେ ଆଶ୍ରୟ ନେଇଥିଲୁ। ମାସେ ତଳେ କୋର୍ଟ ଆମ ସପକ୍ଷରେ ରାୟ ଦେଇଛନ୍ତି। ଦେବୋତ୍ତର ବିଭାଗ ପାଖରେ ଥିବା ଜମିକୁ କ୍ୱାସ୍ କରିଦେଇଛନ୍ତି କୋର୍ଟ। ଏବେ ଉକ୍ତ ସ୍ଥାନକୁ ମ୍ୟୁନିସିପାଲଟି ଅଧୀନକୁ ଆଣିବା ପାଇଁ ପ୍ରକ୍ରିୟା ଚାଲିଛି। ଏଥିସହ ଏ ସମ୍ପର୍କରେ ପ୍ରସ୍ତାବ ପଠାଇବା ପାଇଁ ଜିଲ୍ଲାପାଳ କହିଛନ୍ତି।

## ପାଠପଢ଼ାରେ ବାଧକ ସାଜିଛି ଅର୍ଥ, ଚୁଟି କାଟୁଛନ୍ତି ମେଧାବୀ ଛାତ୍ର



ବାଲେଶ୍ୱର ଫକିର ମୋହନ ଜୁନିୟର କଲେଜର ଯୁକ୍ତ ଦୁଇ କଳାରେ ପଢ଼ନ୍ତି ରୂପକ ଦଳେଇ। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ ନଛିପୁର ଗାଁରେ। ରୂପକ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ତାଙ୍କ ପାଠପଢ଼ାରେ ବାଧକ ସାଜିଛି ଅର୍ଥ। ରୂପକଙ୍କ ବାପା ଗାଁରେ ଦିନ ମଜୁରିଆ ଭାବେ କାମ କରନ୍ତି। ପୁଅର ସଂପୂର୍ଣ୍ଣ ପାଠପଢ଼ା ଖର୍ଚ୍ଚ ବହନ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ।

ଅନ୍ୟପଟେ ପିଲାଟି ବେଳୁ ଅଭାବ ଅନଟନରେ ବଢ଼ିଥିବା ରୂପକଙ୍କର ପାଠପଢ଼ା ପ୍ରତି ପ୍ରବଳ ଆଗ୍ରହ ରହିଛି। ବିନା କୌଣସି ସାହାଯ୍ୟ ସହଯୋଗରେ ସେ ମାଟ୍ରିକରେ ଭଲ ନମ୍ବର ରଖି ପାସ କରିଥିଲେ। ପରେ ସେ ବାଲେଶ୍ୱର ଫକୀର ମୋହନ ଜୁନିୟର କଲେଜରେ ପଢ଼ିବା ପାଇଁ ଆବେଦନ କରିଥିଲେ। ଦଶମରେ ଭଲ ନମ୍ବର ରଖିଥିବାରୁ ରୂପକଙ୍କୁ କଲେଜରେ ପଢ଼ିବାକୁ ସିଟ୍ ମିଳିଥିଲା। ସେ କଲେଜ ହଷ୍ଟେଲରେ ରହି ପାଠ ପଢୁଛନ୍ତି।

ହେଲେ ଆଗକୁ କିପରି ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ନିଜ ସ୍ୱପ୍ନକୁ ହାସଲ କରିବେ ଏବେ ସେ ଚିନ୍ତା ତାଙ୍କୁ ଘାରିଛି। ହଷ୍ଟେଲ ଖର୍ଚ୍ଚ ଓ ପାଠ ପଢ଼ା ଖର୍ଚ୍ଚ ବାବଦକୁ ବାପା ଦେଉଥିବା ଟଙ୍କା ଅଣ୍ଟୁ ନଥିବାରୁ ପରିବାର ଉପରେ ନିର୍ଭର ନକରି ନିଜ ଖର୍ଚ୍ଚ ନିଜେ ଉଠାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି ରୂପକ। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ଚୁଟି କାଟୁଛନ୍ତି। ସେମାନେ ଯେଉଁ ପଇସା ଦେଉଛନ୍ତି ସେଥିରେ ନିଜ ପାଠପଢ଼ା ଖର୍ଚ୍ଚରେ ଲଗାଉଛନ୍ତି। ରୂପକ ବିଭିନ୍ନ ଷ୍ଟାଇଲରେ ଚୁଟି କାଟି ପାରନ୍ତି। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନେ ରୂପକଙ୍କ ପାଖକୁ ଚୁଟି କାଟିବାକୁ ଆସନ୍ତି। ଏହା ବ୍ୟତୀତ ରୂପକଙ୍କୁ କଲେଜର ଜଣେ ଅଧ୍ୟାପକ କିଛି ସାହାଯ୍ୟ କରିଥାନ୍ତି।

## ମା'ର ମମତା ପାଇଁ ଉଦାହଣ ପାଲଟିଲେ ବାସନ୍ତୀ

'ସାବାସ୍ ବାସନ୍ତୀ'। ଯିଏ ତାଙ୍କ କଥା ଶୁଣୁଛନ୍ତି, ଏମିତି କହୁଛନ୍ତି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପୁଲିସ ବିଭାଗ ପର୍ଯ୍ୟନ୍ତ ସମସ୍ତେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରୁଛନ୍ତି। ତେବେ କିଏ ଏହି ବାସନ୍ତୀ ? ସେ ଏମିତି କ'ଣ କରି ଦେଲେ ?

ତାଙ୍କ ପୂରା ନାଁ ବାସନ୍ତୀ ଚୌଧୁରୀ। ମାଲକାନଗିରି ଜିଲ୍ଲାରେ ପୁଲିସ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି ବାସନ୍ତୀ। ରବିବାର ସେ ଏକ ଭଲ କାମ କରିଛନ୍ତି। ନିଜ ଦରଦୀ ହୃଦୟର ପରିଚୟ ଦେଇଛନ୍ତି। ଗୋଟିଏ ପର



ଛୁଆ ଉପରେ ଅଜାଡ଼ି ଦେଇଛନ୍ତି ମା'ର ମମତା। ଏବେ ଆପଣଙ୍କ ମନରେ ଉତ୍କଣ୍ଠା ଆସିଯାଇଥିବ ସମ୍ପୂର୍ଣ୍ଣ ଘଟଣା କ'ଣ ଜାଣିବା ପାଇଁ।

ସମ୍ପୂର୍ଣ୍ଣ ଘଟଣା ଏହିପରି। ରବିବାର ଥିଲା ଓଡ଼ିଶା ପୁଲିସ କନଷ୍ଟେବଲ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷା। ବିଭିନ୍ନ ସ୍ଥାନରେ ଏଥିପାଇଁ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ମାଲକାନଗିରି କଲେଜରେ ମଧ୍ୟ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏହି ପରୀକ୍ଷା ଦେବାକୁ ମାଲକାନଗିରି କଲେଜକୁ ଆସିଥିଲେ ଚଞ୍ଚଳା ମଲ୍ଲିକ ନାମକ ଜଣେ ମହିଳା। ଚଞ୍ଚଳାଙ୍କ ସାଙ୍ଗରେ ଥିଲା ତାଙ୍କର ୪ ମାସର ଝିଅ। ଝିଅ କାନ୍ଦିବାରୁ ଚଞ୍ଚଳା ତାକୁ ସାଙ୍ଗରେ ଧରି ଆସିଥିଲେ। ହେଲେ ପରୀକ୍ଷା ହଲ୍ ଭିତରକୁ ଛୋଟ ଛୁଆକୁ ନେବାକୁ ଅନୁମତି ନଥିଲା। ଝିଅର ଯତ୍ନ ନେବା ପାଇଁ ତାଙ୍କ ପରିବାରରୁ ବି କେହି ଆସି ନଥିଲେ। ଚଞ୍ଚଳା ତାଙ୍କ ମା'ଙ୍କୁ ଡାକିଥିଲେ। କିନ୍ତୁ ସେ ମଧ୍ୟ ଆସିପାରି ନଥିଲେ। ଏଣୁ ପରୀକ୍ଷା କେନ୍ଦ୍ର ନିକଟରେ ପହଞ୍ଚି ଯାଇଥିଲେ ବି କ'ଣ କରିବେ କିଛି ଭାବି ପାରୁନଥିଲେ ଚଞ୍ଚଳା। କେମିତି ପରୀକ୍ଷା ଦେବେ, ସେ ନେଇ ଚିନ୍ତାରେ ପଡ଼ିଯାଇଥିଲେ ସେ।

ସମୟ ଗଡ଼ି ଚାଲିଥାଏ। ପରୀକ୍ଷା ହଲ ଗେଟ୍ ବନ୍ଦ ହେବା ସମୟ ଉପନୀତ ହୋଇଥାଏ। ଝିଅର ଦାୟିତ୍ୱ ନେବା ପାଇଁ ପରିବାରରୁ କେହି ଆସି ପାରିନଥାନ୍ତି। ନିରୂପାୟ ହୋଇ ଚଞ୍ଚଳା ପରୀକ୍ଷା ଗେଟ୍ ପାଖରେ ଅନାଇ ବସିଥାନ୍ତି। ଛୁଆଟି ମଧ୍ୟ ଚାରିଆଡକୁ ଅନାଇ କାନ୍ଦୁଥାଏ। ସେଠାରେ ଡ୍ୟୁଟି କରୁଥିବା ବାସନ୍ତୀ ଏସବୁ ଦେଖୁଥିଲେ। ପରେ ସେ ଚଞ୍ଚଳାଙ୍କ ପାଖକୁ ଆସି ସବୁ କଥା ପଚାରି ବୁଝିଥିଲେ। ବାସନ୍ତୀ ତୁରନ୍ତ ତାଙ୍କ ଉପର ଅଫିସରଙ୍କୁ ଏହି ବିଷୟରେ ଜଣାଇଥିଲେ। ଉପର ଅଫିସରଙ୍କ ପରମିଶନ୍ ପାଇବା ପରେ ସେ ଚଞ୍ଚଳାଙ୍କ ଝିଅଙ୍କୁ କୋଳକୁ ନେଇ ତା' ପିଠି ଥାପୁଡ଼ାଇ ତାକୁ ତୁନି କରାଇଥିଲେ। ସେ ଝିଅକୁ ସମ୍ଭାଳିବେ ବୋଲି ଚଞ୍ଚଳଙ୍କୁ କହିଥିଲେ।

ଝିଅ ଟିକେ ଶାନ୍ତ ହେବାରୁ ହଲ୍ ଭିତରକୁ ଯାଇଥିଲେ ଚଞ୍ଚଳା। ହେଲେ ମା' ଚାଲିଯିବା ପରେ ପୁଣି ରାହା ଧରି କାନ୍ଦିଥିଲା କଅଁଳ ଶିଶୁଟି। ତେବେ ଝିଅଟିକୁ ତୁନି କରିବାରେ ସଫଳ ହୋଇଥିଲେ ବାସନ୍ତୀ। ଛୁଆଟିକୁ ଭୋକ ଲାଗିବାରୁ ତାକୁ ନିଜ କ୍ଷୀର ମଧ୍ୟ ପିଆଇଥିଲେ। ପିଲାଟି କ୍ଷୀର ପିଇ ବାସନ୍ତୀଙ୍କ କୋଳରେ ଶୋଇ ଯାଇଥିଲା। ପରୀକ୍ଷା ସରିବା ପରେ ବାସନ୍ତୀଙ୍କ ପାଖରେ ପହଞ୍ଚିଥିଲେ ଚଞ୍ଚଳା ଓ ଝିଅକୁ ନେଇ ଘରକୁ ଫେରିଥିଲେ।

ଏହି ଘଟଣା ଏ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବାସନ୍ତୀଙ୍କ ଏ ମହତ କାର୍ଯ୍ୟ ବିଷୟରେ ଯିଏ ବି ଶୁଣୁଛି, ସେ ସାବାସି ନଦେଇ ରହିପାରୁନି।

ବାସନ୍ତୀ ଚୌଧୁରୀ କହିଛନ୍ତି, ମୁଁ ଗୋଟିଏ ମା'। ମୋର ଗୋଟିଏ ଛୁଆ ଅଛି। ଛୁଆଟିକୁ ତାର ମା' ପରୀକ୍ଷା ଦେବାକୁ ସାଙ୍ଗରେ ଧରି ଆସିଥିଲା। ହେଲେ ଛୁଆଟି କାନ୍ଦୁଥିବାରୁ ତାର ମା' ପରୀକ୍ଷା ଦେବାକୁ ଯାଇପାରୁନଥିଲା। ମୁଁ ଛୁଆଟିକୁ କୋଳେଇ ଆଣିଥିଲି।

## ଆମେରିକା ଶୁଣିବ କୋରାପୁଟ ବୈଦ୍ୟର କଥା



ଯୁକ୍ତରାଷ୍ଟ୍ର ଆମେରିକା ଯିବେ କୋରାପୁଟର ବୈଦ୍ୟ ହରି ପାଙ୍ଗି। ୱାସିଂଟନ୍‌ରେ ଆୟୋଜିତ ଇଣ୍ଟରନ୍ୟାସନାଲ ଭିଜିଟର୍ସ ଲିଡରସିପ୍ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ପରିବେଶର ପରିବର୍ତ୍ତନ ଓ ଏହାର କାରଣ ଉପରେ ସେ ଅଭିଭାଷଣ ଦେବେ। ଆମେରିକା ସମେତ ପୂରା ବିଶ୍ୱ ଶୁଣିବ ବୈଦ୍ୟ ହରି ପାଙ୍ଗିଙ୍କ କଥା।

ସେମିଲିଗୁଡା ବ୍ଲକ୍ ତେନ୍ତୁଳିଗୁଡା ଗାଁର ହରି ପାଙ୍ଗି। ଅଷ୍ଟମ ପାଠ ପଢ଼ିଛନ୍ତି। ବାପାଙ୍କ ପେଶାକୁ ସେ ଆପଣାଇ ନେଇଛନ୍ତି। ଆଉ ସେ ପାଲଟି ଯାଇଛନ୍ତି ଜଣେ ପୋଖତ ବୈଦ୍ୟ। ନିଜ ଗାଁରେ ସେ ଖୋଲିଛନ୍ତି ଆୟୁର୍ବେଦିକ ଡାକ୍ତରଖାନା। ତାଙ୍କ ପାଖକୁ ଦୂରଦୂରାନ୍ତରୁ ଆସୁଛନ୍ତି ବହୁ ପୂରାତନ ରୋଗୀ। ମିଳିଥିବା ସୂଚନା ଅନୁସାରେ ବୈଦ୍ୟ ହରି ପାଙ୍ଗିଙ୍କ ପାଖକୁ ଚିକିତ୍ସା ପାଇଁ ଓଡ଼ିଶା ସମେତ ଛତିଶଗଡ଼, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ପରି ରାଜ୍ୟରୁ ବହୁ ରୋଗୀ ଆସୁଛନ୍ତି। ରୋଗ ଦେଖି ପଥି ଦେଉଛନ୍ତି ହରି। ରୋଗ ଭଲ ହେଉଛି। ବୈଦ୍ୟ ହରି ପାଙ୍ଗି ଡଳିଆମ୍ବଠାରେ ଗୁପ୍ତେଶ୍ୱର ଚେରମୂଳି ଔଷଧ ଓ ପାରମ୍ପରିକ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଜଙ୍ଗଲରୁ ଚେରମୂଳି ସଂଗ୍ରହ କରି ପ୍ରୋସେସିଂ କରି ଔଷଧ ତିଆରି କରୁଛନ୍ତି। ହାର୍ଟ ଆଟାକ, ବ୍ଲଡ୍ ପ୍ରେସର, ସିକଲସେଲ୍ ସ୍ନାୟୁ ରୋଗ, ମହିଳାଙ୍କ ଋତୁସ୍ରାବ ସମସ୍ୟା, ଥାଇରଏଡ୍, କିଡନୀ ସମସ୍ୟା ଭଳି ୧୦୫ ପ୍ରକାର ରୋଗ ସେ ଔଷଧ ଦେଉଛନ୍ତି। ସେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଗୁଜରାଟରେ ଆୟୋଜିତ କର୍ମଶାଳାରେ ଯୋଗଦେଇଥିଲେ। କୋରାପୁଟ ଅଞ୍ଚଳରେ ଥିବା ଔଷଧିୟ ବୃକ୍ଷ ଓ ଗୁଳ୍ମ ଲତା ଉପରେ ସେ କର୍ମଶାଳାରେ ତଥ୍ୟ ଉପସ୍ଥାପନ ରଖି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ବୈଦ୍ୟ ହରି ପାଙ୍ଗିଙ୍କ ଜୀବନ ଚର୍ଯ୍ୟା ସକାଳେ ଆରମ୍ଭ ହୋଇଥାଏ। ସେ ସକାଳୁ ଉଠି ଗାଧୋଇ ସୂର୍ଯ୍ୟପୂଜା କରି ନିଜ ଗାଁରେ ପାରମ୍ପରିକ ନିଶାଣି ମୁଣ୍ଡାରେ ମୁଣ୍ଡିଆଟିଏ ମାରି ହାତରେ ବ୍ୟାଗ ଧରି ଘଞ୍ଚ ଜଙ୍ଗଲକୁ ବାହାରି ଯାଆନ୍ତି। ଜଙ୍ଗଲରେ ଏ କୋଣରୁ ସେ କୋଣ ଘୂରି ବୁଲନ୍ତି। ଘଞ୍ଚ ଜଙ୍ଗଲରୁ ଚେରମୂଳି, କନ୍ଦ, ପତ୍ର, ଫୁଲ ଓ ଫଳ ସଂଗ୍ରହ କରନ୍ତି। ସେ ଆଜି ପର୍ଯ୍ୟନ୍ତ ୪୫୦ ପ୍ରକାର ଚେରମୂଳି ସଂଗ୍ରହ କରିଛନ୍ତି। ଆୟୁର୍ବେଦ ଔଷଧକୁ ନେଇ ଚର୍ଚ୍ଚାରେ ଥିବା ହରି ପାଙ୍ଗି ଏବେ ସମସ୍ତଙ୍କ ମୁହଁରେ। ସେ ମାର୍ଚ୍ଚ ମାସରେ ଆମେରିକା ଯିବେ। ୱାସିଂଟନ୍‌ରେ ଆୟୋଜିତ କର୍ମଶାଳାରେ ସେ ଯୋଗଦେବେ। ଆଉ ବିଶ୍ୱ ଦରବାର ଆଗରେ କୋରାପୁଟର ଆୟୁର୍ବେଦିକ ଔଷଧ ଓ ପରିବେଶ ସନ୍ତୁଳନ ଉପରେ ଭାଷଣ ଦେବେ। ସେଥିପାଇଁ ତାଙ୍କ ପାଖକୁ ପାସପୋର୍ଟ ଓ ଭିସା ଆସିଛି। ଏଥିପାଇଁ ସେ ବହୁତ ଉତ୍ସାହିତ ଅଛନ୍ତି।

# ରୋଜଗାର ଦେଲା ରବର କ୍ଷୀର, ସୁରକ୍ଷାକୁ ନଜର ନାହିଁ





ରୋଜଗାର ଦେଲା ରବର ଗଛର କ୍ଷୀର। ସରକାର ରାଜସ୍ୱ ପାଇଲେ। ହେଲେ ରବର ଜଙ୍ଗଲ ସୁରକ୍ଷାକୁ ସରକାର ଦୃଷ୍ଟି ଦେଉନାହାନ୍ତି। ତେଣୁ ଏହି ଜଙ୍ଗଲ ଏବେ ଉଜୁଡ଼ି ଯିବାକୁ ବସିଛି। ଜଙ୍ଗଲରେ ଥିବା ଏହି ରବର ଗଛରୁ କ୍ଷୀର ସଂଗ୍ରହ କରି ପେଟ ପୋଷୁଛନ୍ତି ବହୁ ଶ୍ରମିକ। ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ଧାରୁଆ ଓ ସାମନ୍ତ ସିଂହାରପୁରରେ ଦେଖିବାକୁ ମିଳିଛି ଏହି ରବର କ୍ଷୀର ବ୍ୟବସାୟ। ହେଲେ ଏହି ରବର ଜଙ୍ଗଲ ସୁରକ୍ଷା ପ୍ରତି ସରକାରଙ୍କ ନଜର ନାହିଁ। ଯାହାକୁ ନେଇ ଶ୍ରମିକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟର ନୟାଗଡ ଜିଲ୍ଲାର ରଣପୁର ରେଞ୍ଜ ଓ ମୟୂରଭଞ୍ଜରେ ରବର ଚାଷ ହେଉଛି। ରଣପୁର ରେଞ୍ଜ ଧାନୀ ପାହାଡ଼ ପାଦ ଦେଶରେ ଓଡ଼ିଶା ଫରେଷ୍ଟ ଡିପାଟମେଣ୍ଟ କର୍ପୋରେସନ ତରଫରୁ ୬୪ ହେକ୍ଟର ଅଞ୍ଚଳରେ ୧୯୮୫ ମସିହା ଠାରୁ ୧୯୮୮ ମସିହା ଭିତେର ୨୮ ହଜାର ରବର ଗଛ ଲାଗିଥିଲା। ବିଭିନ୍ନ ସମୟରେ ହୋଇଥିବା ବାତ୍ୟାରେ ଏଠାରେ ବହୁ ରବର ଗଛ ନଷ୍ଟ ହୋଇଛି। ଏବେ ଏଠାରେ ପ୍ରାୟ ୬ ହଜାର ଗଛ ରହିଛି। ସେପଟେ ଏହି ରବର ଜଙ୍ଗଲକୁ ବନ ବିଭାଗ ଲିଜ୍ ଦେଇ ଦେଇଛି। ଜଙ୍ଗଲକୁ ଲିଜ୍ ନେଉଥିବା ବ୍ୟକ୍ତି ସ୍ଥାନୀୟ କିଛି ଶ୍ରମିକଙ୍କୁ ଲଗାଇ ଏଠାରେ ରବ ଉତ୍ପାଦନ କରୁଛନ୍ତି।

ଅନ୍ଧାରୁଆ ଓ ସାମନ୍ତ ସିଂହାରପୁରର ଶ୍ରମିକମାନେ ରାତି ପ୍ରାୟ ୩ଟା ବେଳେ ଜଙ୍ଗଲକୁ କ୍ଷୀର ସଂଗ୍ରହ କରିବା ପାଇଁ ଯାଇଥାନ୍ତି। ମୁଣ୍ଡେର ଥାଏ ହେଡ୍ ଲାଇଟ। ରବର ଗଛ ଛାଲ ଭିତରେ ପତଳା ଗାତଟିଏ କରିବା ପାଇଁ ହାତରେ କିଛି ହତିଆର ସେମାନେ ନେଇଥାନ୍ତି। ସକାଳୁ ଫେରିବା ବେଳକୁ ସମସ୍ତଙ୍କ ହାତରେ ଥାଏ ଗୋଟାଏ ଲେଖାଏ କ୍ଷୀର ବାଲଟି। ଦିନ ପ୍ରାୟ ୧୦ଟା ସୁଦ୍ଧା ସେମାନେ ରବର ଉତ୍ପାଦନ କେନ୍ଦ୍ରରେ ପହଞ୍ଚି କ୍ଷୀରକୁ ଏକ ବଡ଼ କୁଣ୍ଡରେ ଢାଳି ସେଥିରେ ପାଣି ଏବଂ ଏସିଡ ମିଶାଇ ଦିଅନ୍ତି। ପରେ ଏହି ମିଶ୍ରଣକୁ ଟ୍ରେ'ରେ ଢାଳି ୨୪ ଘଣ୍ଟା ଖୋଲା ଛାଡ଼ି ଦିଅନ୍ତି।

ଶୁଖି ଯିବା ପରେ ସେହି ରବରରୁ ମେସିନ ସାହାଯ୍ୟ ପାଣି ବାହାର କରାଯାଏ ଓ ବାମ୍ଫ ଦିଆଯାଏ। ବାମ୍ଫ ଦେବାର ୨୪ ଘଣ୍ଟା ପରେ ତାହାକୁ ବାହାର କରାଯାଇ ଖରାରେ ଶୁଖାଇ ଦିଆଯାଏ। ଏହା ଶୁଖିଯିବା ପରେ ବ୍ୟବହୃତ ରବରରେ ପରିଣତ ହୁଏ। ଯାହା କାରଖାନାକୁ କଞ୍ଚା ମାଲ ଭାବେ ପଠାଇ ଦିଆଯାଏ।

ଏଠାରେ କାମ କରୁଥିବା ଶ୍ରମିକ ଗୌରାଙ୍ଗ ଚରଣ ପ୍ରଧାନ ଓ ଭରତ ଚନ୍ଦ୍ର ଜେନା କହିଛନ୍ତି, ଆଗରୁ ଏଠାରେ ଠିକାଦାର ଜରିଆରେ ୫୦ ଜଣ ଶ୍ରମିକ କାମ କରୁଥିଲେ। ଗଛ ସଂଖ୍ୟା କମି ଯାଇଥିବାରୁ ଏବେ ମାତ୍ର ୩୦ ଜଣ ଶ୍ରମିକ କାମ କରୁଛନ୍ତି। ସରକାର ରବର ଚାଷ ନେଇ ସାଧାରଣ ଲୋକଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଲେ ଖୁବ୍ ଭଲ ହୁଅନ୍ତା। ଲୋକେ ଉପକୃତ ହୁଏନ୍ତେ ଓ ଚାଷୀଙ୍କ ରୋଜଗାର ବଢ଼ି ପାରନ୍ତା।

ରଣପୁର ରେଞ୍ଜ ଉପଖଣ୍ଡିୟ ଅଧିକାରୀ ଜିତେନ୍ଦ୍ର ନାରାୟଣ ଦାସ କହିଛନ୍ତି, ୨୮ ହଜାର ଗଛ ଲାଗିଥିଲେ ହେଁ ଏଥିରୁ ମାତ୍ର ୫ ହଜାର ୨୮୭ ଗଛ ବଞ୍ଚିଛି। ଏହି ରବର ଚାଷରୁ ସରକାର ରାଜସ୍ୱ ପାଉଛନ୍ତି। ରବର ଗଛ ଲାଗିଥିବା ଅଞ୍ଚଳକୁ ଲିଜ୍‌ରେ ଦିଆଯାଉଛି। କିଛି ଶ୍ରମିକ ଏହା ଦ୍ୱାରା ରୋଜଗାର ପାଉଛନ୍ତି। ଯୁବପିଢ଼ିମାନେ ରବର ଚାଷକୁ ଆପଣାଇ ପାରିଲେ ଭଲ ରୋଜଗାର କରିପାରିବେ।

# ପୁଲଓ୍ୱାମା ହମଲାକୁ ୪ ବର୍ଷ: ଏଯାଏ ଭୁଲିନି ଦେଶ

ଆଜିକୁ ଠିକ୍ ୪ ବର୍ଷ ତଳର କଥା। ୨୦୧୯ ମସିହା ଫେବୃଆରୀ ୧୪ ତାରିଖ। ସାରା ଦେଶ ପ୍ରେମ ଦିବସ ପାଳୁଥିବା ବେଳେ ଜମ୍ମୁ-କଶ୍ମୀରର ପୁଲଓ୍ୱାମାରୁ ଆସିଥିଲା ଛାତି ଥରାଇ ଦେବା ଭଳି ଖବର। ସିଆରପିଏଫ ଯବାନମାନଙ୍କୁ ନେଇ ଯାଉଥିବା ଗୋଟିଏ ବସ୍ ଉପରେ ହୋଇଥିଲା ହମଲା।

ଆତ୍ମଘାତୀ ଆତଙ୍କୀ ହମଲା ଯୋଗୁ ଦେଶର ୪୦ ଜଣ ଯବାନ ସହିଦ ହୋଇଯାଇଥିଲେ। ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦର ଜଣେ ଆତଙ୍କବାଦୀ ଆଖି ପିଛୁଳାକେ ହମଲା କରି ପୂରା ଦେଶକୁ ସ୍ତବ୍ଧ କରି ଦେଇଥିଲା। ଏହି ହମଲାରେ କିଏ ନିଜ ପୁଅକୁ ହରାଇଥିଲେ ତ ଆଉ କିଏ ନିଜ ସ୍ୱାମୀ ଓ ବାପାଙ୍କୁ। ଓଡ଼ିଶାର ମଧ୍ୟ ଦୁଇ ଜଣ ବୀରପୁତ୍ର ପୁଲଓ୍ୱାମା ହମଲାରେ ସହିଦ ହୋଇଥିଲେ। ସେମାନେ ହେଲେ ଜଗତସିଂହପୁର ନୂଆଗାଁର ପ୍ରସନ୍ନ କୁମାର ସାହୁ ଓ କଟକ ନିଆଳିରୁ ମନୋଜ କୁମାର ବେହେରା।

ଏହି ଘଟଣାକୁ ୪ ବର୍ଷ ପୂରିଛି। ସହିଦ ଯବାନଙ୍କ ସମ୍ମାନରେ ଅନେକ ଶୋକ ପ୍ରକାଶ କରୁଛନ୍ତି। ହେଲେ ଦେଶର ୪୦ ଜଣ ଯବାନ ସବୁ ଦିନ ପାଇଁ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ନିଜର ପ୍ରିୟଜନଙ୍କୁ ହରାଇ ଏବେ ବି ଯବାନଙ୍କ ପରିବାର ଲୋକ ଲୁହ ଝରାଉଛନ୍ତି। ଦେଶ ପାଇଁ ପୁଅ/ସ୍ୱାମୀ/ବାପା ବଳିଦାନ ଦେଉଥିବାରୁ ଅନେକ ଗର୍ବ କରୁଥିଲେ ମଧ୍ୟ ସେମାନଙ୍କ କଥା ମନେପଡ଼ିଲେ ଆଖିରୁ ଲୁହ ଝରି ଯାଉଛି।

ହମଲା ଏତେ ଭୟଙ୍କର ଥିଲା ଯେ ଯବାନଙ୍କ ବସ୍ ପୂରା ଛିନଛତ୍ର ହୋଇଯାଇଥିଲା। ବୀର ଯବାନଙ୍କ ମୃତଦେହ ମଧ୍ୟ ଖଣ୍ଡଖଣ୍ଡ ହୋଇଯାଇଥିଲା। ଘଟଣାକୁ ୪ ବର୍ଷ ପୂରି ଯାଇଥିଲେ ମଧ୍ୟ ସେହି କଳାଦିନ କଥା ଏବେ ବି ପ୍ରତିଟି ଭାରତୀୟଙ୍କ ଆଖି ଆଗରେ ନାଚି ଯାଉଛି।

ଆକ୍ରମଣ ପଛରେ କୁଖ୍ୟାତ ଆତଙ୍କବାଦୀ ମାସୁଦ ଆଝାରର ହାତ ଥିବା ଜଣାପଡ଼ିଥିଲା। ଏହି ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ପୁଲଓ୍ୱାମା ଆକ୍ରମଣର କଡ଼ା ଜବାବ ଦେବା ଲାଗି ସେନା ବାହିନୀକୁ ଅନୁମତି ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିଜ ଇଚ୍ଛାରେ ସମୟ ଦେଖି ଜବାବ ଦେବାକୁ କହିଥିଲେ।

୨୦୧୯ ମସିହା ଫେବୃଆରୀ ୨୪ ତାରିଖ ସକାଳୁ ୭୮ଟି ଗାଡ଼ିରେ ପ୍ରାୟ ୨୫ଶହ ଯବାନ ଜମ୍ମୁ ଠାରୁ ଜାତୀୟ ରାଜପଥ ୪୪ ଦେଇ ଶ୍ରୀନଗର ଯାଉଥିଲେ। କନଭୟ ଗୁଡ଼ିକ ପୁଲଓ୍ୱାମାର ଲେଥାପୋରା ଅଞ୍ଚଳ ଅତିକ୍ରମ କରୁଥିଲା। ଠିକ୍ ଏହି ସମୟରେ ଜୈଶର ଜଣେ ଆତଙ୍କୀ କାର୍‌ରେ ବିସ୍ଫୋରକ ଭର୍ତ୍ତି କରି ଯବାନଙ୍କୁ ନେଇ ଯାଉଥିବା ଗୋଟିଏ ବସ୍‌କୁ ଧକ୍କା ଦେଇଥିଲା। କାର୍‌ରେ ବିପୁଳ ପରିମାଣର ବିସ୍ଫୋରକ ଥିବାରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବସ୍‌ଟି ଚୂରମାର ହୋଇଯିବା ସହ ୪୦ ଜଣ ସିଆରପିଏଫ ଯବାନ ସହିଦ ହୋଇଥିଲେ। ଅନେକ ଆହତ ମଧ୍ୟ ହୋଇଥିଲେ।



୧୯୮୯ ପରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି କଶ୍ମୀରରେ ସେହିଦିନ ହୋଇଥିଲା ସବୁଠାରୁ ବଡ଼ ହମଲା। ଏହି ହମଲା ପାଇଁ ଜୈଶ ନିଜକୁ ଦାୟୀ କରିଥିଲା। ହମଲା କରିଥିବା ୨୨ ବର୍ଷୀୟ ଆତଙ୍କୀ ଆଦିଲ ହମଦ ଦାର ଗୋଟିଏ ଭିଡିଓ ଜାରି କରିଥିଲା ଜୈଶ। ଆଦିଲର ଘର କଶ୍ମୀରର କାକପୋରାରେ ହୋଇଥିବା ବେଳେ ସେ ମାତ୍ର ବର୍ଷକ ତଳେ ଜୈଶରେ ସାମିଲ ହୋଇଥିଲା।

୨୦୧୮ ମାର୍ଚ୍ଚରେ ଆଦିଲ ଘର ସାଇକେଲ ନେଇ ବାହାରିଥିଲା। ହେଲେ ଆଉ ସେ ଘରକୁ ଫେରି ନଥିଲେ। ସେ ଜୈଶ ସହ ସାମିଲ ହେବା ସହ ଆତ୍ମଘାତୀ ହମଲାର ତାଲିମ ନେଇଥିଲା। ଏହାପରେ ଭାରତର ବୀର ଯବାନଙ୍କ କନଭୟକୁ ଟାର୍ଗେଟ କରିଥିଲା। ପୂରା ହମଲାର ମାଷ୍ଟରମାଇଣ୍ଡ କୁଖ୍ୟାତ ଆତଙ୍କୀ ମାସୁଦସ ଆଝାର ରହିଥିବା ବେଳେ ସେ ପାକିସ୍ତାନରୁ ଅପରେଟ କରିଥିଲା। ହେଲେ ପାକିସ୍ତାନ ଏହାକୁ ଖଣ୍ଡନ କରି ଚାଲିଛି।

ପୁଲଓ୍ୱାମା ହମଲା ସାରା ଦେଶକୁ ମର୍ମାହତ କରିଥିବା ବେଳେ ଏହାର ବଦଳା ନେବାକୁ ପଣ କରିଥିଲା ଭାରତୀୟ ସେନା। ଉଭୟ କଶ୍ମୀରର ଓ ପାକିସ୍ତାନରେ ଲୁଚିଥିବା ଆତଙ୍କୀ ଆକ୍କାମାନଙ୍କ ଉପରେ ପ୍ରତିଶୋଧ ନେବାକୁ ଆରମ୍ଭ କରାଯାଇଥିଲା ଅପରେସନ। ହମଲାର ଠିକ୍ ୧୧ ଦିନ ପରେ ଭାରତୀୟ ବାୟୁସେନା ପକ୍ଷରୁ ପାକିସ୍ତାନର ବାଲାକୋଟରେ କରାଯାଇଥିଲା ଏୟାରଷ୍ଟ୍ରାଇକ୍।

୧୨ଟି ମିରାଜ ୨୦୦୦ ଜେଟ୍ ଫେବୃଆରୀ ୨୬ ତାରିଖରେ ଏଲଓସି ଡେଇଁଥିଲେ। ଏହାପରେ ବାଲାକୋଟରେ ଥିବା ଜୈଶର ଏକାଧିକ ଠିକଣା ଉପରେ ବୋମା ଓ ମିସାଇଲ ମାଡ଼ କରିଥିଲା। ଏଥିରେ ୩୦୦ରୁ ୩୫୦ ଜଣ ଜୈଶ ଆତଙ୍କୀ ଓ ହ୍ୟାଣ୍ଡେଲରଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା।

ପାକିସ୍ତାନ ଏହି ହମଲାକୁ ସହଜରେ ଗ୍ରହଣ କରିପାରି ନଥିଲା। ପାକିସ୍ତାନ ପକ୍ଷରୁ ଫେବୃଆରୀ ୨୭ରେ ଜମ୍ମୁ-କଶ୍ମୀରରେ ଏୟାର ଷ୍ଟ୍ରାଇକ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ମିଗ୍ ୨୧ ବିମାନ ଦ୍ୱାରା ଭାରତୀୟ ବାୟୁବୀରମାନେ ପାକିସ୍ତାନରୁ ଆସିଥିବା ଯୁଦ୍ଧ ବିମାନଗୁଡ଼ିକୁ ଘଉଡ଼ାଇ ଦେଇଥିଲେ।

ଏହି ଲଢ଼େଇ ଭିତରେ ଗୋଟିଏ ମିଗ ୨୧ ବିମାନ ପାକିସ୍ତାନ ସୀମାରେ ଖସି ପଡ଼ିଥିଲା। ଏହାକୁ ଚଳାଉଥିବା ଓ୍ୱିଙ୍ଗ କମାଣ୍ଡର ଅଭିନବ ବର୍ତ୍ତମାନଙ୍କୁ ପାକିସ୍ତାନ କାବୁ କରିଥିଲା। ହେଲେ ଭାରତର ନାଲି ଆଖି ଓ ଅନ୍ତର୍ଜାତୀୟ ଚାପ ଯୋଗୁ ପାକିସ୍ତାନ ତାଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା। ଏହାପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ତିକ୍ତତା ଥମି ନଥିଲା।

ପାକିସ୍ତାନ ଉପରେ ଚାପ ବଢ଼ିବାରୁ ଇସଲାମାବାଦ ବାଧ୍ୟ ହୋଇ ମାର୍ଚ୍ଚ ୫ରେ ଜୈଶ ସମସ୍ତ ବିଭିନ୍ନ ଆତଙ୍କୀ ସଂଗଠନର ୪୪ ଜଣ ସଦସ୍ୟଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ଭାରତ ପଠାଇଥିବା ଦସ୍ତାବିଜ୍‌ରେ ଥିବା ଆତଙ୍କୀ ମଧ୍ୟ ରହିଥିଲେ।

ଅନ୍ୟପକ୍ଷରେ ଭାରତରେ ଏହି ଘଟଣାର ତଦନ୍ତ ଏନଆଇଏ କରିବା ସହ ୧୯ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିଲା। ହେଲେ ବିସ୍ଫୋରଣ ପରେ ବ୍ୟବହୃତ ୩୦୦ କେଜି ଓଜନର ବିସ୍ଫୋରକ କେଉଁଠୁ ଆସିଥିଲା, ସେକଥା ଏନଆଇଏ ଆଜି ଯାଏ ଜାଣିପାରି ନାହିଁ। ୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୨୦୨୧ ଅଗଷ୍ଟ ସୁଦ୍ଧା ସୁରକ୍ଷାକର୍ମୀଙ୍କ ଗୁଳିରେ ୭ ଜଣ ପ୍ରାଣ ହରାଇଥିଲେ। ବାକି ୭ ଜଣଙ୍କୁ ଗିରଫ କରାଯାଇଛି। ହେଲେ ଆଉ ୫ ଜଣଙ୍କ ପତ୍ତା ମିଳିନି।

ପୁଲଓ୍ୱାମା ହମଲାକୁ ଆଜି ୪ ବର୍ଷ ବିତିଛି ସତ, ହେଲେ କାହା ଭୁଲରୁ ଏତେ ବଡ଼ ଘଟଣା ଘଟିଲା ସେକଥା ସ୍ପଷ୍ଟ ହୋଇନି। ଏତେ ସଂଖ୍ୟକ ଯବାନଙ୍କୁ ଆକାଶ ପଥ ବଦଳରେ କାହିଁକି ସ୍ଥଳ ପଥରେ ପଠାଯାଇଥିଲା ? ଯବାନମାନେ ଯାଉଥିବା ବେଳେ କେମିତି ଗୋଟିଏ କାର୍ କନଭୟ ନିକଟରେ ପହଞ୍ଚିଲା ? କ'ଣ ଗୁଇନ୍ଦା ବିଭାଗ ହମଲା ସମ୍ପର୍କରେ ଆଗରୁ ସୂଚନା ପାଇ ନଥିଲା ? ସ୍ଥାନୀୟ ପୁଲିସ୍ ? ଯବାନଙ୍କ କନଭୟ ଯିବା ରାସ୍ତାର ସୁରକ୍ଷା ଯାଞ୍ଚ

# ୪ ଭାଇ ଓ ଭଉଣୀଙ୍କ ମା' ସାଜିଛି ଲକ୍ଷ୍ମୀ



ସପ୍ତମ ଶ୍ରେଣୀରେ ପଢୁଥିଲେ। ପରିବାର ଓ ସଂସାର କ'ଣ ଜାଣିନଥିଲେ। ଏବେ ମାଆ ରୂପ ନେଇଛନ୍ତି। ୪ ଭାଇ ଓ ଭଉଣୀଙ୍କ ଅଳି ଅର୍ଦ୍ଦଳି ବୁଝୁଛନ୍ତି। ଠିକ ମାଆ ଭଳି ସେମାନଙ୍କ ଲାଳନ ପାଳନ କରୁଛନ୍ତି। ସେମାନଙ୍କ ମୁହଁରେ ଦାନା ଯୋଗାଇ ଦେଉଛନ୍ତି। ଆଉ ନିଷ୍ଠୁର ଏ ଦୈବକୁ ପ୍ରଶ୍ନ ପଚାରୁଛନ୍ତି, ମୋର ଭୁଲ ରହିଲା କେଉଁଠି ? ମୋଠାରୁ କାହିଁକି ଛଡ଼ାଇନେଲ ମୋ' ଶୈଶବ ? କେବେ ଦୂର ହେବ ମୋର ଦୁଃଖ ? ମୁଁ କେବେ ସ୍କୁଲ୍‌କୁ ଫେରିବି ?

ମାଲକାନଗିରି ଜିଲ୍ଲା ନିଲିଗୁଡା ପଞ୍ଚାୟତ ଧରମପାଲ୍ଲୀ ଗାଁର ଶୁକ୍ରା ମାଡ଼ି। ପରିବାର କହିଲେ ପତ୍ନୀ ମୁକେ ଓ ୬ ପୁଅ ଝିଅ। କାମଦାମ କରି ଚଳୁଥିଲେ ଶୁକ୍ରା। ନିଜ ରୋଜଗାରରୁ ଯାହା ସଞ୍ଚୟ କରି ରଖିଥିଲେ, ସେଥିରେ ଦୁଇ ବଡ଼ ଝିଅଙ୍କ ବାହାଘର କରାଇ ଦେଇଥିଲେ। ଦୁଇ ଝିଅ ବାହା ହୋଇ ଶାଶୂ ଘରକୁ ଚାଲିଥିବା ପରେ ୪ ପୁଅ ଓ ଝିଅଙ୍କୁ ନେଇ ଦୁଃଖେ ଶୁଖେ ରହୁଥିଲେ ଶୁକ୍ରା। ହେଲେ ତାଙ୍କର ଏ ଖୁସି ଦେଖିପାରିଲା ନାହିଁ ଦୈବ। ଅବେଳରେ ତାଙ୍କୁ ନେଇ ଗଲା। ତାଙ୍କ ପଛେ ପଛେ ପତ୍ନୀ ମୁକେ ମଧ୍ୟ ଅଫେରା ରାଇଜ୍ୟୁ ଚାଲିଗଲେ।

ଦୁଇ ବର୍ଷ ତଳେ ଶୁକ୍ରା ଓ ମୁକେ ଆଗପଛ ହୋଇ ଚାଲିଗଲେ। ବାହା ହୋଇଥିବା ଦୁଇ ଭଉଣୀ ଧରା ଛୁଆଁ ଦେଲେନାହିଁ। ସେମାନେ ବା କ'ଣ କରିବେ ? ଅଭାବୀ ତେଲ ଲୁଣର ସଂସାର ଭିତରେ ସେମାନେ ମଧ୍ୟ ଘାଣ୍ଟି ହେଉଛନ୍ତି। ଏପରି ସ୍ଥିତି ୪ ଭାଇ ଓ ଭଉଣୀଙ୍କୁ କେମିତି ପୋଷିବେ ? ଯେଉଁଥିପାଇଁ ୩ ପିଲାଙ୍କ ବୋଝ ପଡ଼ିଲା ୧୩ ବର୍ଷର ଲକ୍ଷ୍ମୀ ମାଡିଙ୍କ ଉପରେ। କଡାମାଟେରୁ ଆଶ୍ରମ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଲକ୍ଷ୍ମୀ ଘରକୁ ପଳାଇ ଆସିଥିଲେ। ବାପା-ମାଆଙ୍କ ପରି ୪ ପିଲାଙ୍କ ଲାଳନ ପାଳନ କରିବାରେ ଲାଗି ପଡ଼ିଲେ।

ରୋଗ ଯନ୍ତ୍ରଣାରେ ଘାଣ୍ଟି ହେଉଥିବା ଦିବ୍ୟାଙ୍ଗ ଡାନା କ୍ରିଷ୍ଣା ମାଡି(୯ ବର୍ଷ)ଙ୍କ ସେବା କରିବାରେ ଲାଗି ପଡ଼ିଛନ୍ତି। ତା'ସହ ୬ ବର୍ଷୀୟ ଦୀପ୍ତି ମାଡି ଓ ୫ ବର୍ଷୀୟ ରାମକୃଷ୍ଣ ମାଡିଙ୍କ ମୁହଁରେ ଦାନା ଦେଉଛନ୍ତି। ବାପାମାଆ ଆରପାରିକୁ ଚାଲିଯିବା ପରେ ଗାଁର ଜଣେ ବଦାନ୍ୟ ବ୍ୟକ୍ତି ଇରମା ମାଡକାମି ପିଲାଙ୍କ ମାମୁର ପରିଚୟ ଦେଇ ସହଯୋଗ କରୁଛନ୍ତି। ଏଥିସହ ଗାଁ ଲୋକ ମଧ୍ୟ ସହାୟତା ଦେଉଛନ୍ତି। ହେଲେ ଏହି ସାହାଯ୍ୟ କେତେଦିନ ? କିଏ ତେକେଦିନ ଏହି ୪ ଅନାଥ ପିଲାଙ୍କୁ ଖାଇବାକୁ ଦେବେ ? ବାପାମାଆ ବଞ୍ଚିଥିବା ବେଳେ ଯେଉଁ ସରକାରୀ ଚାଉଳ ମୁଠାକ ମିଳୁଥିଲା, ତାହା ଏବେ ମିଳୁନାହିଁ। କେବଳ ଭିନ୍ନକ୍ଷମ ଭାଇର ମାସିକ ଭତ୍ତା ବାବଦକୁ ମାସକୁ ୭୦୦ ଟଙ୍କା ମିଳୁଛି। ସେଥିରେ ୪ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟକର। ଯେନତେନ ମାଗି ଜାଚି ସାନ ଭାଇ ଓ ଭଉଣୀଙ୍କ ମୁହଁରେ ଦାନା ଦେଉଛନ୍ତି ଲକ୍ଷ୍ମୀ।

## ସୁନୀତା ଓ ମଳୟଙ୍କ ନିଆରା ପ୍ରେମ କାହାଣୀ

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଦନେକବାଡ଼ି ଗାଁର ସୁନୀତା ଦିଗାଳ। ଜନ୍ମରୁ ଦିବ୍ୟାଙ୍ଗ। ଚାଲି ବୁଲି ପାରୁ ନାହାନ୍ତି। ଅଭାବ ଅନଟନ ଭିତରେ ମାଟ୍ରିକ୍ ପାସ୍ କରିଛନ୍ତି। ମାଟ୍ରିକ୍ ପାସ୍ କରିବା ପରେ ସେ ଜି.ଉଦୟଗିରି ଚାଲି ଯାଇଥିଲେ। ଏକ ହଷ୍ଟେଲ୍‌ରେ ରହି ପିଲାମାନଙ୍କୁ ଟ୍ୟୁସନ୍ କରୁଥିଲେ। ସେଥିରୁ ଯାହା ମିଳୁଥିଲା, ସେଥିରେ ଦୁଃଖେ କଷ୍ଟେ ଚଳି ଯାଉଥିଲେ।



ପିଲାଙ୍କ ଭିତରେ ନିଜକୁ ଗଢୁଥିବା ସୁନୀତାଙ୍କ ମୋବାଇଲ୍ ଦିନେ ଅନାବନା ହୋଇଯାଇଥିଲା। ଆଉ ତାଙ୍କ ମୋବାଇଲ୍‌ରୁ ଗୋଟିଏ ରଙ୍ଗ ନମ୍ବରକୁ କଲ୍ ଚାଲି ଯାଇଥିଲା।

ସୁନୀତାଙ୍କ ମୋବାଇଲ୍‌ରୁ ଯାଇଥିବା ମିସ୍‌କଲ ଦେଖି ମଳୟ ଦିଗାଳ କଲ୍ କରିଥିଲେ। ମଳୟ ହେଉଛନ୍ତି ଟିକାପାଲି ବ୍ଲକ ବଡ଼ମୁଣ୍ଡା ଗାଁର। ସେ ପିଲାବେଳୁ ବାପା-ମାଆଙ୍କୁ ହରାଇଥିଲେ। ଅନାଥ ଆଶ୍ରମରେ କଟିଥିଲା ଶୈଶବ। ସେ ନିଜ ମୋବାଇଲରେ ମିସ୍‌କଲ୍ ଦେଖି କଲ୍ କରିଥିଲେ। ଆଉ ସେହି ଫୋନ୍ ଉଠାଇଥିଲେ ସୁନୀତା।

ବାସ୍ ଏଇଠୁ ଲାଗିଥିଲା ଦୁଇ ପ୍ରେମପକ୍ଷୀଙ୍କ ଡେଣା। ତା'ପରେ ଉଡିବା ଆରମ୍ଭ କରିଥିଲେ। କେହି କାହାକୁ କିଛି କହିପାରୁନଥିଲେ ମଧ୍ୟ ମନର ବ୍ୟଥା ସାମ୍ନାକୁ ଆସିଥିଲା। ଗୋଟିଏ ଦିନ କଥା ନହେଲେ ରହିପାରୁ ନ ଥିଲେ। ଧୀରେ ଧୀରେ ଉଭୟଙ୍କ ଭିତରେ ଆତ୍ମୀୟତା ବଢ଼ିଲା। ସୁନୀତାଙ୍କୁ ଦେଖା କରିବାକୁ ଚାହିଁଥିଲେ ମଳୟ। ଆଉ ସୁନୀତା ନିଜର ଅକ୍ଷମତା ସମ୍ପର୍କରେ କହି ଦେଇଥିଲେ। ଏହା ସତ୍ତ୍ୱେ ସୁନୀତାଙ୍କ ପ୍ରେମରେ ମଳୟ ପାଗଳ ହୋଇଯାଇଥିଲେ।

ମଳୟଙ୍କ ଡକରାରେ ସୁନୀତା ଟ୍ରାଏ ସାଇକେଲ୍‌ରେ ଜି.ଉଦୟଗିରି ମାର୍କେଟକୁ ଆସିଥିଲେ। ସେଠାରେ ଉଭୟ ପରସ୍ପରକୁ ଭେଟିଥିଲେ। ପ୍ରଥମ ଦେଖାରେ ମଳୟ ନିଜ ମନର କଥା କହି ପକାଇଥିଲେ। ବିବାହ କରିବା ପାଇଁ ସୁନୀତାଙ୍କୁ ପ୍ରସ୍ତାବ ଦେଇଥିଲେ। ମୌନେ ସମ୍ମତି ଲକ୍ଷଣ ପରି ସୁନୀତା ଚୁପ୍ ରହିଥିଲେ। ପରେ ଘରକୁ ଫେରି ଯାଇଥିଲେ। ଆଉ ନିଜ ପ୍ରେମ ସମ୍ପର୍କରେ ବାପା-ମାଆଙ୍କୁ କହିଥିଲେ। ପରିବାର ଲୋକେ ପ୍ରଥମେ ବିଶ୍ୱାସ କରିନଥିଲେ। ବହୁ ବୁଝାବୁଝି କରିବା ପରେ ମଳୟଙ୍କୁ ଡାକି କଥା ହୋଇଥିଲେ ସୁନୀତାଙ୍କ ପରିବାର ଲୋକ। ଆଉ ତା'ପରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ମଳୟ ଏବେ ତାଙ୍କ ଶ୍ୱଶୁର ଘରେ ରହୁଛନ୍ତି। କାମଦାମ କରି ଚଳୁଛନ୍ତି। ଆଉ ନିଜ ଜୀବନଠୁ ଅଧିକ ଭଲ ପାଉଥିବା ସୁନୀତାଙ୍କ ସବୁ କାମ କରି ଦେଉଛନ୍ତି।

# 'ଆମ ପିଲା ତ ମୁର୍ଖ ହେଲେ, ଏ ସରକାର କାହାପାଇଁ ?'

'ଆମେତ ମୁର୍ଖ। ଆମ ପିଲାବି ମୁର୍ଖ ହେଲେ। ଏଠି ପାଠପଢ଼ିବାର ସୁବିଧା ନାହିଁ। ଗାଁକୁ ରାସ୍ତା, ପିଇବାକୁ ପାଣି ନାହିଁ। ଡିବିରି ଆଲୁଅ ଉପରେ ଭରସା। ଫୋନ୍ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ନାହିଁ। ଜଙ୍ଗଲରୁ ଘାସ କାଟି ଆଣି ଚାଳ ଛପର କରୁଥିଲି। ତାକୁ ବି ବନ୍ଦ କରିଦେଲେ। ପକ୍କାଘର ଯୋଜନା ଆମ ପାଇଁ ସାତ ସପନ। ଭଲ ରାସ୍ତା ନ ଥିବାରୁ ଜଙ୍ଗଲ ଭିତରେ ଯିବା ବେଳେ ଗର୍ଭବତୀମାନେ ବିପତିର ସାମ୍ନା କରୁଛନ୍ତି। ତେବେ ଏ ସରକାର କାହାପାଇଁ ? ଆମେ ବଞ୍ଚିବୁ କେମିତି ?' ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ବାଣ୍ଟପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ନେପାଳ ଗ୍ରାମବାସୀ ସରକାରଙ୍କୁ କରିଛନ୍ତି ଏହି ପ୍ରଶ୍ନ। ସମସ୍ତଙ୍କ ମୁହଁରେ ଗୋଟିଏ କଥା ନିର୍ବାଚନ ବେଳେ ନେତା ଆସି ପ୍ରତିଶ୍ରୁତି ଦେଉଛନ୍ତି, ନିର୍ବାଚନ ଜିତିବା ପରେ ସରକାର ଆଉ ଆମକୁ ଚାହୁଁନି। ପିଲାମାନଙ୍କ ଭବିଷ୍ୟତ ମାଟି ହୋଇଯାଉଥିବା କହିବା ବେଳେ ଅନେକଙ୍କ ଆଖି ଲୁହ ଛଳଛଳ ମଧ୍ୟ ହୋଇଯାଉଛି।



ନୟାଗଡ଼ ହେଡ୍‌କ୍ୱାର୍ଟର୍ସ ଠାରୁ ପ୍ରାୟ ୪୦ କିଲୋମିଟର ଦୂର ଏବଂ ବାଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୫ କିଲୋମିଟର ଦୂରରେ ରହିଛି ଏହି ଗାଁ। ବଣ ଜଙ୍ଗଲ ଘେରା ଏହି ଗାଁରେ ୩୦ ପରିବାରର ୧୫୦ ଲୋକ ବସବାସ କରନ୍ତି। ହେଲେ ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଏଠାରେ ବିକାଶର ବ' ଅକ୍ଷର ଦେଖିବାକୁ ମିଳୁନି। ସମସ୍ତେ ଝୁପୁଡ଼ି କିମ୍ବା ଝାଟିମାଟି ଚାଳ ଘରେ ବସବାସ କରୁଛନ୍ତି। ଶିକ୍ଷାର ସୁବିଧା ମିଳୁ ନ ଥିବାରୁ କୋମଳମତି ଶିଶୁମାନେ ଦୁନିଆର ଆଲୋକ ଦେଖିପାରୁନାହାନ୍ତି।

ଏଠାରେ ସଞ୍ଜ ନଇଁଲେ ତାଟି କବାଟ ପଡ଼ିଯାଏ। ସରକାରଙ୍କ ଅଧିକାଂଶ ମୌଳିକ ସୁବିଧା ଏଠାକାର ଲୋକଙ୍କୁ ମିଳୁନି। ନିରକ୍ଷରତା ଯୋଗୁ ସରକାରୀ ସୁବିଧା ବିଷୟରେ ଏମାନେ ସେତେଟା ସଚେତନ ନୁହଁନ୍ତି। ସ୍ଥାନୀୟ ପ୍ରଶାସନ ମଧ୍ୟ ଏହି ଗାଁର ଲୋକଙ୍କୁ ସାମାଜିକ ନ୍ୟାୟ ଦେବାରେ ଅବହେଳା କରିଚାଲିଛି। ଫଳରେ ଏମାନଙ୍କ ବିକାଶ ହୋଇପାରୁନି। ଆଦିବାସୀଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ମାଳମାଳ ଯୋଜନା ଏଠାରେ ପ୍ରହସନ ହୋଇଛି। ହେଲେ ବିକାଶର ଶୀର୍ଷ ଛୁଇଁଥିବା ଡିଣ୍ଡିମ ପିଟି ବାଃ ବାଃ ନେଉଛନ୍ତି ସରକାର।

ଏଠାରେ ପ୍ରଶ୍ନ କୁଆଡେ ଗଲା ମା'କୁ ସମ୍ମାନ ଆଉ ଗାଁକୁ କାମ ? ଗାଁରେ ନାହିଁ ସ୍କୁଲ କି ଅଙ୍ଗନବାଡି ଗୃହ। ଗାଁ'ର ଅଧିକାଂଶ ଆବାଳ ବୃଦ୍ଧମାନେ ଓଡ଼ିଆ ବର୍ଣ୍ଣଟିଏ ମଧ୍ୟ ଚିହ୍ନି ପାରନ୍ତିନି। ଏମାନଙ୍କ ଭବିଷ୍ୟତ ଭଗବାନଙ୍କ ଭରସାରେ ଛାଡ଼ିଦେବା କେତେଦୂର ଠିକ୍ ୫-ଜି ସ୍ୱପ୍ନ ଦେଖାଉଥିବା ସରକାର ଏଠାରେ ସାଧାରଣ ନେଟଓ୍ୱାର୍କ ସେବା ମଧ୍ୟ ଦେଇପାରିନି। ଗୋଟିଏ ମିନିଟ ଲାଇନ କଟିଲେ ଅଣନିଶ୍ୱାଶୀ ଲାଗୁଛି। ଅଥଚ ଏହି ଗାଁକୁ ଯୁଗଯୁଗ ଧରି ନାହିଁ ବିଦ୍ୟୁତ ସେବା। ଡିବିରି ଆଲୁଅ ପାଖରେ ଏଠାର ବିକାଶ ଅଟକି ପଡ଼ିଛି।

ଗ୍ରାମବାସୀ ଉମା ଯାନୀ ଓ ସବିତା ଯାନୀ କହିଛନ୍ତି, 'ପକ୍କା ରାସ୍ତା ତ ଦୂରର କଥା ଭଲ ପାଦ ଚଲା ରାସ୍ତା ଟିଏ ଆମ ଗାଁକୁ ନାହିଁ। ଗାଁକୁ ଲାଇନ୍ ସଂଯୋଗ ସୁବିଧାକୁ ପ୍ରଶାସନିକ କଳ ଅଟକାଇ ଦେଇଛି। ତେଣୁ ଗାଁ'ର କେହିକେହି ସୋଲାର ଲାଇଟ୍ କିଣି ଚଳୁଛନ୍ତି। ପାହାଡ଼ିଆ ଅଞ୍ଚଳରେ ଧାନ ଫସଲ କରିବା ସମ୍ଭବ ହେଉ ନ ଥିବାରୁ ପାଳର ଅଭାବରେ ଏଠାକାର ଲୋକେ ଜଙ୍ଗଲରୁ ବାଗୁଲି ଛଣ ଆଣି ଘର ଛପର କରୁଥିଲେ। ଜଙ୍ଗଲ ବିଭାଗ ଏହା ଉପରେ ମଧ୍ୟ ରୋକ ଲଗାଇଛି। ଗାଁରେ ଗୋଟିଏ ହେଲେ ପକ୍କାଘର ନାହିଁ। ଏହି ଗାଁରେ ପଞ୍ଚମ ପାସ କରିଥିବା ଜଣେ ହେଲେ ବି ପିଲା କି ବୃଦ୍ଧ ନାହାନ୍ତି। ଜଙ୍ଗଲରୁ ପତ୍ର ତୋଳି ଖଲି କରିବା ପରେ ବଜାରରେ ବିକ୍ରି କରି କିମ୍ବା ମୂଲ ଲାଗି ଲୋକେ ପେଟ ପୋଷୁଛନ୍ତି। ପୁଷ୍ଟିକର ଖାଇବା ମିଳୁନି। ଅନେକ ସମୟରେ ଏଠାକର ଲୋକେ ଖାଲି ଭାତ ଖାଇ ବଂଚୁଛନ୍ତି। ଏହି ଗାଁ ଠାରୁ ୫ କିଲୋମିଟର ଦୂର ଜଙ୍ଗଲ ରାସ୍ତା ଦେଇ ଗଲେ ରହିଛି ବାଣ୍ଟପୁର ସ୍କୁଲ। ଜଙ୍ଗଲରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଉତ୍ପାତ ରହିଥିବାରୁ ପ୍ରତିଦିନ ଏତେଦୂର ଯାଇ ପିଲାମାନେ ପାଠ ପଢିବା ସମ୍ଭବ ହେଉନି। ସ୍କୁଲରେ ରହି ପାଠପଢ଼ିବା ସୁବିଧା ମଧ୍ୟ ନାହିଁ। ତେଣୁ ଭଗବାନଙ୍କୁ ଡାକିବା ଛଡ଼ା ଅନ୍ୟ ଉପାୟ ନାହିଁ। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ କି ଦମକଳ ଆବଶ୍ୟକ ବେଳେ ଆସିପାରୁନି। ଗର୍ଭବତୀଙ୍କୁ ଲୋକେ ଦୋଳାରେ ଭର୍ତ୍ତି କରି ମେଡିକାଲ ନିଆଯାଉଥିବା କହିଛନ୍ତି ଉମା ଓ ସବିତା।

# ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବ ଟାଟା ଗ୍ରୁପ୍

ବିଶ୍ୱର ସବୁଠାରୁ ବଡ଼ ବିମାନ ଡିଲ୍ କରିଛି ଟାଟା ଗ୍ରୁପ୍। ବିମାନ ନିର୍ମାଣକାରୀ କମ୍ପାନୀ ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବାକୁ ଆଜି ଟାଟା ଗ୍ରୁପ୍ ଚୁକ୍ତି କରିଛି। ଏହି ଡିଲ୍‌ରେ ୪୦ଟି ଏ୩୫୦ ଓ୍ୱାଇଡ ବଡି ଲଙ୍ଗ ରେଞ୍ଜ ବିମାନ ଏ୩୫୦ ଓ ୨୧୦ଟି କମ ଚଉଡ଼ା ରହିଥିବା ବିମାନ ରହିଛି। ଏ୩୨୦ ନେଓ ଢାଞ୍ଚାର ନୂଆ ବିମାନ ଗୁଡ଼ିକ ରହିବ।

ଏହି ଡିଲ୍‌କୁ ଐତିହାସିକ ବୋଲି କହିଛନ୍ତି ଏୟାରବସ୍ ?ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି ଫାଉରୀ। ସେ କହିଛନ୍ତି, "ଏହା ଏୟାରବସ୍ ପାଇଁ ଗୋଟିଏ ଐତହାସିକ ମୁହୂର୍ତ୍ତ। ଏୟାର ଇଣ୍ଡିଆର ପୁନଃଉଦ୍ଧାର ପାଇଁ ଏୟାରବସ୍ ସହଯୋଗ କରିବ।" ଏହି ଡିଲ୍ ସମୟରେ ଭିଡିଓ କନଫରେନ୍ସିଂ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଟାଟା ଗ୍ରୁପ ମୁଖ୍ୟ ରତନ ଟାଟା ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାର୍କନ ଉପସ୍ଥିତ ରହିଥିଲେ।

ଏୟାର ଇଣ୍ଡିଆ ମୋଟ ୪୭୦ଟି ବିମାନ କିଣିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବ। ଏଥିପାଇଁ ୧୦୦ ବିଲିୟନ




ଡଲାରରୁ ଅଧିକ ଖର୍ଚ୍ଚ ହେବ। ସେହିପରି ଟାଟା ଗ୍ରୁପ୍ ଆଉ ୨୨୦ଟି ବିମାନ ବୋଇଂରୁ କିଣିବ। ମାର୍କନ କହିଛନ୍ତି, "ଏହି କଣ୍ଟ୍ରାକ୍ଟ ଭାରତ-ଫ୍ରାନ୍ସ ମଧ୍ୟରେ ଥିବା ବନ୍ଧୁତ୍ୱ ପାଇଁ ଗୋଟିଏ ମାଇଲଖୁଣ୍ଟ।" କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପୀୟୂଷ ଗୋଏ ଓ ଓ ଟାଟା ସନ୍ସ ଅଧ୍ୟକ୍ଷ ଏନ ଚନ୍ଦ୍ରଶେଖରନ ମଧ୍ୟ ଏହି ଡିଲ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଭାରତ ବିମାନ ଚଳାଚଳ କ୍ଷେତ୍ରରେ ତୃତୀୟ ସର୍ବବୃହତ୍ତ ଦେଶ ହେବାକୁ ଯାଉଛି। ଭାରତ ଆସନ୍ତା ୧୫ ବର୍ଷ ମଧ୍ୟରେ ୨୫ଶହ ବିମାନ ଆବଶ୍ୟକ କରିବ।" ଏୟାରବସଠାରୁ ଏୟାର ଇଣ୍ଡିଆ ଆଣିବାକୁ ଥିବା ୨୫୦ ବିମାନ ମଧ୍ୟରେ ୪୦ଟି ଚଉଡ଼ା ବିମାନ ଏ୩୫୦ ରହିବ। ପ୍ରଥମ ଭାରତୀୟ କମ୍ପାନୀ ଭାବେ ଏୟାର ଇଣ୍ଡିଆ ଏଭଳି ବିମାନ ପରିଚାଳନା କରିବ।

ପୂର୍ବରୁ ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ ୨୦୦୫ ମସିହାଠାରୁ ନୂଆ ବିମାନ କିଣିନାହିଁ। ଶେଷଥର ପାଇଁ କମ୍ପାନୀ ୨୦୦୫ରେ ୧୧୧ଟି ବିମାନ କିଣିବା ଲାଗି ଅର୍ଡର ଦେଇଥିଲା।

# ପାଇଲଟ୍‌ଙ୍କ ପ୍ରଶିକ୍ଷଣରେ ତ୍ରୁଟି, ଏୟାର ଏସିଆକୁ ୨୦ ଲକ୍ଷ ଫାଇନ୍



ପାଇଲଟଙ୍କ ପ୍ରଶିକ୍ଷଣରେ ତ୍ରୁଟି। ଡିଜିସିଏର ଯାଞ୍ଚ ବେଳେ ପାଇଲଟଙ୍କ ପ୍ରଶିକ୍ଷଣରେ ବ୍ୟାପକ ତ୍ରୁଟି ସାମ୍ନାକୁ ଆସିଛି। ଏହାପରେ ବିମାନ କମ୍ପାନୀ ଏୟାର ଏସିଆକୁ ୨୦ ଲକ୍ଷ ଟଙ୍କାର ଫାଇନ୍ ଲଗାଇଛି ଡିଜିସିଏ।

ଇନ୍‌ଷ୍ଟ୍ରୁମେଣ୍ଟ ରେଟିଂ ଯାଞ୍ଚ ବେଳେ ଏହି ଏୟାରଲାଇନ୍ସର କିଛି ପାଇଲଟଙ୍କ ମଧ୍ୟରେ ତ୍ରୁଟି ସାମ୍ନାକୁ ଆସିଥିଲା। ଜରୁରୀ ଅଭ୍ୟାସ ବିନା ପାଇଲଟଙ୍କୁ ବିମାନ ଉଡାଇବାକୁ ଦିଆଯାଇଥିଲା। ଯାହା ଡିଜିସିଏର ନିୟମ ଉଲ୍ଲଙ୍ଘନ କରିଛି। ଏହାପରେ ଉକ୍ତ ଏୟାର ଲାଇନ୍ସକୁ ଆର୍ଥିକ ଜରିମାନା ଲାଗୁ କରାଯାଇଛି।

ଏହାପୂର୍ବରୁ ଡିଜିସିଏ ଏୟାର ଏସିଆର ପ୍ରଶିକ୍ଷଣ ମୁଖ୍ୟଙ୍କୁ ନିଜ କର୍ତ୍ତବ୍ୟ ଅବହେଳା ଯୋଗୁ ତିନି ମାସ ପାଇଁ ତାଙ୍କୁ ପଦରୁ ହଟାଇ ଦେଇଥିଲା। ଏହାବ୍ୟତୀତ ୮ ଜଣ ପ୍ରଶିକ୍ଷକଙ୍କୁ ତିନି ଲକ୍ଷ ଲେଖାଏ ଫାଇନ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଡିଜିସିଏ ସଂପୃକ୍ତ ପରିଚାଳକ, ପ୍ରଶିକ୍ଷଣ ମୁଖ୍ୟ ତଥା ଏୟାର ଏସିଆର ସମସ୍ତ ନିଯୁକ୍ତ ପରୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ସେମାନଙ୍କ ନିୟାମକ ବାଧ୍ୟତାମୂଳକ ପାଳନ ନକରିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବା ନାହିଁ ବୋଲି ଏଥିରେ ପ୍ରଶ୍ନ କରିଥିଲା ଡିଜିସିଏ। ଲିଖିତ ଜାବାବଗୁଡିକ ଆସିବା ପରେ ଏହାର ଯାଞ୍ଚ କରାଯାଇ ତା'ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଆଦାନିଙ୍କୁ ନେଇ ମୋଦିଙ୍କ ବିରୋଧରେ ବର୍ଷିଲେ ଖାଡ଼ଗେ

ମୋଦି ଜନତାଙ୍କ ଅର୍ଥ ନେଇ ନିଜ ବନ୍ଧୁ ଆଦାନିଙ୍କୁ ଫଣ୍ଡିଂ କରିଛନ୍ତି। ଏହା କହିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ। ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରି ଖାଡ଼ଗେ କହିଛନ୍ତି ଯେ, ଶାସନ କ୍ଷମତାକୁ ଆସିବା ପରେ ମୋଦି ଉଦ୍ୟୋଗପତି ଗୌତମ ଅଦାନୀଙ୍କୁ ସାହାଯ୍ୟ କରିଛନ୍ତି। ଉଚିତ ପ୍ରସଙ୍ଗକୁ ନ ଉଠାଇବା ଭଳି କାମ କରି ଲୋକତନ୍ତ୍ରକୁ ଶେଷ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲାରେ ଏକ ରାଲିକୁ ସମ୍ବୋଧନ କରିବା ସମୟରେ ସେ ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ୨୦୧୯ରେ ଅଦାନୀଙ୍କ ସମ୍ପତ୍ତି ୧ ଲକ୍ଷ କୋଟି ଥିଲା ହେଲେ ଅଢେଇ ବର୍ଷ ଭିତରେ ତାଙ୍କ ସମ୍ପତ୍ତି ୧୩ ଲକ୍ଷ କୋଟି ହୋଇଗଲା। ଏ ହେଉଛନ୍ତି ସେହି ଆଦାନୀ ଯାହାଙ୍କ ବିମାନରେ ମୋଦି ଶପଥ ନେବାକୁ ଯାଇଥିଲେ।

ସେହିପରି ଶିଳ୍ପପତି ଗୌତମ ଆଦାନିଙ୍କ ସଂସ୍ଥା ଆଦାନି ଗ୍ରୁପ୍ ମୁଣ୍ଡରେ ଥିବା ଋଣ ଭାରତୀୟ ଅର୍ଥନୀତିର ଏକ ପ୍ରତିଶତ ଠାରୁ



ଅଧିକ। ନିକେଇ ଏସିଆ ନାମକ ସଂସ୍ଥା ଏହାର ରିପୋର୍ଟରେ ଏହି ଦାବି କରିଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଆକଳନ ଅନୁସାରେ ଗତବର୍ଷ ଅକ୍ଟୋବରରେ ଭାରତୀୟ ଅର୍ଥନୀତିର ମୂଲ୍ୟ ୨୭୩ ଲକ୍ଷ କୋଟି ଟଙ୍କା ଥିଲା। ଆଦାନି ଗ୍ରୁପ୍ ୩.୩୩ ଲକ୍ଷ କୋଟି ଟଙ୍କାର ଋଣ କରିଛି।

ତାହା ଭାରତୀୟ ଅର୍ଥନୀତିର ୧.୨ ପ୍ରତିଶତ ସହ ସମାନ। ଆଦାନି ଗ୍ରୁପ୍ ?ର ୧୦ଟି ସଂସ୍ଥା ଷ୍ଟକ ବଜାରରେ ତାଲିକାଭୁକ୍ତ ହୋଇଥିବା ବେଳେ ବହୁ ପ୍ରାଇଭେଟ୍ କଂପାନି ମଧ୍ୟ ଏହା ଅଧିନରେ ରହିଛନ୍ତି। ଯଦି ସେମାନେ ନେଇଥିବା ଋଣକୁ ବିଚାର କରାଯିବ ତେବେ ଗ୍ରୁପ୍‌ର ମୋଟ ଋଣ ଆହୁରି ଅଧିକ ହେବ ବୋଲି କୁହାଯାଇଛି।

# ୭୦୦୦ କର୍ମଚାରୀଙ୍କୁ ଛଟେଇ କରିବ ଡିଜନୀ

ଖର୍ଚ୍ଚ କାଟ୍ ପାଇଁ ବଡ଼ ବଡ଼ କମ୍ପାନୀଗୁଡିକ ନିଜ କର୍ମଚାରୀଙ୍କୁ ଏବେ ଛଟେଇ କରିବାରେ ଲାଗିଛନ୍ତି। ଆମାଜନ, ମାଇକ୍ରୋସଫ୍ଟ, ଟ୍ୱିଟର ପରେ ଏବେ ଡିଜନୀ ମଧ୍ୟ ଏଥିରେ ସାମିଲ ହୋଇଛି। ନିଜ ଷ୍ଟ୍ରିମିଂ ବ୍ୟବସାୟକୁ ଲାଭଜନକ କରିବା ଲାଗି ଓ୍ୱାଲ୍ଟ ଡିଜନୀ ପ୍ଲସ ନିଜର ୭୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଘୋଷଣା କରିଛି।

ବିଶ୍ୱବ୍ୟାପୀ ଡିଜନୀରେ କାମ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ୩.୬ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯିବ ବୋଲି କମ୍ପାନୀର ସିଇଓ ବବ୍ ଆଇଗର ସୂଚନା ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଏହି ଛଟେଇ କରିବାକୁ ତାଙ୍କୁ କମ୍ପାନି ନିର୍ଦ୍ଦେଶ ଦେଇଥିଲା। ଖର୍ଚ୍ଚ କାଟ କରିବା ସହିତ କ୍ରିଏଟିଭ୍ ଏଗ୍‌ଜିକ୍ୟୁଟିଭ୍‌ମାନଙ୍କୁ କ୍ଷମତା ପ୍ରତ୍ୟାହାର କରିବା ଯୋଜନାରେ ଡିଜ୍‌ନୀ ତିନୋଟି ଭାଗରେ ବିଭକ୍ତ ହେବ। ଏଥିରେ ଫିଲ୍ମ, ଟେଲିଭିଜନ୍ ଓ ଷ୍ଟ୍ରିମିଙ୍ଗ୍ ପାଇଁ ରହିବ ଏଣ୍ଟରଟେନ୍‌ମେଣ୍ଟ ୟୁନିଟ୍, କ୍ରୀଡ଼ା ପାଇଁ ଇଏସ୍‌ପିଏନ୍ ୟୁନିଟ୍ ଏବଂ ଡିଜ୍‌ନୀ ପାର୍କସ୍ ପାଇଁ ଏକ୍ସପିରିଏନ୍‌ସେସ୍ ଆଣ୍ଡ ପ୍ରଡକ୍ଟସ। ଡିଜ୍‌ନୀ ଛଟେଇ କରିବାକୁ ଯୋଜନା କରୁଥିବା କଥା ଗତ ନଭେମ୍ବର ମାସରେ ବିଭିନ୍ନ ଗଣମାଧ୍ୟମ ରିପୋର୍ଟ କରିଥିଲେ। ଡିଜ୍‌ନୀ ତା'ର ଶତବାର୍ଷିକୀ ପାଳନ କରିବା ଅବସରରେ ଛଟେଇ କାର୍ଯ୍ୟ ଶେଷ ହୋଇଥିବ ବୋଲି ବର୍ତ୍ତମାନର ସିଇଓ ଆଇଗର୍ କହିଛନ୍ତି। ତାଙ୍କ କହିବା ମୁତାବକ, ଡିଜନୀର ଷ୍ଟ୍ରିମିଂ ସେବା ଗତ ତିନି ମାସରେ ପ୍ରଥମ ଥର ପାଇଁ ଗ୍ରାହକ ସଂଖ୍ୟାରେ ହ୍ରାସ ପାଇଛି। କାରଣ ଗ୍ରାହକମାନେ ଖର୍ଚ୍ଚ ହ୍ରାସ କରିଛନ୍ତି। ଗତବର୍ଷ କମ୍ପାନୀର ଗ୍ରାହକ ସଂଖ୍ୟା ବୃଦ୍ଧି ପାଇଥିଲା।

ଘଣ୍ଟାଏ ବ୍ୟବସାୟ କରିବା ପରେ ଗତକାଲି ଡିଜ୍ ?ନୀର ସେୟାର୍ ମଧ୍ୟ ୪.୭% ବୃଦ୍ଧି ପାଇ ୧୧୭.୨୨ ଡଲାର୍ ହୋଇଥିବା କଥା ରଏଟର୍ସ ରିପୋର୍ଟ କରିଛି।

# ପୁଣି ବଢ଼ିଲା ରେପୋ ରେଟ୍, ମହଙ୍ଗା ହେବ ଲୋନ୍




ସାଧାରଣ ଲୋକଙ୍କୁ ଝଟ୍‌କା। ପୁଣି ବଢ଼ିଲା ରେପୋ ରେଟ୍। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ତଥା ୦.୨୫ ପ୍ରତିଶତ ବୃଦ୍ଧି କରିଛି। ଏନେଇ ଆର୍‌ବିଆଇ ଗଭର୍ଣ୍ଣର ଶଶିକାନ୍ତ ଦାସ ଘୋଷଣା କରିଛନ୍ତି। ରେପୋ ରେଟ୍ ବଢ଼ିବା ଦ୍ୱାରା ସମସ୍ତ ପ୍ରକାର ଲୋନ୍ ତଥା ଋଣ ମହଙ୍ଗା ହୋଇଯିବ ବୋଲି କୁହାଯାଉଛି। ଦେଶରେ ମୁଦ୍ରାସ୍ଫୀତି ହାର ହ୍ରାସ ପାଇବା ପରେ ମଧ୍ୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ଷଷ୍ଠ ଥର ପାଇଁ ରେପୋ ରେଟ୍ ବୃଦ୍ଧି କରିବାକୁ ଘୋଷଣା କରିଛି। ଏବେ ରେପୋ ରେଟ୍ ୬.୨୫% ରୁ ୬.୫୦%କୁ ବୃଦ୍ଧି ପାଇଛି। ଏହାର ଅର୍ଥ ଘର ଠାରୁ ଆରମ୍ଭ କରି ଅଟୋ ଏବଂ ବ୍ୟକ୍ତିଗତ ଋଣ ପର୍ଯ୍ୟନ୍ତ ସବୁକିଛି ମହଙ୍ଗା ହେବ। ସାଧାରଣ ନାଗରିକଙ୍କୁ ଅଧିକ ରଗଓ ଦେବାକୁ ପଡିବ। ଦେଶର ସାଧାରଣ ବଜେଟ ଉପସ୍ଥାପନା ପରେ ଆଜି ଆରବିଆଇ ଏମପିସିର ବୈଠକ ବସିଥିଲା। ବୈଠକ ପରେ ରେପୋ ରେଟ୍ ବୃଦ୍ଧି କରାଯାଇଥିବା ନେଇ ଆର୍‌ବିଆଇ ଗଭର୍ଣ୍ଣର ନିଷ୍ପତ୍ତି ନେଇଛନ୍ତି। ଫଳରେ ଆର୍‌ବିଆଇର ଏହି ନିଷ୍ପତ୍ତି ସାଧାରଣ ଲୋକଙ୍କୁ ଝଟ୍‌କା ଦେଇଛି। ଏହାପୂର୍ବରୁ ଗତବର୍ଷ ଡିସେମ୍ବର ମାସର ଏମ୍‌ପିସି ବୈଠକ ପରେ ରେପୋ ରେଟ୍‌କୁ ୩୫ ବେସିସି ପଏଣ୍ଟ ତଥା ୫.୯୦%ରୁ ୬.୨୫%କୁ ବୃଦ୍ଧି କରାଯାଇଥିଲା। ସେହିପରି ସେପ୍ଟେମ୍ବର ୨୦୨୨ରେ ୫୦ ବେସିସ୍ ପଏଣ୍ଟ, ଅଗଷ୍ଟ ୨୦୦୨ରେ ୫୦ ବେସିସ୍ ପଏଣ୍ଟ ଜୁନ୍‌ରେ ୫୦. ଓ ମେ' ମାସରେ ୪୦ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇଥିଲା।

### ପୁଞ୍ଜି ବିନିଯୋଗ ପ୍ରସଙ୍ଗରେ ସର୍ଭେ ରିପୋର୍ଟ

# ୬୫% ମହିଳାଙ୍କ ପ୍ରଥମ ପସନ୍ଦ ରିଏଲ ଇଷ୍ଟେଟ୍

ନୂଆଦିଲ୍ଲୀ: ପୁଞ୍ଜି ବିନିଯୋଗ ପ୍ରସଙ୍ଗରେ ମହିଳାଙ୍କ ପସନ୍ଦକୁ ଆଧାର କରି 'ଆନାରକ୍' ଗ୍ରୁପ୍ ପକ୍ଷରୁ ଏକ ସର୍ଭେ କରାଯାଇଛି। ସର୍ଭେ ରିପୋର୍ଟ ଅନୁଯାୟୀ ଭାରତର ୬୫ ପ୍ରତିଶତ ମହିଳା ରିଏଲ ଇଷ୍ଟେଟ୍ (ବାସଗୃହ, ଜମି)ରେ ପୁଞ୍ଜି ବିନିଯୋଗ କରିବାକୁ ପସନ୍ଦ କରୁଥିବା ଜଣାପଡିଛି। ୨୦ ପ୍ରତିଶତ ମହିଳା ଷ୍ଟକ୍ ଏକ୍ସଚେଞ୍ଜ୍ (ସେୟାର ମାର୍କେଟ୍)ରେ, ୮ ପ୍ରତିଶତ ମହିଳା ସ୍ୱର୍ଣ୍ଣାଳଙ୍କାର କିଣିବାରେ ଏବଂ ଅବଶିଷ୍ଟ ୭ ପ୍ରତିଶତ ମହିଳା ବ୍ୟାଙ୍କ୍ ଫିକ୍ସଡ୍ ଡିପୋଜିଟ୍‌ରେ ଅର୍ଥ ଖଟାଇବାକୁ ପସନ୍ଦ କରୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସର୍ଭେରେ ୫୫୦୦ ଲୋକଙ୍କୁ ସାମିଲ କରାଯାଇଥିଲା ଯାହାମଧ୍ୟରେ ୫୦ ପ୍ରତିଶତ ମହିଳା ସାମିଲ ଥିଲେ। ପୁନଶ୍ଚ ରିଏଲ ଇଷ୍ଟେଟ୍‌ରେ ଆଗ୍ରହୀ ଥିବା ମହିଳାଙ୍କ ମଧ୍ୟରୁ ୮୩ ପ୍ରତିଶତ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ବାସଗୃହ କିଣିବାକୁ ପସନ୍ଦ କରିଥାନ୍ତି। ୩୬ ପ୍ରତିଶତ ମହିଳା ୪୫-୯୦ ଲକ୍ଷ ବଜେଟ୍‌ରେ ଘର କିଣିବାକୁ ପସନ୍ଦ କରୁଥିବାବେଳେ ୨୭ ପ୍ରତିଶତ ମହିଳା ପ୍ରିମିୟମ ରେଞ୍ଜ୍ ଅର୍ଥାତ୍ ୯୦ ଲକ୍ଷ-୧.୫ କୋଟି ମୂଲ୍ୟର ବାସଗୃହ କିଣିବାରେ ଆଗ୍ରହ ପ୍ରକାଶ କରିଛନ୍ତି। ୨୦ ପ୍ରତିଶତ ମହିଳା ସୁପର ଲକ୍‌ଜ୍ୟୁରୀ କ୍ୟାଟେଗୋରୀ (୧.୫ କୋଟିରୁ ଉର୍ଦ୍ଧ୍ୱ) ମୂଲ୍ୟର ବାସଗୃହ ସପକ୍ଷରେ ମତ ଦେଇଛନ୍ତି। ୧୭ ପ୍ରତିଶତ ମହିଳା ୪୫ ଲକ୍ଷରୁ କମ ମୂଲ୍ୟର ବାସଗୃହକୁ ପସନ୍ଦ କରୁଥିବା ରିପୋର୍ଟରୁ ଜଣାପଡିଛି। ସ୍ୱାମୀ କିମ୍ବା ନିଜସ୍ୱ ଆୟକୁ ଦୃଷ୍ଟିରେ ରଖି ଏହି ମହିଳାମାନେ ସ୍ୱଳ୍ପ ବଜେଟ୍ ବାସଗୃହକୁ ଅଗ୍ରାଧିକାର ଦେଇଛନ୍ତି। ଦିନ ଥିଲା, ଭାରତୀୟ ମହିଳା ସୁନା କିଣିବାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଉଥିଲେ। ତେବେ ବିଗତ ୧୦ ବର୍ଷ ମଧ୍ୟରେ ମହିଳାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ବର୍ତ୍ତମାନ ଅଧିକାଂଶ ମହିଳା ବାସଗୃହକୁ ପ୍ରଥମ ପସନ୍ଦ ତାଲିକାରେ ସ୍ଥାନ ଦେଉଛନ୍ତି। କେତେକ ମହିଳା ବ୍ୟବସାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରିଏଲ ଇଷ୍ଟେଟ୍‌ରେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁଛନ୍ତି। ଜରୁରୀ ସମୟରେ ବାସଗୃହ କିମ୍ବା ଜମି ବିକ୍ରି କରି ଉଦ୍ଦେଶ୍ୟ ପୂରଣ କରାଯାଇପାରୁଥିବାରୁ ଏହାକୁ ମହିଳାମାନେ ଅଗ୍ରାଧିକାର ଦେଉଛନ୍ତି। ଅଧିକାଂଶ ରାଜ୍ୟରେ ମହିଳାଙ୍କ ନାମରେ ବାସଗୃହ କିମ୍ବା ଜମି କିଣାଯାଉଥିଲେ ଷ୍ଟାମ୍ପ ଡ୍ୟୁଟି (ରେଜିଷ୍ଟ୍ରି ଖର୍ଚ୍ଚ) ଯଥେଷ୍ଟ କମ ପଡୁଛି। ଏପରିକି ମହିଳାଙ୍କ କ୍ଷେତ୍ରରେ କେତେକ ବ୍ୟାଙ୍କ ଗୃହଋଣର ସୁଧ ପରିମାଣ ମଧ୍ୟ କମ ରଖିଛନ୍ତି।

# ୭୬ ଲକ୍ଷ ପରିବାରକୁ ୫୦୦ ଟଙ୍କାରେ ମିଳିବ ରନ୍ଧନ ଗ୍ୟାସ୍

ବଜେଟ ଲିକ୍ ଓ ଗତବର୍ଷର ବଜେଟ ପେପର ପଢ଼ି ବିଧାନସଭାରେ ଲୋକହସା ହୋଇଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆଜି ୧୯ ହଜାର କୋଟି ଟଙ୍କାର ରିଲିଫ ପ୍ୟାକେଜ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ସହ ଗେହଲଟ ରାଜସ୍ଥାନର ଅର୍ଥମନ୍ତ୍ରୀ ମଧ୍ୟ। ତେଣୁ ଆଜି ସେ ବିଧାନସଭାରେ ବଜେଟ ଉପସ୍ଥାପନ କରିଛନ୍ତି।

ଚଳିତ ବର୍ଷ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ ଏହା ଗେହଲଟ ସରକାରର ଶେଷ ପୂର୍ଣ୍ଣାଙ୍ଗ ବଜେଟ। ଏହାକୁ ଦୃଷ୍ଟିରେ ରଖି ବଜେଟରେ ସାଧାରଣ ଲୋକଙ୍କ ପାଇଁ ବଡ଼ବଡ଼ ବ୍ୟବସ୍ଥା ସବୁ କରାଯାଇଛି।

- ଚିରଞ୍ଜୀବି ସ୍ୱାସ୍ଥ୍ୟ ବୀମା ଯୋଜନାର ବାର୍ଷିକ ରାଶିକୁ ଘର ପିଛା ୧୦ ଲକ୍ଷରୁ ୨୫ ଲକ୍ଷକୁ ବୃଦ୍ଧି କରାଯାଇଛି।
- ୧୧ ଲକ୍ଷରୁ ଅଧିକ ଚାଷୀ ମାସିକ ୨ ହଜାର ୟୁନିଟ ଯାଏ ମାଗଣା ବିଜୁଳି ପାଇବେ। ଘରୋଇ ଉପଭୋକ୍ତାଙ୍କୁ ୧୦୦ ୟୁନିଟ ଯାଏ ମାଗଣା ବିଜୁଳି ମିଳିବ।
- ଜାତୀୟ ଖାଦ୍ୟ ସୁରକ୍ଷା ଅଧୀନରେ ୧ କୋଟିରୁ ଅଧିକ ପରିବାରକୁ ମାଗଣା ରାସନ ଓ ଖାଦ୍ୟ ପ୍ୟାକେଟ ଦିଆଯିବ।



- ବିପିଏଲ ଓ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଥିବା ୭୬ ଲକ୍ଷ ପରିବାରକୁ ରାଜ୍ୟ ସରକାର ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ଦେବେ।
- ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ପ୍ରତିଦିନ କ୍ଷୀର ଦିଆଯିବ।
- ରାଜ୍ୟ ସରକାରଙ୍କ ବୋର୍ଡ, କର୍ପୋରେସନ, ଏକାଡେମୀ ଓ ବିଶ୍ୱବିଦ୍ୟାଳୟର ଯେଉଁ କର୍ମଚାରୀମାନେ ୨୦୦୪ ଜାନୁଆରୀ ୧ ପୂର୍ବରୁ ନିଯୁକ୍ତି ପାଇଥିବେ, ସେମାନଙ୍କୁ ପୁରୁଣା ପେନସନ ଯୋଜନାରେ ସାମିଲ କରାଯିବ।
- ରାଜ୍ୟରେ ଥିବା ଛାତ୍ରୀମାନଙ୍କୁ ୩୦ ହଜାର ଇଲେକ୍ଟ୍ରିକ ଗାଡ଼ି ଯୋଗାଇ ଦିଆଯିବ।
- ପେପର ଲିକ୍ ବିବାଦ ଯୋଗୁ ରାଜ୍ୟ ସରକାର ଏଣିକି ଚାକିରି ପାଇଁ ଅନୁଷ୍ଠିତ ହେଉଥିବା ପ୍ରବେଶିକା ପରୀକ୍ଷା ପାଇଁ ଗୋଟିଏଥର ପଞ୍ଜୀକରଣ ବ୍ୟବସ୍ଥା କରିବେ।
- ଗିଗ୍ ଅର୍ଥନୀତି ସେକ୍ଟର ସହ ଜଡ଼ିତ ଲୋକଙ୍କ ପାଇଁ ୨୦୦ କୋଟିର ପାଣ୍ଠି ବ୍ୟବସ୍ଥା କରାଯାଇଛି।
- ସମବାୟ ବ୍ୟାଙ୍କରୁ ଚାଷୀମାନେ ୩ ହଜାର କୋଟିର ସୁଧମୁକ୍ତ ଋଣ ପାଇପାରିବେ।

ଓଡ଼ିଶା ସଙ୍କେତ
Odisha Sanket

ମହିଳା ପ୍ରିମିୟର ଲିଗ୍

# ୮୯ ଖେଳାଳିଙ୍କୁ ୫୯.୫୦ କୋଟିରେ କିଣିଲେ ୫ ଦଳ

ନୂଆଦିଲ୍ଲୀ: ମହିଳା ପ୍ରିମିୟର ଲିଗ(WPL) ୨୦୨୩ର ପ୍ରଥମ ସଂସ୍କରଣ ପାଇଁ ୫ଟି ଦଳ ଅକ୍ସନ ମାଧ୍ୟମରେ ମୋଟ ୮୯ ଜଣ ଖେଳାଳିଙ୍କୁ କିଣିଛନ୍ତି। ୫ ଦଳ ମୋଟ ୫୯.୫୦ କୋଟି ଟଙ୍କା ଖର୍ଚ୍ଚ କରି ସମସ୍ତ ଖେଳାଳିଙ୍କୁ କିଣିଛନ୍ତି। ଭାରତୀୟ ମହିଳା ଦଳର ଉପ ଅଧିନାୟକ ତଥା ଷ୍ଟାର ଓପନର ଡଚଖର ସବୁଠାରୁ ମହଙ୍ଗା ଖେଳାଳି ହୋଇଛନ୍ତି। ତାଙ୍କୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ୩.୪ କୋଟି ଟଙ୍କାରେ କିଣିଛି।

WPLର ପ୍ରଥମ ସଂସ୍କରଣରେ ମୋଟ ୫ଟି ଦଳ ଭାଗ ନେବେ। ସେମାନେ ହେଲେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ୟୁପି ୱାରିୟର୍ଜ ଓ ଗୁଜରାଟ ଜିଆଣ୍ଟସ। ମହିଳା ଆଇପିଏଲ ଭାବେ ପରିଚୟ ହାସଲ କରିଥିବା ଏହି ଟି-୨୦ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୩ରୁ ୨୬ ତାରିଖ ଯାଏ ମୁମ୍ବାଇରେ ଖେଳାଯିବ।

ମନ୍ଧାନାଙ୍କ ସମେତ ଭାରତର ୧୦ ଜଣ ଖେଳାଳି ୧ କୋଟିରୁ ଅଧିକ ଦାମରେ ବିକ୍ରି ହୋଇଛନ୍ତି। ସେହିପରି ଅଣ୍ଡର ୧୯ ଖେଳାଳିଙ୍କୁ ନେବା ପାଇଁ ମଧ୍ୟ ସବୁ ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇଛନ୍ତି। ମନ୍ଧାନା ସବୁଠାରୁ ଦାମୀ ଖେଳାଳି ଭାବେ ବିକ୍ରି ହୋଇଥିବା ବେଳେ ତାଙ୍କ ପଛକୁ ସବୁଠାରୁ ଅଧିକ ଦାମରେ କିଣା ହୋଇଥିବା ଭାରତୀୟଙ୍କ ମଧ୍ୟରେ ଦୀପ୍ତି ଶର୍ମା ରହିଛନ୍ତି। ତାଙ୍କୁ ୟୁପି ୨.୬୦ କୋଟି ଟଙ୍କାରେ କିଣିଛି। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ଜେମିମା ରୋଡ୍ରିଗ୍ସଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୨.୨୦ କୋଟି ଟଙ୍କାରେ ନିଜ ସହ ସାମିଲ କରିଛନ୍ତି।



ଅଣ୍ଡର ୧୯ ଟିମର ଅଧିନାୟକ ଶେଫାଳୀ ବର୍ମାଙ୍କୁ ୨ କୋଟି ଦେଇ ଦିଲ୍ଲୀ କ୍ୟାପିଟାଲ୍ସ, ଭାରତୀୟ ଟିମର ୱିକେଟ କିପର ବ୍ୟାଟର ରିଚା ଘୋଷଙ୍କୁ ଆରସିବି ୧.୯୦ କୋଟି, ଅଲରାଉଣ୍ଡର ପୂଜା ବସ୍ତ୍ରକରଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୧.୯୦ କୋଟି, ଭାରତୀୟ ଟିମର ଅଧିନାୟକ ହରମନପ୍ରୀତ କୌରଙ୍କୁ ମୁମ୍ବାଇ ୧.୮୦ କୋଟି, ରେଣୁକା ସିଂହଙ୍କୁ ଆରସିବି ୧.୫ କୋଟି, ୟାସ୍ତିକା ଭାଟିଆଙ୍କୁ ମୁମ୍ବାଇ ୧.୫ କୋଟି ଓ ୟୁପି ଦେବିକା ବୈଦ୍ୟଙ୍କୁ ୧.୪ କୋଟି ଟଙ୍କାରେ କିଣିଛି।

ବିଦେଶୀ ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଅଲରାଉଣ୍ଡର ଏଶଲେ ଗାର୍ଡେନର ସବୁଠାର ଅଧିକ ଟଙ୍କାରେ ବିକ୍ରି ହୋଇଛନ୍ତି। ତାଙ୍କୁ ଗୁଜରାଟ ୩.୨୦ କୋଟି ଟଙ୍କା ଦେଇ କିଣିଛି। ଇଂଲଣ୍ଡର ସୁପରଷ୍ଟାର ନାଟ ସ୍କିଭର ବ୍ରଣ୍ଟ ୩.୨୦ କୋଟି ଟଙ୍କାରେ ମୁମ୍ବାଇକୁ ଯାଇଛନ୍ତି। ଅଷ୍ଟ୍ରେଲିଆର ବେଥ ମନୀଙ୍କୁ ୨ କୋଟି ଟଙ୍କାରେ ଗୁଜରାଟ, ଇଂଲଣ୍ଡର ସୋଫିଆ ଏକ୍କେଲଷ୍ଟୋନଙ୍କୁ ୟୁପି ୧.୮୦ କୋଟି ଓ ଅଷ୍ଟ୍ରେଲିଆର ଏଲିସ ପେରୀଙ୍କୁ ଆରସିବି ୧.୭୦ କୋଟି ଟଙ୍କାରେ କିଣିଛି।

ଭାରତର ଏସ୍ ୟାଶାଶ୍ରୀ ୧୦ ଲକ୍ଷ ଓ ଅଣ୍ଡର ୧୯ ମହିଳା ଟି-୨୦ ବିଶ୍ୱକପର ଷ୍ଟାର ବ୍ୟାଟର ଶ୍ୱେତା ସେରାୱତଙ୍କୁ ମଧ୍ୟ ୪୦ ଲକ୍ଷ ଟଙ୍କାରେ ୟୁପି କିଣିଛି। ଅଣ୍ଡର ୧୯ ବିଶ୍ୱକପର ଅନ୍ୟତମ ସଫଳର ସ୍ପିନ ବୋଲର ତଥା ୧୬ ବର୍ଷୀୟ ପାରଶଭୀ ଚୋପ୍ରା ୧୦ ଲକ୍ଷ ଟଙ୍କାରେ ୟୁପିକୁ ଯାଇଛନ୍ତି। ୧୮ ବର୍ଷୀୟ ତିତାସ ସାଧୁଙ୍କୁ ୨୫ ଲକ୍ଷ ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କିଣିଛି। ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ମାରିଜାନେ କାପ୍ପା ୧.୫ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଯାଇଛନ୍ତି। ଭାରତର ଅଫସ୍ପିନର ସ୍ନେହ ରାଣାଙ୍କୁ ଗୁଜରାଟ ୭୦ ଲକ୍ଷ ଟଙ୍କାରେ କିଣିଛି। ଦ୍ରୁତ ବୋଲର ଶିଖା ପାଣ୍ଡେଙ୍କୁ ୬୦ ଲକ୍ଷ ଓ ବାମହାତୀ ଅଲରାଉଣ୍ଡର ରାଧା ଯାଦବଙ୍କୁ ୪୦ ଲକ୍ଷ ଟଙ୍କାରେ ଦିଲ୍ଲୀ ନିଜ ସହ ସାମିଲ କରିଛି।

ମୋଟ ଉପରେ ୫ ଦଳକୁ ସର୍ବାଧିକ ୬୦ କୋଟି ଟଙ୍କା ଖର୍ଚ୍ଚ କରିବାର ଅନୁମତି ଥିଲା। ସେମାନେ ୮୯ ଜଣ ଖେଳାଳିଙ୍କୁ ୫୯.୫୦ କୋଟିରେ କିଣିଛନ୍ତି। ଆରସିବି ଓ ଦିଲ୍ଲୀ ୧୮ ଜଣ ଲେଖାଏ ଖେଳାଳି କିଣିଥିବା ବେଳେ ମୁମ୍ବାଇ ଓ ଗୁଜରାଟ ୧୭ ଜଣ ଲେଖାଏ ଖେଳାଳିଙ୍କୁ କିଣିଛନ୍ତି। ସେହିପରି ୟୁପି ତା' ସ୍କ୍ୱାଡରେ ୧୬ ଜଣ ଖେଳାଳିଙ୍କୁ ସାମିଲ କରିଛି।

## ଡୋପ୍ ଟେଷ୍ଟରେ ଧରାପଡ଼ିଲେ ଜିମ୍ନାଷ୍ଟ ଦୀପା କର୍ମକାର

ରିଓ ଅଲିମ୍ପିକ୍‌ରେ ଭାରତ ପାଇଁ ଇତିହାସ ରଚିଥିବା ଜିମ୍ନାଷ୍ଟ ଦୀପା କର୍ମକାର ଡୋପ୍ ଟେଷ୍ଟରେ ଫେଲ୍ ମାରିଛନ୍ତି। ଇଣ୍ଟରନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ଜାଣିବାକୁ ପାଇଛି ଯେ, ଦୀପା ହାଇଜେନାମାଇନ ଡ୍ରଗ୍ସ ସେବନ କରିଥିଲେ। ଏହାର ଟେଷ୍ଟିଂ ରିପୋର୍ଟ ପଜିଟିଭ୍ ଆସିଛି। ୨୦୨୧ ପରେ ହାଇଜେନାମାଇନ୍ ଡ୍ରଗ୍ସ ଉପରେ ବ୍ୟାନ୍ ଲଗାଯାଇଥିଲା। ଏହା ପରେ ଦୀପା କର୍ମକାରଙ୍କ ଉପରେ



କଟକଣା ଲାଗୁ କରାଯାଇଛି। ଦୀପାଙ୍କୁ ୨୧ ମାସ ପାଇଁ ବ୍ୟାନ୍ କରାଯାଇଛି। ପାଖାପାଖି ଦୁଇ ବର୍ଷ ଯାଏଁ ସେ କୌଣସି ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ।

ଆଇଟିଏ ମୁତାବକ, ୨୦୨୩ ଜୁଲାଇ ୧୦ ପର୍ଯ୍ୟନ୍ତ ଦୀପାଙ୍କ ଉପରେ ବ୍ୟାନ୍ ଲାଗୁ ରହିବ। ପୂର୍ବରୁ ଦୀପା ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି ତଥା ବାଡାର ଗାଇଡ୍‌ଲାଇନ୍‌କୁ ଉଲ୍ଲଙ୍ଘନ କରିଥିବା ନେଇ ସୂଚନା ମିଳିଥିଲା। କିନ୍ତୁ ପରେ ସେ ଡୋପିଂ ଟେଷ୍ଟରେ ଧରାପଡିଥିବା ଜଣାପଡିଛି। ଏଏଫଆଇଜି ଆଣ୍ଟି ଡୋପିଂ ନିୟମ ଧାରା ୧୦.୮.୨ ଅନୁସାରେ ମାମଲାର ସମାଧାନ କରାଯାଇଛି।

ସୂଚନାଯୋଗ୍ୟ, ତ୍ରିପୁରାର ଦୀପା କର୍ମକାର ଭାରତର ଶ୍ରେଷ୍ଠ ଜିମ୍ନାଷ୍ଟମାନଙ୍କ ମଧ୍ୟରୁ ଅନ୍ୟତମ। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ଥିଲେ। ଏହା ପରେ ୨୦୧୮ରେ ସେ ତୁର୍କୀର ମର୍ସିନ ଠାରେ ଏଏଫଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ ଚ୍ୟାଲେଞ୍ଜ କପର ୱାଲ୍ଟ ପ୍ରତିଯୋଗିତାରେ ଦେଶ ପାଇଁ ସ୍ୱର୍ଣ୍ଣପଦକ ଆଣିଥିଲେ। ଭାରତର ପ୍ରଥମ ଜିମ୍ନାଷ୍ଟ ଭାବେ ସେ ଏହି ଗୋଲ୍ଡ ମେଡାଲ ଜିତିଥିଲେ। ଦୀପା କର୍ମକାରଙ୍କୁ ଗୋଲଡେନ ଗର୍ଲ ମଧ୍ୟ କୁହାଯାଇଥାଏ।

## ଟି-୨୦ ସିରିଜ୍ ଜିତିଲା ଭାରତ

ଟି-୨୦ ସିରିଜ୍ ଜିତିଲା ଭାରତ। ୨-୧ରେ ନ୍ୟୁଜିଲାଣ୍ଡକୁ ହରାଇ ବିଜୟୀ ହୋଇଛି ଭାରତ। ଆଜି ହାଇଦ୍ରାବାଦ୍ ଠାରେ ଖେଳାଯାଇଥିବା ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍‌କୁ ଭାରତୀୟ ଟିମ୍ ଜିତିବା ସହ ସିରିଜ୍ କବ୍‌ଜା କରିଛି। ଭାରତ ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୪ ୱିକେଟ ହରାଇ ୨୩୪ ରନ୍ କରିଥିଲା।

ଓପନର ଇଶାନ କିଶନ ମାତ୍ର ୧ ରନ୍‌ରେ ଆଉଟ୍ ହୋଇଥିଲେ ହେଁ ଶୁବମନ ଗିଲ୍‌ଙ୍କ ଅପରାଜିତ ୧୨୩ ରନ୍(୬୩ ବଲ୍, ୭ ଛକା, ୧୨ ଚୌକା), ରାହୁଲ ତ୍ରିପାଠୀ ୨୨ ବଲ୍‌ରେ ୪୪ ରନ୍, ସୂର୍ଯ୍ୟକୁମାର ଯାଦବଙ୍କ ୧୩ ବଲ୍‌ରେ ୨୪ ରନ୍ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୧୭ ବଲ୍‌ରେ ୩୦ ରନ୍ ଟିମ୍‌କୁ ଏକ ବଡ଼ ସ୍କୋରରେ ପହଞ୍ଚାଇ ଦେଇଥିଲା। ଶେଷ ଓଭରରେ ବଡ଼ ସ୍କୋର କରିବାରେ ଶୁବମାନ ଓ ହୁଡ଼ା ଫେଲ୍ ହୋଇଥିଲେ। ଏହି ଓଭରରେ ମାତ୍ର ୬ ରନ୍ ହୋଇଥିଲା। ହୁଡ୍ଡା ଅପରାଜିତ ୨ ରନ୍ କରିଥିଲେ।

ଏହି ବିଶାଳ ସ୍କୋରକୁ ସାମ୍ନା କରିବାକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଟିମ୍ ଭାରତୀୟ ବୋଲିଂକୁ ସାମ୍ନା କରିବାକୁ ଫେଲ୍ ମାରିଥିଲା। ଟିମ୍ ୧୨.୧ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୬୬ ରନ୍ କରିପାରିଥିଲା।



ଫଳରେ ଭାରତ ୧୬୮ ରନ୍‌ରେ ବିଜୟ ହାସଲ କରିଛି।

ଦଳ ପକ୍ଷରୁ ଫିନ୍ ଆଲେନ୍, ଡେଭନ କନ୍‌ୱେ, ମାର୍କ ଚାପମାନ, ଗ୍ଲେନ୍ ଫିଲିପ୍ସ ଦଳୀୟ ସ୍କୋର ୭ ରନ୍ ଥିବା ବେଳେ ଜଣକ ପରେ ଜଣେ ଆଉଟ ହୋଇ ପାଭିଲିୟନ ଫେରି ଯାଇଥିଲେ। ପାଣ୍ଡ୍ୟା ଓ ଅର୍ଶଦୀପ ପ୍ରରମ୍ଭିକ ବ୍ୟାଟିଂ କ୍ରମକୁ ବିଗାଡ଼ି ଦେଇଥିଲେ। ପରେ ଡାରିଲ ମିଚେଲ ଧର୍ଯ୍ୟ ଦେଖାଇ ମାତ୍ର ୩୫ ରନ୍ କରିଥିଲେ। ତାଙ୍କ ଅପରପାର୍ଶ୍ୱରେ ବ୍ୟାଟିଂ କରିବାକୁ ଆସିଥିବା ମାଇକେଲ ବ୍ରାସ୍ୱେଲ, ଅଧିନାୟକ ମିଚେଲ ସାଣ୍ଟନର, ଇଶ ସୋଢ଼ି, ଲୋକି ଫର୍ଗୁସନ, ବ୍ଲେୟାର ଟୀକନର ଜଣକ ପରେ ଜଣେ ଆଉଟ ହୋଇ ଟିମ୍‌କୁ ଅକଳରେ ପକାଇ ଦେଇଥିଲେ। ଉମ୍ରାନ୍, ମାଭି, ପାଣ୍ଡ୍ୟା ଜଣକ ପରେ ଜଣେ ବ୍ୟାଟରଙ୍କୁ ଆଉଟ କରି ଭାରତର ବିଜୟକୁ ନିଶ୍ଚିତ କରିଦେଇଥିଲେ।

ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୪ ୱିକେଟ, ଶିବମ ମାଭି, ଅର୍ଶଦୀପ ସିଂହ ଓ ଉମ୍ରାନ ମଲିକ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଶୁବମନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟାର ଅଫ୍ ଦି ସିରିଜ୍ ହୋଇଥିଲେ।

## ଆରସିବି ଟିମ୍‌ରେ ଟେନିସ୍ ଷ୍ଟାର୍ ସାନିଆ ମିର୍ଜା ମେଣ୍ଟର ନିଯୁକ୍ତ

ଓମେନ୍‌ସ ପ୍ରେମିୟର ଲିଗ୍- ୨୦୨୩ରେ ଆରସିବି ପାଇଁ ଭାରତୀୟ ଟେନିସ୍ ଷ୍ଟାର୍ ସାନିଆ ମିର୍ଜାଙ୍କୁ ମେଣ୍ଟର ନିଯୁକ୍ତ କରାଯାଇଛି। ରୟାଲ ଚ୍ୟାଲେଞ୍ଜରସ ବାଙ୍ଗାଲୁରୁ(ଆରସିବି) ଟିମ୍‌ର ମାନସୀକ ମନବଳ ବଢ଼ାଇବା ନିମନ୍ତେ ସାନିଆ ଗୁରୁମନ୍ତ୍ର ଦେବେ। ଆରସିବି ତାର ଅଭିଯାନ ଆସନ୍ତା ମାର୍ଚ୍ଚ ୫ରେ ଦିଲ୍ଲୀ କ୍ୟାପିଟାଲ ବିରୋଧରେ ମୁମ୍ବାଇ ଠାରେ ଖେଳି ଆରମ୍ଭ କରିବ।

ସାନିଆ ଯିଏକି ୬ ଥର ଗ୍ରାଣ୍ଡ ସ୍ଲାମ୍ସ ଜିତିଛନ୍ତି। ୨୦୨୩ରେ ସେ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଖେଳିଥିଲେ। ଏହି ଅଷ୍ଟ୍ରେଲିଆନ୍ ଓପନ୍ ମିକ୍ସ ଲବ୍‌ଲ୍ସ ଇଭେଣ୍ଟରେ ସେ ରୋହନ ବୋପାନ୍ନାଙ୍କ ସହ ଖେଳି ରନର୍ସ-ଅପ୍ ହୋଇଥିଲେ।

ଆରସିବି ଓମମେନ୍‌ସ ଦଳର ମେଣ୍ଟର ଦାୟିତ୍ୱ ପାଇବା ନେଇ ସାନିଆ କହିଛନ୍ତି, ଏହି ଟିମ୍‌ରେ ସାମିଲ ହେବା ତାଙ୍କ ପାଇଁ ଖୁସିର ବିଷୟ। ଓମେନ୍‌ସ ପ୍ରେମିୟର ଲିଗ୍ ଭାରତୀୟ କ୍ରିକେଟ ଟିମ୍‌କୁ ଆହୁରି ମଜଭୁତ କରିବାରେ ସହାୟ ହେବ। ଖେଳିମାନଙ୍କ ମନବଳ ବଢ଼ାଇବା ନିମନ୍ତେ ସେ ନିଶ୍ଚୟ ସମସ୍ତ ପ୍ରକାର ଚେଷ୍ଟା କରିବେ। ଖେଳରୁ ଅବସର ପରେ ମଧ୍ୟ ମୋର ସମସ୍ତ ଅନୁଭୂତି ଖେଳର ବିକାଶ ନିମନ୍ତେ ଦେବାକୁ ରଖିଥିବା ଲକ୍ଷ୍ୟ ଏହା ଜରିଆରେ ସାଧିତ ହେବ। ଆରସିବି ଖୁବ୍ ଲୋକପ୍ରିୟ ଟିମ୍। ଓମେନ୍‌ସ ପ୍ରେମିୟର ଲିଗ୍ ଜରିଆରେ ଝିଅମାନେ କ୍ରିକେଟକୁ କ୍ୟାରିୟର କରି ଶୀର୍ଷରେ ପହଞ୍ଚିବାକୁ ରଖିବା ଥିବା ଲକ୍ଷ୍ୟକୁ ସାଧିତ କରିବେ।

ସୂଚନା ଥାଉକି, ଆରସିବି ଓମେନ୍‌ସ ପ୍ରେମିୟର ଲିଗ୍‌ରେ ଅକ୍ସନ ଜରିଆରେ ତାର ସୁଦୃଢ଼ ଟିମ୍ ପ୍ରସ୍ତୁତ କରିଛି। ଏହି ଟିମ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା ଓ ଅଷ୍ଟ୍ରେଲିଆ ଅଲରାଉଣ୍ଡର ଇଲିସି ପେରୀ, ଇଂଲଣ୍ଡ ବିଶ୍ୱକପ୍ ବିଜୟୀ ଦଳର କ୍ୟାପଟେନ୍ ହିଟ୍‌ଥର କ୍‌ନାଇଟ, ନ୍ୟୁଜିଲାଣ୍ଡର କ୍ୟାପଟେନ୍ ସୋଫି ଡେଭିନି ପ୍ରଭୃତି ଖେଳାଳି ରହିଛନ୍ତି। ମାନ୍ଦାନା ସବୁଠାରୁ ଦାମୀ ଖେଳାଳି ଭାବେ ଅକ୍ସନ ହୋଇଛନ୍ତି। ସେ ଏହି ଗେମ୍ ଖେଳିବା ନିମନ୍ତେ ୩.୪ କୋଟି ଟଙ୍କା ପାଇବେ।

## ଆଉ ନାହାନ୍ତି ପ୍ରଖ୍ୟାତ ଚିତ୍ରଶିଳ୍ପୀ ଲଳିତା

ଦେଶର ଅନ୍ୟତମ ପ୍ରସିଦ୍ଧ ଚିତ୍ରଶିଳ୍ପୀ ତଥା ଦିବଗଂତ ଅଭିନେତା ଓ ଫିଲ୍ମ ନିର୍ମାତା ଗୁରୁ ଦତ୍ତଙ୍କ ଭଉଣୀ ଲଳିତା ଲାଜମି ଆଉ ନାହାନ୍ତି। ଆଜି ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ନ୍ୟାଶନାଲ ଗ୍ୟାଲେରି ଅଫ ମର୍ଡନ ଆର୍ଟ(ଏନଜିଏମଏ) ପକ୍ଷରୁ ଏହି ଦୁଃଖଦ ଖବର ସମସ୍ତଙ୍କୁ ଦିଆଯାଇଛି।

ଲଳିତାଙ୍କ ଗୋଟିଏ ଫଟୋ ପୋଷ୍ଟ କରି ଏନଜିଏମଏ ପକ୍ଷରୁ ଲେଖାଯାଇଛି ଯେ "ଅତ୍ୟନ୍ତ ଦୁଃଖ ଓ ମର୍ମାହତ ହୋଇ ଏନଜିଏମଏ, ମୁମ୍ବାଇ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର ଏହା କହିବାକୁ ଚାହୁଁଛନ୍ତି ଯେ କିମ୍ବଦନ୍ତୀ କଳାକାର ଓ ପ୍ରିଣ୍ଟମେକର ଲଳିତା ଲାଜମି ଆଉ ନାହାନ୍ତି। ଘଟଣା ସକାଳେ ସେ ଆମ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ତାଙ୍କ ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି।"



୧୯୩୨ ମସିହାରେ ଲଳିତା କୋଲକାତାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ଜଣେ କବି ଓ ମା' ଜଣେ ଲେଖକ ଥିଲେ। ସେ ନିଜେ ନିଜେ ହିଁ ବିଭିନ୍ନ କଳା ପ୍ରତି ଆଗ୍ରହ ଦେଖାଇଥିଲେ। ପାରମ୍ପରିକ ନୃତ୍ୟ ପ୍ରତି ତାଙ୍କର ବେଶ ଆଗ୍ରହ ଥିଲା। ଦୀର୍ଘ ଦଶନ୍ଧି ଧରି ସେ ପ୍ୟାରିସ, ଲଣ୍ଡନ ଓ ନେଦରଲ୍ୟାଣ୍ଡ୍ସ ଭଳି ଅନ୍ତର୍ଜାତୀୟ ମେଳାରେ ତାଙ୍କ ଦ୍ୱାରା ଅଙ୍କିତ ଚିତ୍ରକୁ ପ୍ରଦର୍ଶନ କରାଯାଉଥିଲା।

ସେ ୱାଟରକଲରିଷ୍ଟ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ସେ ତାଙ୍କ ହାତର ଯାଦୁରେ ମର୍ଡନ ଭାରତର ମହିଳାଙ୍କୁ ଚିତ୍ରଣ କରୁଥିଲେ। ମହିଳା ଓ ପୁରୁଷ ମଧ୍ୟରେ ଥିବା ଗୁପ୍ତ ଟେନସନକୁ ସେ ସବୁବେଳେ ଦେଖାଇବାକୁ ଚେଷ୍ଟା କରୁଥିଲେ। ଚିତ୍ରକଳା ଓ ଡ୍ୟାନ୍ସ ବ୍ୟତୀତ ଲଳିତା ବଲିଉଡ ଫିଲ୍ମ ତାରେ ଜମୀନ ପରରେ ଛୋଟିଆ ଅଭିନୟ କରିଥିଲା। ସେ ସିନେମାରେ ଅନୁଷ୍ଠିତ ଇଣ୍ଟ୍ରା ସ୍କୁଲ ଆର୍ଟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ।

ତାଙ୍କ ବିୟୋଗରେ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବିଗ୍‌ବସ୍-୧୬ ବିଜେତା ହେଲେ ରାପର୍ ଏମ୍‌ସି ଷ୍ଟାନ୍

ବିଗ୍‌ବସ୍-୧୬କୁ ମିଳିଗଲା ବିଜେତା। ୧୯ ସପ୍ତାହର ଅପେକ୍ଷା ପରେ ଲୋକପ୍ରିୟ ରିଆଲିଟି ଶୋ' ବିଗ୍‌ବସ୍ ସରିଛି। ଆଉ ୱିନର୍ ପାଲଟିଛି ବସ୍ତି କା ହସ୍ତି ଏମ୍‌ସି ଷ୍ଟାନ୍। ପ୍ରିୟଙ୍କା ଚହର ଚୌଧୁରୀଙ୍କୁ ହରାଇ ସମସ୍ତଙ୍କୁ ଚକିତ କରି ବିଗ୍‌ବସ୍-୧୬ର ଟ୍ରଫି ହାତେଇଛନ୍ତି ରାପର୍ ଏମ୍‌ସି। ଆଉ ରନରସ୍ ଅପ ହୋଇଛନ୍ତି କମନ୍ ମ୍ୟାନ୍ ଶିବ ଠାକରେ।

୪ ମାସର ଏହି ଯାତ୍ରାରେ ବହୁ ଗଣ୍ଡଗୋଳ, ବିବାଦ, ନନଷ୍ଟପ୍ ଡ୍ରାମା ପରେ ଶେଷରେ ବିଜେତା ଘୋଷିତ ହୋଇଛନ୍ତି ଏମସି ଷ୍ଟାନ। ତାଙ୍କୁ ୩୧ ଲକ୍ଷ ୮୦ ହଜାର ଟଙ୍କାର ପୁରସ୍କାର ସହ ଏକ ବ୍ରାଣ୍ଡ ନ୍ୟୁ କାର ଉପହାର ମିଳିଛି। ହୋଷ୍ଟ ସଲମନ ଖାନ ତାଙ୍କୁ ଟ୍ରଫି ପ୍ରଦାନ କରୁଥିବା ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି।

ଗ୍ରାଣ୍ଡ ଫିନାଲେ ପୂର୍ବରୁ ଅଧିକାଂଶ ପବ୍ଲିକ ପୋଲିଂରେ ପ୍ରିୟଙ୍କା ନଚେତ ଶିବ ଠାକରେ ବିଜେତା ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରି ବିଗବସ୍ ଟ୍ରଫି ବାଜି ମାରିନେଇଛନ୍ତି ରାପର୍ ଏମ୍‌ସି ଷ୍ଟାନ୍। ସେ ବିଜେତା ହେବା ପରେ ଅନେକ ଲୋକେ ଚକିତ ହୋଇପଡିଛନ୍ତି।



ଏମସି ଷ୍ଟାନ ଫାଇନାଲ ପର୍ଯ୍ୟନ୍ତ ସେ ଯେମିତି ଥିଲେ ସେମିତି ରହିଥିଲେ। ସେ ପରିବର୍ତନ ହୋଇନଥିବାରୁ ଦର୍ଶକଙ୍କ ହୃଦୟ ଜିତିପାରିଥିଲେ। ତେବେ ଗ୍ରାଣ୍ଡ ଫିନାଲେରେ ପ୍ରିୟଙ୍କା ଓ ଏମ୍‌ସି ଷ୍ଟାନ୍‌ଙ୍କୁ ଛାଡି ମୋଟ ୫ ଜଣ ପ୍ରତିଯୋଗୀ ରହିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଶାଲିନ ଭନଟ, ଅର୍ଚ୍ଚନା ଗୌତମ ଓ ଶିବ ଠାକରେ। ତେବେ ଗ୍ରାଣ୍ଡ ଫିନାଲେ ଦିନ ପ୍ରଥମେ ୫ ଫାଇନାଲିଷ୍ଟଙ୍କ ମଧ୍ୟରୁ ଶାଲିନ ଭନୋଟ୍ ଆଉଟ୍ ହୋଇଥିଲେ। ଏହାପରେ ଭୋଟ ଅଭାବ ଯୋଗୁ ଫାଇନ୍ ୪ରୁ ଆଉଟ୍ ହୋଇଥିଲେ ଅର୍ଚ୍ଚନା ଗୌତମ। ଶେଷରେ ପ୍ରିୟଙ୍କା ମଧ୍ୟ ଫାଇନାଲ ୩ରୁ ପତ୍ତା କଟ୍ ହୋଇଥିଲା।

ସେପଟେ ଏମ୍‌ସି ଷ୍ଟାନ୍ ବିଜେତା ହେବା ପରେ ଅନେକ ଲୋକ ନିରାଶ ହୋଇପଡିଛନ୍ତି। ସୋଶାଲ ମିଡିଆରେ ବିଗ୍ ବସ୍ ଫ୍ୟାନ୍‌ମାନେ ମେକର୍ସଙ୍କ ଏହି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି। ୟୁଜର୍ସମାନେ ବିଗ୍‌ବସ୍‌କୁ ଫିକ୍ସଡ୍ ଓ ସ୍କ୍ରିପଟେଡ୍ ବୋଲି କହିଛନ୍ତି। ଲୋକଙ୍କ କହିବା କଥା ଯିଏ ପୂରା ଶୋ'ରେ କିଛି କରି ନାହିଁ, ତାଙ୍କୁ କିଭଳି ଶୋ'ର ବିଜେତା ଘୋଷଣା କରାଗଲା। ସଲମାନ ଖାନ ମଧ୍ୟ ଏମ୍‌ସି ଷ୍ଟାନ୍ ବିଗ୍‌ବସର ୱିନର୍ ବନିଥିବା ନେଇ ଖୁସି ନଥିବା ଲୋକେ କହୁଛନ୍ତି। ଏଥିସହ କଲର୍ସ ଚ୍ୟାନେଲକୁ ୟୁଜର୍ସମାନେ ନିନ୍ଦା କରିଛନ୍ତି।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty